# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 2/2023 Page 16 ₹ 7.00

୪୯ଶ ଭାଗ ୨୭୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 278 ମୂଲ୍ୟ ₹୭/-






KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f YouTube

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨/୨୦୨୩ | Bhubaneswar, Saturday, September 2/2023 | ପୃଷ୍ଠା-୧


# ସାଙ୍ଗରେ ମିଶି ଲଢ଼ିବୁ




'ଜୁଡ଼େଗା ଭାରତ, ଜିତେଗା ଇଣ୍ଡିଆ' ସ୍ଲୋଗାନ ଦେଇ ବିରୋଧୀ ମେଣ୍ଟ 'ଇଣ୍ଡିଆ' ଏବେ ବଳ ଗୋଟାଇବାରେ ଲାଗିଲାଣି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ତାହାକୁ ଉପଲକ୍ଷ୍ୟ କରି ମୁମ୍ବାଇ ବୈଠକରେ ସାଙ୍ଗରେ ମିଶି ଲଢ଼ିବୁ' ବୋଲି ମେଣ୍ଟ ପକ୍ଷରୁ କୁହାଯାଇଛି।

## ବିରୋଧୀ ଏକାଠି ହେଲେ ଭାଜପା ଜିତିବା ଅସମ୍ଭବ: ରାହୁଲ

**ମୁମ୍ବାଇ,୧।୯**

୨୦୨୪ ଲୋକ ସଭା ନିର୍ବାଚନ ଯେତେଦୂର ସମ୍ଭବ ଏକାଠି ଲଢ଼ିବା ପାଇଁ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ମୁମ୍ବାଇରେ ଅନୁଷ୍ଠିତ ବୈଠକର ଶେଷଦିନରେ ନିଷ୍ପତ୍ତି ନିଆଯାଇଛି। ଇଣ୍ଡିଆ ମେଣ୍ଟ ଭାରତ ଜନସଂଖ୍ୟାର ୬୦ ପ୍ରତିଶତର ପ୍ରତିନିଧିତ୍ୱ କରୁଛି। ବିରୋଧୀ ଏକାଠି ହେଲେ ନିର୍ବାଚନ ଜିତିବା ଭାଜପା ପାଇଁ ଅସମ୍ଭବ ହୋଇପଡ଼ିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସର୍ବାଧିକ ପ୍ରଭାବୀ ଢଙ୍ଗରେ ବିରୋଧୀ ନେତାମାନେ ଏକାଠି ହେବାକୁ କଂଗ୍ରେସ ନେତା ଆହ୍ୱାନ ☞ପୃଷ୍ଠା-୨

# ଆଜି ସୂର୍ଯ୍ୟାଭିମୁଖୀ ଆଦିତ୍ୟ-ଏଲ୍‌୧ ମିଶନ

## ସୌରମଣ୍ଡଳର ଆଲୋକବଳୟ ବିଷୟରେ ତଥ୍ୟ ମିଳିବ

**ଶ୍ରୀହରିକୋଟା,୧।୯**

ଭାରତର ପ୍ରଥମ ସୂର୍ଯ୍ୟ ମିଶନ 'ଆଦିତ୍ୟ-ଏଲ୍‌୧' ଶନିବାର ସୂର୍ଯ୍ୟ ଅଭିମୁଖେ ଯାତ୍ରା ଆରମ୍ଭ କରିବ। ଏଥିପାଇଁ ଅବଗଣନା ଆରମ୍ଭ ହୋଇଯାଇଛି ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପକ୍ଷରୁ କୁହାଯାଇଛି। ଶନିବାର ପୂର୍ବାହ୍ନ ୧୧.୫୦ ମିନିଟ୍‌ରେ ଏହା ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତିଶ ଧାୱନ ମହାକାଶ କେନ୍ଦ୍ରରୁ ଉତ୍‌କ୍ଷେପଣ କରାଯିବ। ଚନ୍ଦ୍ରୟାନ-୩ର ସଫଳତା ପରେ ଭାରତ ସୂର୍ଯ୍ୟ ମିଶନ ଆରମ୍ଭ କରିବାକୁ ଯାଉଛି। ଇସ୍ରୋ ପକ୍ଷରୁ ଶୁକ୍ରବାର ମଧ୍ୟାହ୍ନ ୧୨.୧୦ରେ ଏକ ଟୁଇଟ୍‌ରେ କୁହାଯାଇଛି, ସୂର୍ଯ୍ୟ ମିଶନ ଆରମ୍ଭ ହେବା ଲାଗି ଆଉ ୨୩ ଘଣ୍ଟା ୪୦ ମିନିଟ୍ ରହିଲା। ଏହି ମିଶନ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ୧୨୫ ଦିନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ନକଲି ଆକାଉଣ୍ଟ ଚିନ୍ତା










# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କରମ ଗୁଣେ କରମଙ୍ଗା ଫଳଇ**
**ଲାଉ ଲଗାଇଲେ ଚଲଣା ଫଳଇ।**

ମଣିଷ ନିଜ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଏ। ତେବେ ଭାଗ୍ୟ ମନ୍ଦ ପଡ଼ିଲେ କର୍ମ ଫଳ ମଧ୍ୟ ମନ୍ଦ ହୋଇଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**କଥାର ସନ୍ଧି**
**କୁଆ ଧାନ ଖାଏ ବୋହୂକୁ ବାନ୍ଧି।**

ଏପରି କିଛି କଥା ଅଛି ଯାହା କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଅନ୍ୟାୟରେ ବା ଅଯଥାରେ ଅନ୍ୟକୁ ଅଭିଯୁକ୍ତ କରି ଫାଇଦା ହାସଲ କରିଥିବା ବ୍ୟକ୍ତି ସାଧାରଣତଃ ଧୂର୍ତ୍ତ ପ୍ରକୃତିର ହୋଇଥାନ୍ତି। ଏଭଳି ବ୍ୟକ୍ତିଙ୍କୁ ଆମ ସମାଜରେ ନିନ୍ଦା ଅପବାଦ ମିଳୁଥିବା ବେଳେ ତାଙ୍କ ପ୍ରତି ଏପରି କଟୂକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ରେଲୱେ ବୋର୍ଡର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଜୟା ବର୍ମା ସିହ୍ନା

ନୂଆଦିଲ୍ଲୀ,୧।୯(ପି.ଆଇ.ବି.)


ଜୟା ବର୍ମା ସିହ୍ନା

ଭାରତୀୟ ରେଲୱେ ଟ୍ରାଫିକ୍ ସେବା (ଆଇଆର୍‌ଟିଏସ୍) ବରିଷ୍ଠ ଅଫିସର ଜୟା ବର୍ମା ସିହ୍ନା ଶୁକ୍ରବାର ରେଳଭବନରେ ରେଲୱେ ବୋର୍ଡ (ରେଳ ମନ୍ତ୍ରଣାଳୟ)ର ନୂଆ ଅଧ୍ୟକ୍ଷ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପ୍ରଥମ ମହିଳା ଭାବେ ଭାରତୀୟ ରେଲୱେର ଏହି ଶୀର୍ଷ ପଦରେ ନିଯୁକ୍ତି ପାଇଛନ୍ତି। ଏଥିପାଇଁ କେନ୍ଦ୍ର କ୍ୟାବିନେଟ୍ ଗୁରୁବାର ସ୍ୱୀକୃତି ଦେଇଥିଲା। ୧୯୮୮ରେ ସେ ଆଇଆର୍‌ଟିଏସ୍‌ରେ ଯୋଗଦେଇଥିଲେ। ଭାରତୀୟ ରେଳରେ ନିଜର ୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟ କ୍ୟାରିୟରରେ ସେ ରେଲୱେ ବୋର୍ଡର ସଦସ୍ୟ (ସଞ୍ଚାଳନ ଏବଂ ବ୍ୟବସାୟ ବିକାଶ), ଅତିରିକ୍ତ ସଦସ୍ୟ, ଟ୍ରାଫିକ ପରିବହନ ପରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ସେ ପ୍ରଥମ ମହିଳା ଭାବେ ଦକ୍ଷିଣ ପୂର୍ବ ରେଳପଥର ପ୍ରଧାନ ମୁଖ୍ୟ ପରିଚାଳନା ପ୍ରବନ୍ଧକ ଭାବେ ମଧ୍ୟ ନିଯୁକ୍ତି ପାଇଥିଲେ। ସେ ବାଂଲାଦେଶର ଢାକାରେ ଭାରତୀୟ ହାଇକମିଶନରେ ରେଳ ପରାମର୍ଶଦାତା ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କର ଏହି କାର୍ଯ୍ୟକାଳ ସମୟରେ କୋଲକାତାରୁ ଢାକା ପର୍ଯ୍ୟନ୍ତ ମୈତ୍ରୀ ଏକ୍ସପ୍ରେସ୍ ଉଦ୍‌ଘାଟନ କରାଯାଇଥିଲା।

# କାଳିଆ ପାଖକୁ ରାଖୀ ପଠାଇ ଚର୍ଚ୍ଚାରେ ସାଇ ସୁକନ୍ୟା

## ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆସିଲା ଧନ୍ୟବାଦ ପତ୍ର

ଭଦ୍ରକ, ୧।୯ (ସନାତନ ରାଉତ)


ସାଇ ସୁକନ୍ୟା

ଭାବର ଠାକୁର କାଳିଆ ପାଖକୁ ରାଖୀ ପଠାଇ ଚର୍ଚ୍ଚାକୁ ଆସିଛନ୍ତି ଭଦ୍ରକ ଜିଲା ତିହିଡ଼ି ଅଞ୍ଚଳର ସାଇ ସୁକନ୍ୟା। ଜଗନ୍ନାଥ ଓ ବଳଭଦ୍ରଙ୍କୁ ନିଜର ବଡ଼ଭାଇ ମାନି ତିହିଡ଼ି ବ୍ଲକ ବାମନବିନ୍ଧା ଗ୍ରାମର ସଞ୍ଜୟ ମହାନ୍ତିଙ୍କ ଝିଅ ତଥା ଷଷ୍ଠ ଶ୍ରେଣୀ ଛାତ୍ରୀ ସାଇ ସୁକନ୍ୟା(୧୧) ସ୍ନେହରେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଡାକ ଯୋଗେ ରାଖୀ ପଠାଇଥିଲେ। ରାଖୀ ସହ ୫୦୦ ଟଙ୍କା ପଠାଇ ମୋ ବଡ଼ ଭାଇମାନଙ୍କୁ ରାଖୀ ବାନ୍ଧି ମୁଁ ଦେଇଥିବା ଟଙ୍କାରେ ମିଠା କିଣି ଖାଇବାକୁ ଦେବାକୁ ସେ ଚିଠିରେ ଲେଖିଥିଲେ। ରାଖୀ ପାଇବା ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଗ୍ରହଣ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ଏକ ଧନ୍ୟବାଦ ପତ୍ର ଶୁକ୍ରବାର ସାଇ ସୁକନ୍ୟାଙ୍କ ପାଖକୁ ଆସିଛି। ବଡ଼ଠାକୁରଙ୍କ ଆଶୀର୍ବାଦ ସ୍ୱରୂପ ନିର୍ମାଲ୍ୟ, ରଥ ଦଉଡ଼ି ଓ ରଥକାଠ ତାଙ୍କ ପାଖକୁ ପଠାଯାଇଛି। ଆପଣ ପଠାଇଥିବା ରାଖୀ ହସ୍ତଗତ ହୋଇଛି। ବଡ଼ଠାକୁର ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଲାଗି କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି ଆସିଥିବା ଚିଠିରେ ଉଲ୍ଲେଖ ରହିଛି।

# ୨ରୁ ୮ ଯାଏ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧।୯(ଅନିଲ ଦାସ)

ବର୍ଷାକୁ ଅନାଇ ଚାଷ ଉଜୁଡ଼ିବାକୁ ବସିଲାଣି। ଏଭଳି ସ୍ଥିତିରେ ଆସନ୍ତା ୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହେବାକୁ ଥିବା ଘୂର୍ଣ୍ଣିବଳୟ ଚାଷୀଙ୍କ ମନରେ ଆଶାସଞ୍ଚାର କରିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଘୂର୍ଣ୍ଣିବଳୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇପାରେ। ଏହାର ପ୍ରଭାବରେ ଆସନ୍ତା ୩ ତାରିଖରୁ ରାଜ୍ୟରେ ପାଗ ପରିବର୍ତ୍ତନ ହେବ। ବର୍ଷା ପରିମାଣ ବଢ଼ିବ। ୩ ଓ ୪ ତାରିଖରେ ରାଜ୍ୟର କେତେକ ଜିଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ସୂଚନା

## ୪୮ ଘଣ୍ଟାରେ ଲଘୁଚାପ

ଦିଆଯାଇଛି। ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ଶନିବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗୀର, ସୋନପୁର, ମାଲକାନଗିରି, କୋରାପୁଟ, କନ୍ଧମାଳ, ବୌଦ୍ଧ, ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ଜିଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୩ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭବନା ରହିଛି। ମାତ୍ର ୪ ଓ ୫ ତାରିଖରେ ରାଜ୍ୟରେ ବର୍ଷା ବୃଦ୍ଧି ପାଇବ। ଆସନ୍ତା ୮ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସୂଚନାଥାଉ କି, ଗତ ୧୫ ଦିନ ହେବ ରାଜ୍ୟରୁ ମୌସୁମୀ ଏକପ୍ରକାର ଉଭାନ ହୋଇଯାଇଛି। ରାଜ୍ୟରେ ସ୍ୱାଭାବିକଠାରୁ ୧୫ ପ୍ରତିଶତ କମ୍ ବର୍ଷା ହୋଇଛି। ଜୁନ୍ ପହିଲାରୁ ସେପ୍ଟେମ୍ବର ୧ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୯୨୨.୩ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ମାତ୍ର ୭୮୪.୯ ମିଲିମିଟର। ରାଜ୍ୟର ୧୧ ଜିଲାରେ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି।

# କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ବିଜ୍ଞପ୍ତି

ନୟାଗଡ଼,୧।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିପାରିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜିଓଗ୍ରାଫିକାଲ୍ ଇଣ୍ଡିକେଶନ(ଜିଆଇ) ଟ୍ୟାଗ୍ ମାନ୍ୟତା ପାଇଁ ଅଗଷ୍ଟ ୩୧ ଗୁରୁବାର ଜର୍ନାଲ ନଂ. ୧୭୮ରେ ପବ୍ଲିକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନୟାଗଡ଼ ଜିଲାର ଦାବି ବହୁ ଦିନ ପରେ ସଫଳ ହେବାକୁ ଯାଉଛି। କେହି ଦାବିଦାର ନ ରହିଲେ ୩ ମାସ ପରେ କେନ୍ଦ୍ର ସରକାର କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ କରିବେ।

କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ୭୩୯ ନଂ. ଦରଖାସ୍ତରେ ବାଣପୁର ଗାଁର ନୀଳମାଧବ କୃଷି ସଙ୍ଗଠନ ପକ୍ଷରୁ ଆବେଦନ କରାଯାଇଥିଲା। ଜିଲା କୃଷି ବିଜ୍ଞାନ ପକ୍ଷରୁ ଏଥିପାଇଁ ଆବଶ୍ୟକ କାଗଜାତ ଓୟୁଏଟି ମାଧ୍ୟମରେ ଜିଓଗ୍ରାଫିକାଲ୍ ଇଣ୍ଡିକେଶନସ୍ ରେଜିଷ୍ଟ୍ରି ଚେନ୍ନାଇରେ ୨୦୨୧ରେ ଆବେଦନ ହୋଇଥିଲା। ଏନେଇ ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅନିଲ କୁମାର ସ୍ୱାଇଁ କୁହନ୍ତି, କଣ୍ଟେଇମୁଣ୍ଡି ବାଇଗଣ ପ୍ରଥମେ କଣ୍ଟିଲୋରେ ହୋଇଥିଲା। ପରେ ଏହା ମହାନଦୀ ପଠା ବଡ଼ବାଣପୁର, ରତନପୁର, ଧାନଚାଙ୍ଗଡ଼ା, ଲକ୍ଷ୍ମୀପ୍ରସାଦ, କୁମୁଣ୍ଡି, ଫତେଗଡ଼ରେ ଚାଷ କରାଯାଇଥିଲା। ଧୀରେ ଧୀରେ ଜିଲାର ବିଭିନ୍ନ ଅଞ୍ଚଳରେ କଣ୍ଟେଇମୁଣ୍ଡି ବାଇଗଣ ଚାଷ ହେଉଛି।



ଏହାର ଗଛ, ପତ୍ର, ଫଳରେ କଣ୍ଟା ଥାଏ। ବାଇଗଣ ଦେଖିବାକୁ ନୀଳରଙ୍ଗର ଓ ଗୋଲାକାର। ଏହାର ଲମ୍ବା ୩.୮୧ ଓ ଓସାର ୧୫ ସେମି.। ଗଛର ଉଚ୍ଚତା ୬୧ରୁ ୬୫ ସେମି.। ବାଇଗଣ ଛୋଟ ଛୋଟ ହୋଇଥିଲେ ହେଁ ଅଧିକ ମଞ୍ଜି ଥାଏ। କିନ୍ତୁ ଅଧିକ ସ୍ୱାଦିଷ୍ଟ। ବାଇଗଣ ଗଛରେ ୩୦ରୁ ୩୫ ଦିନ ମଧ୍ୟରେ ଫଳ ଆସିଥାଏ। ଗୋଟିଏ ଗୋଟିଏ ବାଇଗଣ ୪୦ରୁ ୧୦୦ ଗ୍ରାମ ମଧ୍ୟରେ ହୋଇଥାଏ। ବାଇଗଣ ଗଛର ରୋଗ ନିରାକରଣ ଶକ୍ତି ଅଧିକ ପରିମାଣରେ ଥାଏ। ୧୦୦ ବର୍ଷ ତଳୁ ଜିଲାରେ କଣ୍ଟେଇମୁଣ୍ଡି ବାଇଗଣ ଚାଷ ହୋଇ ଆସୁଛି। ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩ ମାସ ପରେ କେହି ଦାବିଦାର ନ

## ଦାବିଦାର କେହି ନ ରହିଲେ ୩ ମାସ ପରେ ମିଳିବ ମାନ୍ୟତା

ହେଲେ ନୟାଗଡ଼ ଜିଲାର କଣ୍ଟେଇମୁଣ୍ଡି ବାଇଗଣ ଜିଆଇ ଟ୍ୟାଗ୍ ମାନ୍ୟତା ସୁବିଧାରେ ପାଇବ।

ଏ ସଂକ୍ରାନ୍ତରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ୨୦୨୧ରେ ଆବେଦନ କରାଯାଇଥିଲା। କଣ୍ଟେଇମୁଣ୍ଡି ବାଇଗଣ ନୟାଗଡ଼ ଜିଲାର ୟୁନିକ ପ୍ରଡକ୍ଟ। ଏହି ବାଇଗଣ ଉପରେ ଭୁବନେଶ୍ୱରରେ ୩ ଥର ସର୍ଭେ ହୋଇଛି। କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏନେଇ ଆବଶ୍ୟକ କାଗଜାତ ଉପସ୍ଥାପନ କରାଯାଇଥିଲା। ଜିଆଇ ଟ୍ୟାଗ୍‌ର ବିଜ୍ଞପ୍ତି ପରେ ବାଣପୁର ଗାଁର ନୀଳମାଧବ କୃଷି ସଙ୍ଗଠନର ଆବେଦନ ଓ ନୟାଗଡ଼ ଜିଲା ପ୍ରଶାସନର ୨ ବର୍ଷର ଚେଷ୍ଟା ସଫଳ ହୋଇଛି। କଣ୍ଟେଇମୁଣ୍ଡି ବାଇଗଣର ସଫଳତା ନୟାଗଡ଼ ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତା ଦେବା ପାଇଁ ସଫଳତାର ବାଟ ଦେଖାଇଛି ବୋଲି କହି ଜିଲାପାଳ ଖୁସି ବ୍ୟକ୍ତ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଖଜୁରୀ ଗୁଡ଼, ଢେଙ୍କାନାଳ ମଗଜି, ଶିମିଳିପାଳ କାଇ ଚଟଣୀ, କପଡ଼ାଗଣ୍ଡର ଡଙ୍ଗରିଆ କନ୍ଧ ଶାଲ୍, କୋରାପୁଟର କଳାଜିରା ଚାଉଳ, ଲାଞ୍ଜିଆସଉରା ଚିତ୍ରକଳା ପ୍ରମୁଖ ମଧ୍ୟ ଏହି ଜିଆଇ ଜର୍ଣ୍ଣାଲରେ ସ୍ଥାନ ପାଇଛି।

ପ୍ରଥମ ପୃଷ୍ଠାରୁ...

## ଆଜି ସୂର୍ଯ୍ୟାଭିମୁଖୀ...



ଲାଗିବ ବୋଲି ଇସ୍ରୋ ମୁଖ୍ୟ ଏସ୍. ସୋମନାଥ କହିଛନ୍ତି। ମିଶନ ଆରମ୍ଭ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୌରଜଗତର ସବିଶେଷ ତଥ୍ୟ ଯେପରି ମିଳିପାରିବ ତାକୁ ଦୃଷ୍ଟିରେ ରଖି ଏଲ୍-୧କୁ ବିକଶିତ କରାଯାଇଛି। ସୂର୍ଯ୍ୟ ବିଷୟରେ ଅଧ୍ୟୟନ କରିବାର ଆବଶ୍ୟକତା ବିଷୟରେ ବର୍ଣ୍ଣନା କରିବାକୁ ଯାଇ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋଫିଜିକ୍ସ (ଆଇଆଇଏ)ର ବୈଜ୍ଞାନିକ ଡ. ଆର୍. ରମେଶ କହିଛନ୍ତି, ପୃଥିବୀର ଭୂକମ୍ପ ଭଳି ସୌରଜଗତରେ ମଧ୍ୟ ଝଡ଼ ସୃଷ୍ଟି ହେଉଛି। ଏହାକୁ ସୌର କମ୍ପନ ବା କୋରୋନାଲ୍ ମାସ୍ ଇଜେକସନ୍(ସିଏମ୍ଇ) ବୋଲି କୁହାଯାଉଛି। ଏହି ପ୍ରକ୍ରିୟାରେ ଅନେକ ନିୟୁତ ଟନ୍‌ର ସୌର ଉପାଦାନ ମହାକାଶ ଆଡ଼କୁ ଆସିଥାଏ। ଏଗୁଡ଼ିକର ଗତି ପ୍ରତି ସେକେଣ୍ଡରେ ୩ ହଜାର କି.ମି. ରହିଥାଏ। ସେଥିମଧ୍ୟରୁ କିଛି ଉପାଦାନ ପୃଥିବୀ ଆଡ଼କୁ ମଧ୍ୟ ଆସିଥାନ୍ତି। ଏହା ପୃଥିବୀ ପୃଷ୍ଠରେ ପହଞ୍ଚିବା ପାଇଁ ପ୍ରାୟ ୧୫ ଘଣ୍ଟା ସମୟ ଲାଗିଥାଏ। ସେ କହିଛନ୍ତି, ପୂର୍ବରୁ ୟୁରୋପିୟନ ମହାକାଶ ସଂସ୍ଥା(ଇଏସ୍ଏ) ଏବଂ ନ୍ୟାଶନାଲ ଏରୋନାଟିକ୍ସ ଆଣ୍ଡ ସ୍ପେଶ ଆଡମିନିଷ୍ଟ୍ରେଶନ(ନାସା) ପକ୍ଷରୁ ଏଭଳି ମିଶନ କରାଯାଇଛି। ହେଲେ ଭାରତର ଆଦିତ୍ୟ ମିଶନ ସେଗୁଡ଼ିକଠାରୁ ସ୍ୱତନ୍ତ୍ର ରହିବ। ପ୍ରଥମତଃ ଏହି ମିଶନ ଜରିଆରେ ଆମେ ସୌର ମଣ୍ଡଳର ଆଲୋକବଳୟ କେଉଁଠାରୁ ଆରମ୍ଭ ହେଉଛି ସେହି ବିଷୟରେ ଅନୁଧ୍ୟାନ କରାଯାଇପାରିବୁ। ସେହିପରି ସୌରମଣ୍ଡଳରେ ଚୁମ୍ବକୀୟ ଶକ୍ତି କେଉଁ ପରିସ୍ଥିତିରେ ପରିବର୍ତ୍ତନ ହେଉଛି ସେନେଇ ମଧ୍ୟ ଜ୍ଞାନ ଆରୋହଣ କରାଯାଇପାରିବ।

## ସାଙ୍ଗରେ ମିଶି...

ଦେଇଛନ୍ତି। ଦୁଇଦିନିଆ ମୁମ୍ବାଇ ବୈଠକରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୧୪ ଜଣିଆ କେନ୍ଦ୍ରୀୟ ସମନ୍ୱୟ କମିଟି ଗଠନ ହୋଇଥିବାବେଳେ ସମସ୍ତ ଆସନ ଭାଗବଣ୍ଟା ଆଲୋଚନା ଓ ନିଷ୍ପତ୍ତି ଯଥାସମ୍ଭବ ଶୀଘ୍ର ନେବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ଇଣ୍ଡିଆ ବ୍ଲକ୍ ଭାଜପାକୁ ପରାଜିତ କରିବ ବୋଲି ରାହୁଲ ଦୃଢ଼ତାର ସହ କହିଛନ୍ତି। ଇଣ୍ଡିଆ ବ୍ଲକ୍ ମିତ୍ର ପରିବାରବାଦ ବିରୋଧରେ ଲଢ଼ି ପରାଜିତ କରିବ ବୋଲି ବୈଠକ ଶେଷରେ ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହିଛନ୍ତି। ସେ ଦୋସ୍ତି ପୁଞ୍ଜିବାଦକୁ ଲକ୍ଷ୍ୟ କରି ଏହା କହିଛନ୍ତି। ନିର୍ବାଚନ ଆସିଲେ ଭାଜପା 'ସବ୍ କା ସାଥ୍ ସବ୍‌କା ବିକାଶ' ସ୍ଲୋଗାନ ଦେଇଥାଏ। କିନ୍ତୁ ନିର୍ବାଚନ ଶେଷ ହେବା ପରେ ତାହା 'ସବ୍‌କୋ ଲାତ୍ ମିତ୍ରୋଁ କା ବିକାଶ'ରେ ବଦଳିଯାଇଥାଏ ବୋଲି ଉଦ୍ଧବ କହିଛନ୍ତି। ଇଣ୍ଡିଆ ମେଣ୍ଟ ଏହା ହେବାକୁ ଦେବ ନାହିଁ। ଏକ ଭୟହୀନ ଭାରତ ଗଠନ ଲାଗି ବିରୋଧୀ ମେଣ୍ଟ ଲଢ଼େଇ କରିବ ବୋଲି ଶିବସେନା (ୟୁବିଟି) ମୁଖ୍ୟ କହିଛନ୍ତି।

ବିରୋଧୀ ମେଣ୍ଟ 'ଇଣ୍ଡିଆ' ମେଣ୍ଟକୁ ଭାଜପା 'ଘମଣ୍ଡିଆ' କହିଥିବାରୁ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ସମାଲୋଚନା କରିଛନ୍ତି। ଶାସକ ଦଳର ମନ୍ତବ୍ୟ ଏହାର ଅହଂକାରର ପ୍ରତିଫଳନ। ଦେଶବାସୀଙ୍କ ଆଗରେ ଇଣ୍ଡିଆ ମେଣ୍ଟ ଏକ ନିର୍ଭରଯୋଗ୍ୟ ବିକଳ୍ପ ବୋଲି ପାୱାର କହିଛନ୍ତି। ମୁମ୍ବାଇର ଗ୍ରାଣ୍ଡ ହୟାଟରେ ଅନୁଷ୍ଠିତ ବୈଠକରେ ୨୮ଟି ରାଜନୈତିକ ଦଳର ୬୮ ନେତା ଯୋଗଦେଇଥିଲେ। ଇଣ୍ଡିଆ ମେଣ୍ଟର ତୃତୀୟ ବୈଠକରେ ସବୁ ଠିକ୍‌ଠାକ ଚାଲିଥିଲେ ମଧ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏକ ବଡ଼ ମତପାର୍ଥକ୍ୟ ପ୍ରଥମ ଥର ପାଇଁ ଦେଖିବାକୁ ମିଳିଥିଲା। ବୈଠକରେ ନିର୍ବାଚନ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ମତପାର୍ଥକ୍ୟ ଯୋଗୁ ରାଜନୈତିକ ପ୍ରସ୍ତାବକୁ ବାଦ୍ ଦେବାକୁ ପଡ଼ିଥିଲା। ମୁଖ୍ୟତଃ ଜାତି ଜନଗଣନା ଦାବିକୁ ଏଥିରେ ସାମିଲ କରିବାକୁ ନେଇ ବିରୋଧୀ ନେତାମାନେ ଭିନ୍ନ ମତ ଦେଇଥିଲେ। ଜେଡିୟୁ, ସମାଜବାଦୀ ପାର୍ଟି ଏବଂ ରାଷ୍ଟ୍ରୀୟ ଜନତା ଦଳ ଜାତି ଜନଗଣନା ପାଇଁ ଦାବି କରିଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ମମତା ବାନାର୍ଜୀଙ୍କ ନେତୃତ୍ୱରେ ଅନ୍ୟ ନେତାମାନେ ଏହାକୁ ବିରୋଧ କରିଥିଲେ। ସୂଚନାଯୋଗ୍ୟ, ଜୁଲାଇରେ ଅନୁଷ୍ଠିତ ବିରୋଧୀ ମେଣ୍ଟର ଦ୍ୱିତୀୟ ବୈଠକରେ ଜାତି ଜନଗଣନା କାର୍ଯ୍ୟକାରୀ କରିବା ଲାଗି ଏକ ମିଳିତ ସଂକଳ୍ପ ହୋଇଥିଲା।

### ୧୪ ଜଣିଆ ସମନ୍ୱୟ କମିଟି ଗଠନ

୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଇଣ୍ଡିଆ ମେଣ୍ଟ ଶୁକ୍ରବାର ୧୪ ଜଣିଆ ସମନ୍ୱୟ କମିଟି ଗଠନ କରିଛି। ୧୪ଟି ବିଭିନ୍ନ ଦଳରୁ ସଦସ୍ୟଙ୍କୁ କମିଟିରେ ନିଆଯାଇଛି। ତେବେ ମେଣ୍ଟର ରାଷ୍ଟ୍ରୀୟ ଆବାହକ ପଦ ପାଇଁ ଦୌଡ଼ରେ ଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ କମିଟିରେ ରଖାଯାଇ ନାହିଁ। ସେହିପରି ରାହୁଲ ଗାନ୍ଧୀ, ଅରବିନ୍ଦ କେଜ୍‌ରିୱାଲ, ମମତା ବାନାର୍ଜୀ, ମଲ୍ଲିକାର୍ଜୁନ ଖାର୍ଗେ, ଉଦ୍ଧବ ଠାକ୍‌ରେଙ୍କୁ ମଧ୍ୟ ସମନ୍ୱୟ କମିଟିରେ ନିଆଯାଇ ନାହିଁ। ଉକ୍ତ କମିଟିରେ କଂଗ୍ରେସରୁ କେ.ସି. ବେଣୁଗୋପାଳ ଥିବାବେଳେ ଏନ୍‌ସିପିରୁ ଶରଦ ପାୱାର, ଡିଏମ୍‌କେରୁ ଟି.ଆର୍. ବାଲୁ ଏବଂ ଏମ୍.କେ. ଷ୍ଟାଲିନ, ଶିବସେନା (ୟୁବିଟି)ରୁ ସଞ୍ଜୟ ରାଉତ, ଆର୍‌ଜେଡିରୁ ତେଜସ୍ୱୀ ଯାଦବ, ଟିଏମ୍‌ସିରୁ ଅଭିଷେକ ବାନାର୍ଜୀ, ଏଏପିରୁ ରାଘବ ଚଡ଼ା, ସମାଜବାଦୀ ପାର୍ଟିରୁ ଜାଭେଦ ଅଲି ଖାନ୍, ଜେଡିୟୁରୁ ଲଲନ ସିଂ, ସିପିଆଇରୁ ଡି. ରାଜା, ନ୍ୟାଶନାଲ କନ୍‌ଫରେନ୍ସରୁ ଓମାର ଅବଦୁଲ୍ଲା ଏବଂ ପିଡିପିରୁ ମେହବୁବା ମୁଫ୍‌ତି ସଦସ୍ୟ ରହିଛନ୍ତି।

### କପିଲ ସିବଲଙ୍କ ପ୍ରବେଶକୁ ନେଇ ଡ୍ରାମାବାଜି

ଗତବର୍ଷ ମେ' ୧୬ରେ କଂଗ୍ରେସ ଛାଡ଼ିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ କପିଲ ସିବଲ ଶୁକ୍ରବାର ବିରୋଧୀ ମେଣ୍ଟ ବୈଠକରେ ଅବାଞ୍ଛିତ ପ୍ରବେଶକୁ ନେଇ ଡ୍ରାମାବାଜି ଦେଖିବାକୁ ମିଳିଥିଲା। ବୈଠକରେ ଉପସ୍ଥିତ କଂଗ୍ରେସ ନେତାମାନେ ସିବଲଙ୍କ ପ୍ରବେଶକୁ ବିରୋଧ କରିଥିଲେ। ବିନା ଆମନ୍ତ୍ରଣରେ ସେ ବୈଠକରେ ପହଞ୍ଚିବାକୁ ନେଇ ପୂର୍ବତନ ସହକର୍ମୀମାନଙ୍କୁ କ୍ଷୁବ୍ଧ କରିଥିଲା। ବିରୋଧୀ ନେତାମାନଙ୍କ ଫଟୋ ସେସନ ପୂର୍ବରୁ ବରିଷ୍ଠ କଂଗ୍ରେସ ନେତା କେ.ସି. ବେଣୁଗୋପାଳ ସିବଲଙ୍କ ଉପସ୍ଥିତିକୁ ନେଇ ବୈଠକର ଆୟୋଜକ ଶିବସେନା(ୟୁବିଟି)ର ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ନିକଟରେ ଆପତ୍ତି ଉଠାଇଥିଲେ। ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବଦୁଲ୍ଲା ଏବଂ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏଥିରେ ହସ୍ତକ୍ଷେପ କରି ସିବଲଙ୍କ ଉପସ୍ଥିତିକୁ ଗ୍ରହଣ କରିନେବାକୁ ବେଣୁଗୋପାଳଙ୍କୁ ବୁଝାଇଥିଲେ। ସ୍ୱାଧୀନ ରାଜ୍ୟ ସଭା ସଦସ୍ୟ ସିବଲ ଶେଷରେ ଫଟୋ ସେସନରେ ସାମିଲ ହୋଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱାଦଶ ଚନ୍ଦ୍ର କେତୁ ନକ୍ଷତ୍ରସ୍ଥ ହେତୁ ମନ ଅସ୍ଥିର ରହିପାରେ। ଆପଣଙ୍କୁ ପାରିବାରିକ ସୁଖ ସମୃଦ୍ଧି ସାଙ୍ଗକୁ କର୍ମକ୍ଷେତ୍ରରେ ଆଶା ଅନୁଯାୟୀ ସୁଫଳ ପ୍ରଦାନ କରିବ। ଯାତ୍ରା ସମୟରେ ଅପରିଚିତଙ୍କ ସହ କଳହ ଲାଗିଯିବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ବୃଷ** ଆଜି ଏକାଦଶ ଚନ୍ଦ୍ର ଜନିତ ପୂର୍ବାହ୍ନରେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ମାତ୍ର କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ମିଥୁନ** କର୍ମକ୍ଷେତ୍ରରେ ସହମତି ଭିତ୍ତିରେ ଆଲୋଚନା କଲେ ସଫଳତାର ସମ୍ଭାବନା ସୃଷ୍ଟିହେବ। ଅଫିସ୍ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। କର୍ମସ୍ଥାନରେ ଚନ୍ଦ୍ର ହେତୁ ବନ୍ଧୁ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ସମସ୍ୟା ସୃଷ୍ଟି କରିପାରନ୍ତି।

**କର୍କଟ** ରାଶ୍ୟାଧିପ ଭାଗ୍ୟସ୍ଥାନରେ ଥିବାରୁ ସହକର୍ମୀଙ୍କ ସହଯୋଗରେ ବଡ଼ କାମଟିଏ କରିବେ। ଆତ୍ମତୃପ୍ତି ଲାଭ ସଙ୍ଗେ ସଙ୍ଗେ ପରିବାରରୁ ପ୍ରଶଂସିତ ହେବେ। କିନ୍ତୁ ଆକସ୍ମିକ ଭାବରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଦୂରଯାତ୍ରା କାଳରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ।

**ସିଂହ** ଅଷ୍ଟମ ଚନ୍ଦ୍ରଜନିତ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଜଣେ ବନ୍ଧୁଙ୍କ ସହ ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**କନ୍ୟା** ଆଜି କର୍ମାଧିପତି ଅଷ୍ଟମସ୍ଥ ଥିବାରୁ ଯେଉଁ କାମ ଆରମ୍ଭ କରିବେ ତାହା ସମ୍ପନ୍ନ କଷ୍ଟକର ହେବ। ଉତ୍ତରାଫାଲଗୁନୀର ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବଢ଼ିବ। ପରିବାରରେ ଅଶାନ୍ତ ଦୂର ହେବ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ବାଣିଜ୍ୟ, ବ୍ୟବସାୟ ତଥା ବିବାଦୀୟ ଘଟଣାରେ ବିଜୟୀ ହେବେ।

**ତୁଳା** ଆଜି ଷଷ୍ଠସ୍ଥ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିରେ ପଡ଼ି ଅଣନିଃଶ୍ୱାସୀ ହୋଇପାରନ୍ତି। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ୍ୟ ହେବେ। ବନ୍ଧୁମାନେ ସହଯୋଗ କାରଣରୁ ଶତ୍ରୁମାନେ କିଛି କରିପାରିବେ ନାହିଁ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ।

**ବିଛା** ଶୁଭ ଗ୍ରହ ପ୍ରଭାବରୁ ଅଟକି ରହିଥିବା କାମ ଆରମ୍ଭ କରିବାକୁ ମନ ବଳାଇବେ। ପ୍ରଶାସନିକ ସ୍ତରରେ, ସଭାସମିତିରେ, ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ତଥାପି ଆପଣଙ୍କ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ଧନୁ** ଚତୁର୍ଥ ଚନ୍ଦ୍ର ଯୋଗୁ ଯେଉଁ କାମ ହାତକୁ ନେଇଛନ୍ତି ତାହା ବଢ଼ାଇ ନିଅନ୍ତୁ, କିଛି ଅସୁବିଧା ହେବନି। ଅବଶ୍ୟ ସକାଳୁ ସକାଳୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ନୂତନ ଅଫିସ୍ କାମରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ।

**ମକର** ଶୁକ୍ରଙ୍କ ଦୃଷ୍ଟି ହେତୁ ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟାରୁ ହାଲୁକା ଅନୁଭବ କରିବେ। ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହୋଇ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ। ଏହା ସାଙ୍ଗକୁ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବା ହିତକର ସାବ୍ୟସ୍ତ ହେବ।

**କୁମ୍ଭ** ଆଜି ଦ୍ୱିତୀୟ ଚନ୍ଦ୍ର ହେତୁ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଭ୍ରମଣ, ସାହିତ୍ୟ, ସାମ୍ବାଦିକତା, କଳ କାରଖାନା ରାଜନୀତି, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ର ପାଇଁ ଦିନଟି ଭଲ।

**ମୀନ** ଜନ୍ମ ଚନ୍ଦ୍ର କାରଣରୁ ପୂର୍ବର ବିବାଦୀୟ ବିଷୟ ଚିନ୍ତାକରି ସମ୍ପର୍କୀୟମାନେ ମଧ୍ୟ ପାଖ ମାଡ଼ିବେ ନାହିଁ। ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ସମସ୍ୟା ମଧ୍ୟରେ ଚଳିବା କାରଣକୁ ନେଇ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଆଜି ଭାଦ୍ରବ କୃଷ୍ଣପକ୍ଷର ଅଙ୍ଗଭେଟ ତୃତୀୟା ଶନିବାର, ସେପ୍ଟେମ୍ବର ୨ ତାରିଖ, ବିଶ୍ୱ ନାରିକେଳ ଦିବସ, ରାଶି ନକ୍ଷତ୍ର- ଉତ୍ତରଭାଦ୍ରବ/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ. ୧୦।୧୩ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୪୦ ଗତେ ଘ. ୧୦।୧୩ ମଧ୍ୟେ ରାହୁକାଳ।



ଫେଡେରେଶନ ଅଫ୍ ଇଣ୍ଡିୟାନ୍ ଚ୍ୟାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି(ଫିକି)ର ମହିଳା ସଙ୍ଗଠନ ରାଷ୍ଟ୍ରୀୟ ଅଧ୍ୟକ୍ଷା ସୁଧା ଶିବ୍‌କୁମାର (ଡାହାଣରୁ ପ୍ରଥମ) ଏବଂ ଏହାର ସଦସ୍ୟାମାନେ ଶୁକ୍ରବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି।

# ଧୀରେନ୍ଦ୍ର ଓଝା ସିବିସି ମହାନିର୍ଦ୍ଦେଶକ



**ନୂଆଦିଲ୍ଲୀ, ୧।୯**

୧୯୯୦ ବ୍ୟାଚ୍ ଭାରତୀୟ ସୂଚନା ସେବା(ଆଇଆଇଏସ୍) ଅଧିକାରୀ ଧୀରେନ୍ଦ୍ର ଓଝା ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ କମ୍ୟୁନିକେଶନ(ସିବିସି)ର ମହାନିର୍ଦ୍ଦେଶକ ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସିବିସି ମହାନିର୍ଦ୍ଦେଶକ ଥିବା ବରିଷ୍ଠ ଆଇଆଇଏସ୍ ଅଧିକାରୀ ମନୀଷ ଦେଶାଇ ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେବା ପରେ ଓଝାଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି। ଏହା ପୂର୍ବରୁ ଓଝା ନୂଆଦିଲ୍ଲୀସ୍ଥିତ ଆର୍‌ଏନ୍‌ଆଇର ପ୍ରେସ୍ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରିଛନ୍ତି। ଏପରି କି ଏନ୍‌ଏମ୍‌ଡବ୍ଲ୍ୟୁ ଏବଂ ଇଏମ୍‌ଏମ୍‌ସିର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଏବେ ମଧ୍ୟ ସେ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବେ।

୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଝା ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇ ଦକ୍ଷତାର ସହ କାର୍ଯ୍ୟ ତୁଲାଇଛନ୍ତି। ସେ ଭାରତୀୟ ନିର୍ବାଚନ ଆୟୋଗର ନିର୍ଦ୍ଦେଶକ ଏବଂ ମହାନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ ହୋଇଥିଲେ। ଏପରି କି ଦୁବାଇରେ ସ୍ୱତନ୍ତ୍ର ପ୍ରତିନିଧି ଭାବେ କାର୍ଯ୍ୟ କରିଛନ୍ତି। ଓଝା ଦୂରଦର୍ଶନ ଏବଂ ଆକାଶବାଣୀର ବହୁ ପଦବୀରେ ରହି କାର୍ଯ୍ୟ କରିଛନ୍ତି।

# ଏନ୍‌ସିଇଆର୍‌ଟିକୁ ଡିମ୍ଡ ୟୁନିଭର୍ସିଟି ମାନ୍ୟତା



ଏନ୍‌ସିଇଆର୍‌ଟିର ପ୍ରତିଷ୍ଠା ଦିବସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିବୃନ୍ଦ।

**ଭୁବନେଶ୍ୱର, ୧।୯(ଅସମାପିକା ସାହୁ)**

ଜାତୀୟ ଶିକ୍ଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ(ଏନ୍‌ସିଇଆର୍‌ଟି)କୁ ଡିମ୍ଡ ଟୁ ବି ୟୁନିଭର୍ସିଟି ମାନ୍ୟତା ଘୋଷଣା କରାଯାଇଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଏନ୍‌ସିଇଆରଟିର ୬୩ତମ ପ୍ରତିଷ୍ଠା ଦିବସରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହି ବଡ ଘୋଷଣା କରିଛନ୍ତି। ଏହି ଅବସରରେ ଅଭିନନ୍ଦନ ଜଣାଇବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଶିକ୍ଷା ମନୁଷ୍ୟର ପୁରୁଷାର୍ଥକୁ ଚରିତାର୍ଥ କରିବାର ମାଧ୍ୟମ। ଏନ୍‌ସିଇଆର୍‌ଟି ଦେଶର ଶିକ୍ଷା ପ୍ରଣାଳୀରେ ଅଭୂତପୂର୍ବ ଯୋଗଦାନ ରଖିଛି। ଗବେଷଣା, ସ୍କୁଲ ଶିକ୍ଷା, ଶିକ୍ଷକ ପ୍ରଶିକ୍ଷଣ ଏବଂ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେବା ଭଳି କ୍ଷେତ୍ରରେ ଏନ୍‌ସିଇଆରଟି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗବେଷଣା ବିଶ୍ୱବିଦ୍ୟାଳୟ ଭାବରେ ପରିଣତ ଏନ୍‌ସିଇଆର୍‌ଟି ବୈଶ୍ୱିକ ସହଭାଗିତା ଦିଗରେ ନୂଆ ସୁଯୋଗ ପ୍ରଦାନ କରିବ ଏବଂ ବୈଶ୍ୱିକ ଶିକ୍ଷା ଦୃଶ୍ୟପଟ୍ଟରେ ନିଜର ଯୋଗଦାନ ରଖିବ। ଶିଶୁଙ୍କ ସାମଗ୍ରିକ ବିକାଶ ପାଇଁ ଏନ୍‌ସିଇଆର୍‌ଟି ସହ ବାଲଭବନ ଏବଂ ବାଲବାଟିକାକୁ

### ପ୍ରତିଷ୍ଠା ଦିବସ ଭେଟି

ମିଶାଇବା ପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଏନ୍‌ସିଇଆର୍‌ଟିର ଏକ ଅତ୍ୟାଧୁନିକ ଆଇସିଟି ଲ୍ୟାବକୁ ମଧ୍ୟ ଲୋକାର୍ପଣ କରିଛନ୍ତି। ମାତୃଭାଷା ଉପରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱ ଦେବା ସହ ଏନ୍‌ସିଇଆରଟିକୁ ନିଜର ୭ଟି ଆଞ୍ଚଳିକ କେନ୍ଦ୍ରରେ ଏଆର, ଭିଆର, ଏଆଇ, ଲ୍ୟାବ ସ୍ଥାପନା କରିବା ପାଇଁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ଭାରତକୁ ଗବେଷଣା ଓ ନବସୃଜନର ପେଣ୍ଠସ୍ଥଳୀ ଭାବରେ ପରିଣତ କରିବାକୁ ହେଲେ ବିଶ୍ୱର ନୂତନ ପ୍ରଯୁକ୍ତିବିଦ୍ୟା ସହ କେନ୍ଦ୍ରଗୁଡ଼ିକୁ ପ୍ରସ୍ତୁତ କରିବାକୁ ହେବ। ଏନ୍‌ସିଇଆର୍‌ଟି ଶିକ୍ଷକ ପ୍ରଶିକ୍ଷଣ ପାଠ୍ୟକ୍ରମକୁ ମଧ୍ୟ ସର୍ବୋତ୍ତମ କରିବା ଦରକାର ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର, ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକଲାନି, ଏନ୍‌ଆଇଇପିଏ କୁଳାଧିପତି ମହେଶ ଚନ୍ଦ୍ର ପନ୍ତ ପ୍ରମୁଖ ଯୋଗଦେଇଥିଲେ।

# ଖର୍ଚ୍ଚରେ ସ୍ୱଚ୍ଛତା ରଖିବାକୁ ୫-ଟି ସଚିବଙ୍କ ଗୁରୁତ୍ୱ





ବ୍ୟାସନଗର ଚାନ୍ଦମା ପଡ଼ିଆଠାରେ ଶୁକ୍ରବାର ଅନୁଷ୍ଠିତ ଅଭିଯୋଗପତ୍ର ଗ୍ରହଣ କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ଉପସ୍ଥିତ ଜନସାଧାରଣ।

**ଯାଜପୁର/ଯାଜପୁର ରୋଡ୍/କଳିଙ୍ଗନଗର, ୧।୯(ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି/ଶୁଭାଶିଷ ରାଉତ)**

### ପାଣ୍ଡିଆନଙ୍କ ଯାଜପୁର ଜିଲା ଗସ୍ତ

- ୭ ଦିନ ମଧ୍ୟରେ ମିଳିବ ଖୁସି ଖବର
- ଚାଷୀମାନଙ୍କୁ ଉଠାଜଳସେଚନ ପ୍ରକଳ୍ପ
- ପ୍ରତ୍ୟେକ ଘରକୁ ମିଳିବ ଶୁଦ୍ଧ ପାଇପ ପାଣି
- ଅଫିସରମାନେ ବୁଲିବୁଲି ଅଭିଯୋଗର ସମାଧାନ କରିବେ
- ପଣତକାନିରେ ମୁହଁ ପୋଛିଦେଲେ ମହିଳା

ଯାଜପୁର ଜିଲାର ବ୍ୟାସନଗର, ରସୁଲପୁର ବ୍ଲକର ବ୍ରହ୍ମବରଦା, ସୁକିନ୍ଦା ବ୍ଲକ ନଛିପୁରା ଏବଂ ଯାଜପୁର ଟାଉନରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଅଭିଯୋଗପତ୍ର ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ମହଲରୁ ଶତାଧିକ ଦରଖାସ୍ତ ଗ୍ରହଣ ହୋଇଛି। ଏଗୁଡ଼ିକର ସମାଧାନ ପାଇଁ ଅଫିସରମାନେ ଦାୟିତ୍ୱ ନେବେ। ଗୋଟିଏ ବି ଦରଖାସ୍ତ ଛଡ଼ାଯିବ ନାହିଁ। ମୁଖ୍ୟମନ୍ତ୍ରୀ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ଆଦି ନିର୍ମାଣ ଦାବି ଉପରେ ୭ ଦିନ ମଧ୍ୟରେ ଅର୍ଥ ମଞ୍ଜୁର କରି ଖୁସି ଖବର ଦେବେ। ଗୋଟିଏ ପଞ୍ଚାୟତରୁ ଯଦି ଅଧିକ କମ୍ୟୁନିଟି ସେଣ୍ଟର ଦାବି ହୋଇଥିବ, ତେବେ ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁର ହେଉଥିବା ଅର୍ଥର ସ୍ୱଚ୍ଛତା ସହ ଖର୍ଚ୍ଚ କରିବାକୁ ସଚିବ ପାଣ୍ଡିଆନ ଅନୁରୋଧ କରିଛନ୍ତି। ଶୁକ୍ରବାର ବ୍ୟାସନଗର ପୌର ପରିଷଦ ଚାନ୍ଦମା ପଡିଆଠାରେ ଅନୁଷ୍ଠିତ ଅଭିଯୋଗପତ୍ର ଗ୍ରହଣ କାର୍ଯ୍ୟକ୍ରମରେ ୫-ଟି ସଚିବ ଉପରୋକ୍ତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ମଞ୍ଜୁର ଅର୍ଥର ଠିକ୍ ବିନିଯୋଗ କଲେ ଦ୍ୱିତୀୟ ଓ ତୃତୀୟ କିସ୍ତି ପାଇପାରିବେ।

ରସୁଲପୁର ଏବଂ କୋରେଇ ବ୍ଲକରେ ପାନୀୟ ଜଳ ପ୍ରକଳ୍ପ ପାଇଁ ୧୪୦ କୋଟି ଟଙ୍କା ମଞ୍ଜୁର ହୋଇଛି। ପ୍ରତ୍ୟେକ ଘରକୁ ପାଇପ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦିଆଯିବ। ଚାଷୀମାନଙ୍କ ପାଇଁ ରୌଦ୍ରପୁର ଓ ତୁଳସୀପୁରଠାରେ ଏକ ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ୯୦ କୋଟି ଟଙ୍କା ମଞ୍ଜୁର ହୋଇଛି ଏବଂ ୧୨ ମାସ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଏଥିରେ ୧୦ ହଜାର ଏକର ଜମିରେ ପାଣି ମାଡ଼ିବ। ଏହାସହ ପାଣିକୋଇଲିଠାରେ ଏକ ଟ୍ରମା କେୟାର ସେଣ୍ଟର ନିର୍ମାଣ ହେଉଛି। ଏଥିପାଇଁ ୧୦୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ପ୍ରକଳ୍ପକୁ ୩ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ। ଏହାବାଦ୍ କୋରେଇ ସିଏଚ୍‌ସିର ଉନ୍ନତୀକରଣ ପାଇଁ ୨୦ କୋଟି ଟଙ୍କା, ସାଲବା, ବନ୍ଦାଲୋ, ମୁକୁନ୍ଦପୁର, ପୂର୍ବକୋଟ ଓ ବରୁଣ୍ଡେଇ ନଦୀବନ୍ଧ ରାସ୍ତା ପାଇଁ ୫୦ କୋଟି, ଏନ୍‌ଏଚ୍-୧୬ରୁ ଅଟଳପୁର ରାସ୍ତା ପାଇଁ ୧୫ କୋଟି, ବୈତରଣୀ ଡାହାଣ ପାର୍ଶ୍ୱ ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ୬୨ କୋଟି, ମୁକୁନ୍ଦପୁର ବ୍ରିଜ୍ ପାଇଁ ୧୦ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ୫-ଟି ସଚିବ ପାଣ୍ଡିଆନ କହିଛନ୍ତି।

ମିଶନ ଶକ୍ତି ମହିଳାମାନଙ୍କୁ ସଶକ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟମ ଜାରି ରଖିଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ କରୁଛନ୍ତି। ଖାଲି ପଡ଼ିଥିବା ଦୋକାନ ଗୃହଗୁଡ଼ିକୁ ମିଶନ ଶକ୍ତି ମହିଳାମାନଙ୍କୁ ବିନା ଟଙ୍କାରେ ଭଡ଼ାରେ ଦିଆଯିବ। ସେଭଳି ଦୋକାନ ଗୃହଗୁଡ଼ିକୁ ଚିହ୍ନଟ କରି ବିଡିଓଙ୍କୁ ଜଣାଇଲେ ତାହା କାର୍ଯ୍ୟକାରୀ ହେବ। ସ୍ୱାସ୍ଥ୍ୟସେବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କୁ ୧୦ ଲକ୍ଷ ଓ ପୁରୁଷମାନଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଘୋଷଣା କରି ସାରିଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ଏହାପୂର୍ବରୁ ଚାନ୍ଦମା ପଡ଼ିଆରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପାଣ୍ଡିଆନ ଓହ୍ଲାଇଥିବାବେଳେ ତାଙ୍କୁ ମହିଳାମାନେ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରିଥିଲେ। ଏପରି କି କେତେଜଣ ମହିଳା ପଣତକାନିରେ ତାଙ୍କ ମୁହଁର ଝାଳକୁ ପୋଛି ଦେଇଥିବା ଦେଖିବାକୁ ମିଳିଥିଲା।

ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଦାନଗଦି ବ୍ଲକ ନଛିପୁରା ପଞ୍ଚାୟତଠାରେ ପାଣ୍ଡିଆନ ପହଞ୍ଚି ପିଇବା ପାଣି ପାଇଁ ଯେଉଁ ସବୁ ଅଭିଯୋଗ ଆସିଛି ୨ ଦିନ ମଧ୍ୟରେ ତାହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାବାଦ ସୁକିନ୍ଦା ବ୍ଲକର ଘରେ ଘରେ ପିଇବା ପାଣି ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ୩୪୦ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। କାମ ଆସନ୍ତା ମାର୍ଚ୍ଚ ୨୦୨୪ ସୁଦ୍ଧା ଶେଷ ହେବ। ଚାଷୀମାନଙ୍କ ପାଇଁ ୧୦୪ କୋଟି ଟଙ୍କାର ମେଗା ଉଠା ଜଳସେଚନ ପ୍ରକଳ୍ପ ଚାଲିଛି। ଏଥିରେ ୯ ହଜାର ହେକ୍ଟର ଜମି ଜଳ ସେଚିତ ହେବ। ସେହିପରି ସୁକିନ୍ଦା ସିଏଚ୍‌ସିକୁ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇଦେବା ପାଇଁ ୧୫ କୋଟି ଟଙ୍କା ମଞ୍ଜୁର ହୋଇଛି। ରାସ୍ତା ଓ ପାଣ୍ଡରା ନାଳ ଉପରେ ସେତୁ ନିର୍ମାଣ ପାଇଁ ୨.୫ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଆସନ୍ତା ଡିସେମ୍ବର ସୁଦ୍ଧା ୫-ଟି ସ୍କୁଲ କାମ ଶେଷ ହେବ। ଏହାବାଦ ଟାଟା ଷ୍ଟିଲ୍-ମୂଳାସାର ରାସ୍ତା ପାଇଁ ୧୦ କୋଟି ଓ ଉଚ୍ଚବାଲି-ବାଙ୍ଗରକୋଟା ରାସ୍ତାର ଉନ୍ନତି ପାଇଁ ୧୫ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ପାଣ୍ଡିଆନ କହିଛନ୍ତି।

# ପିଆଇବି ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ମନୀଷ ଦେଶାଇ

**ନୂଆଦିଲ୍ଲୀ, ୧।୯**

ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ମନୀଷ ଦେଶାଇ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପଦବୀରୁ ଗୁରୁବାର ରାଜେଶ ମାଲହୋତ୍ରା ଅବସର ନେବା ପରେ ଦେଶାଇ ଦାୟିତ୍ୱ ନେଇଛନ୍ତି। ଦେଶାଇ ହେଉଛନ୍ତି ୧୯୮୯ ବ୍ୟାଚ୍ ଭାରତୀୟ ସୂଚନା ସେବା(ଆଇଆଇଏସ୍) ଅଧିକାରୀ। ସେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ(ସିବିସି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିସାରିଛନ୍ତି। ଏପରି କି ସେ ସରକାରୀ ବିଜ୍ଞାପନ ଏବଂ ଯୋଗାଯୋଗ କାର୍ଯ୍ୟର ତଦାରଖ କରୁଥିଲେ।

ଗତ ୩ ଦଶନ୍ଧି ଧରି ଦେଶାଇ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଚଳଚ୍ଚିତ୍ର ଡିଭିଜନର ମହାନିର୍ଦ୍ଦେଶକ, ଭାରତୀୟ ଜନସଞ୍ଚାର ସଂସ୍ଥାନର ଅତିରିକ୍ତ ମହାନିର୍ଦ୍ଦେଶକ (ପ୍ରଶାସନ ଓ ପ୍ରଶିକ୍ଷଣ), କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମେତ ଅନେକ ପଦପଦବୀରେ କାର୍ଯ୍ୟ କରିଛନ୍ତି। ଚଳଚ୍ଚିତ୍ର ଡିଭିଜନରେ ଥିବା ସମୟରେ ସେ ମୁମ୍ବାଇରେ ଭାରତୀୟ ସିନେମାର ଜାତୀୟ ସଂଗ୍ରହାଳୟ ପ୍ରତିଷ୍ଠାନ ସହ ଜଡ଼ିତ ଥିଲେ। ଦେଶାଇ ମୁମ୍ବାଇସ୍ଥିତ ପିଆଇବିରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିବା ସହିତ ଗୋଆରେ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ(ଆଇଏଫ୍‌ଏଫ୍‌ଆଇ) ସମେତ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ପରିଚାଳନା କରିଛନ୍ତି।

# ବିଧାୟକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୋମା

**ତାଳଚେର, ୧।୯(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଭରତପୁରସ୍ଥିତ କାର୍ଯ୍ୟାଳୟ ସମ୍ମୁଖରୁ ଶୁକ୍ରବାର ବିକ୍ରମପୁର ପୋଲିସ ଏକ ବୋମା ଉଦ୍ଧାର କରିଛି। ସୂଚନା ଅନୁସାରେ, ସକାଳେ ବିଧାୟକଙ୍କ କେତେଜଣ ସହଯୋଗୀ ଭରତପୁରସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଏକ ବୋମା ରହିଥିବା ଦେଖି ତୁରନ୍ତ ବିଧାୟକଙ୍କୁ ଜଣାଇଥିଲେ। ଏ ନେଇ ବିଧାୟକ ଥାନାକୁ ସୂଚନା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଉକ୍ତ ଅଞ୍ଚଳକୁ ସିଲ୍ କରିଥିଲା। ପରେ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଥିଲା। ଅନୁଗୋଳରୁ ଏକ ବୋମା ନିଷ୍କ୍ରିୟକାରୀ ଟିମ୍ ପହଞ୍ଚି ବୋମାଟିକୁ ଉଦ୍ଧାର କରିଥିଲେ। ପରେ ଏହାକୁ ଅଧିକ ପରୀକ୍ଷା ନିରୀକ୍ଷା ପାଇଁ ଲାବରେଟୋରିକୁ ପଠାଯାଇଥିଲା। ଏ ସମ୍ପର୍କରେ ତାଳଚେର ଏସ୍‌ଡିପିଓ ମାନସ ବାରିକ କହିଛନ୍ତି, ବୋମା ନିଷ୍କ୍ରିୟକାରୀ ଦଳ ବୋମାକୁ ନିଷ୍କ୍ରିୟ କରିଦେଇଛନ୍ତି। ଏବେ ଅଞ୍ଚଳ ସୁରକ୍ଷିତ ରହିଛି। ପରୀକ୍ଷା ପରେ ବିସ୍ଫୋରକ ସମ୍ପର୍କରେ ଅଧିକ ତଥ୍ୟ ଜଣାପଡ଼ିବ। ଏ ନେଇ ବିଧାୟକ ପ୍ରଧାନ କହିଛନ୍ତି, କେତେକ କୁଚକ୍ରି ଗୋଷ୍ଠୀ ଏଭଳି କାମ କରିଛନ୍ତି।



କାର୍ଯ୍ୟାଳୟ ବାହାରେ ଥିବା ବୋମା।

# ଟ୍ରାକ୍ଟରରୁ ପଡ଼ି ଶିଶୁପୁତ୍ର ମୃତ

### ପାଖରେ ବସାଇ ଖେଳାଉଥିଲେ ବାପା

**କଣ୍ଟିପାଳ, ୧।୯ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଇତାପାଣି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଟ୍ରାକ୍ଟରରେ ୮ ମାସର ପୁଅକୁ ବସାଇ ବାପା ଖେଳାଉଥିବା ବେଳେ ଅସାବଧାନତାବଶତଃ ଖସିପଡ଼ିବାରୁ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ମୃତ ଶିଶୁ ବାଲେଶ୍ୱର ଜିଲା ଖଇରା ଥାନା ଓସ୍ତାପାଳ ଗ୍ରାମର ରାଜୁ ବିରୁଆଙ୍କ ପୁଅ ବୋଲି ସୂଚନା ମିଳିଛି।

ପୋଲିସ ସୂଚନା ମୁତାବକ, ରାଜୁ ତାଙ୍କ ସ୍ତ୍ରୀ ଓ ପୁଅକୁ ନେଇ ରାଖୀ ପୂର୍ଣ୍ଣିମାରେ ଶ୍ୱଶୁର ଘର ପଇତାପାଣି ଗ୍ରାମକୁ ଆସିଥିଲେ। ଗୁରୁବାର ଶ୍ୱଶୁର ଘର ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରାକ୍ଟରରେ ପୁଅକୁ ବସାଇ ଖେଳାଉଥିଲେ। ଅସାବଧାନତାରୁ ଶିଶୁଟି ଖସି ପଡ଼ିବାରୁ ଶିଶୁଙ୍କ ମୁଣ୍ଡ ମାଡ଼ ହୋଇ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି।

# ସମ୍ପର୍କୀୟଙ୍କ ମୃତଦେହ ସତ୍କାରବେଳେ ଶ୍ମଶାନରେ ଟଳି ପଡ଼ିଲେ ଯୁବକ

**ଝରିଗାଁ, ୧।୯(କିଶୋର ଚନ୍ଦ୍ର ମଣ୍ଡଳ)**

ମଣିଷ ଜୀବନରେ ମୃତ୍ୟୁ ଯେ କେତେବେଳେ ଆସିଥାଏ ତାହା କହିବା ମୁସ୍କିଲ। ଏପରି ଏକ ଘଟଣା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାରେ ଶୁକ୍ରବାର ଘଟିଛି। ସମ୍ପର୍କୀୟଙ୍କ ମୃତଦେହ ସତ୍କାର ପାଇଁ ଶ୍ମଶାନକୁ ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି ଆତ୍ମୀୟସ୍ୱଜନ ଏବଂ ଗ୍ରାମବାସୀ। ମୃତକ ହେଲେ ତାଲିଆମ୍ବା ସାହିର ରଇନୁ ନାୟକ(୪୨)।

ସୂଚନାନୁଯାୟୀ ରଇନୁଙ୍କ ଦୂର ସମ୍ପର୍କୀୟ ଝରିଗାଁ ଅଞ୍ଚଳର ସୁଲୋଚନା ନାୟକ (୮୨)ଙ୍କ

### ମୃତ ଘୋଷଣା କଲେ ଡାକ୍ତର

ବାର୍ଦ୍ଧକ୍ୟଜନିତ କାରଣରୁ ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ହୋଇଥିଲା। ଶୁକ୍ରବାର ସକାଳ ପ୍ରାୟ ୯ଟାରେ ସୁଲୋଚନାଙ୍କ ମୃତଦେହ ସତ୍କାର ପାଇଁ ଶ୍ମସାନକୁ ନିଆ ଯାଇଥିଲା। ରଇନୁ ମଧ୍ୟ ସତ୍କାର କାର୍ଯ୍ୟରେ ଯୋଗ ଦେବାକୁ ଶ୍ମଶାନକୁ ଯାଇଥିଲେ। ସେଠାରେ ସତ୍କାର କାମରେ ସାହାଯ୍ୟ ବି କରିଥିଲେ। ଖୁଣ୍ଟ ପୋତିବା ପାଇଁ ଗାତ ଖୋଳିବାରୁ ଆରମ୍ଭକରି ଯୁଇରେ କାଠ ସଜାଡ଼ିବା ଭଳି ସବୁ କାମ ରଇନୁ କରିଥିଲେ। ହଠାତ୍ ସେ ହାଲିଆ ହୋଇ ବସିପଡ଼ିଥିଲେ ଓ ପରେ ରଇନୁ ମୂର୍ଚ୍ଛା ହୋଇଯାଇଥିଲେ। ସେଠାରେ ଉପସ୍ଥିତ ଲୋକମାନେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ରଇନୁଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଇନୁଙ୍କ ସ୍ତ୍ରୀ ଚଞ୍ଚଳା ନାୟକ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଝରିଗାଁ ଶ୍ମଶାନରେ ରଇନୁଙ୍କ ଶେଷକୃତ ସମ୍ପନ୍ନ ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨ ସେପ୍ଟେମ୍ବର, ୨୦୨୩

"ଏ ପୃଥିବୀର ଊର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି– ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। –ଶ୍ରୀଅରବିନ୍ଦ



# ନକଲି ଆକାଉଣ୍ଟ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗୁଜରାଟରେ ଆଇଏଏସ୍, ଆଇପିଏସ୍ ଅଧିକାରୀ ଏବଂ ମେଡିକାଲ ବୃତ୍ତିଧାରୀଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ଅସୁବିଧାରେ ପକାଇବା ଲାଗି ସାମାଜିକ ଗଣମାଧ୍ୟମ(ସୋସିଆଲ ମିଡିଆ)ରେ ସେମାନଙ୍କ ତଥ୍ୟ ଓ ଫଟୋକୁ ନେଇ ନକଲି ଆକାଉଣ୍ଟ ଧାରା ଦ୍ରୁତଗତିରେ ପ୍ରସାର ହେଉଛି। ସରକାରୀ ସ୍ତରରେ ଦରମା କିମ୍ବା ପେନ୍‌ସନ ତାଲିକା( ସିଭିଲ ତାଲିକା)ରୁ ସହଜରେ ଉପଲବ୍ଧ ହେଉଥିବା ଆଇଏଏସ୍, ଆଇପିଏସ୍ ଅଧିକାରୀଙ୍କ ତଥ୍ୟକୁ ନେଇ ସ୍କାମରମାନେ ପ୍ରକୃତ ଚିତ୍ର ସହ ନକଲି ପ୍ରୋଫାଇଲ ସୃଷ୍ଟିକରି ଶୋଷଣ କରୁଛନ୍ତି। ଜରୁରିକାଳୀନ ଚିକିତ୍ସା ପାଇଁ ପାଣ୍ଠି ମାଗିବାକୁ ସ୍କାମରମାନେ ନକଲି ପ୍ରୋଫାଇଲକୁ ନେଇ ଷ୍ଟୋରି କରି ଲୋକଙ୍କ ମଧ୍ୟରେ ଦୟାଭାବ ସୃଷ୍ଟି କରିପାରୁଛନ୍ତି। ବରିଷ୍ଠ ଅମଲାତନ୍ତ୍ରୀଙ୍କଠାରୁ ଆରମ୍ଭକରି ଆଗଧାଡ଼ିର ଡାକ୍ତରଙ୍କ ପର୍ଯ୍ୟନ୍ତ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ତେବେ ରାଜ୍ୟ ସାଇବର କ୍ରାଇମ ୟୁନିଟ୍ ଏହି ଘଟଣାର ଯାଞ୍ଚକରି ୫୩ରୁ ଅଧିକ ନକଲି ଆକାଉଣ୍ଟକୁ ବନ୍ଦ କରିଥିବା ଜଣାପଡ଼ିଛି। ଯେଉଁମାନେ ଏହି ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ୧୯୮୬ ବ୍ୟାଚ୍ ଆଇଏଏସ୍ ଅଧିକାରୀ ପଙ୍କଜ କୁମାର । ଏଥିସହ ଗୁଜରାଟ ଖଣିଜ ବିକାଶ ନିଗମର ରାଜୀବ କୁମାର ଗୁପ୍ତା ଏବଂ ଗୁଜରାଟ ରାଜ୍ୟ ମାନବାଧିକାର ଆୟୋଗର ଭାର୍ଗବୀ ଡାଭେଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ନକଲ କରାଯାଇଛି। ଗୁଜରାଟ ଜାରି ରଖିଥିବା ଡିଜିଟାଲ ଦୁର୍ନୀତି ବିରୋଧୀ ଲଢ଼େଇର ପ୍ରତିଧ୍ୱନି ଅନ୍ୟ ରାଜ୍ୟରେ ମଧ୍ୟ ଦେଖିବାକୁ ମିଳିଛି। ତେବେ ଭର୍ଚୁଆଲ କ୍ଷେତ୍ରର ସୁଦୃଢ଼ତା ପାଇଁ ଅମଲାତନ୍ତ୍ର, ନୀତ ନିର୍ଦ୍ଧାରକ ଏବଂ ନାଗରିକମାନଙ୍କର ମିଳିତ ପ୍ରୟାସ ଆବଶ୍ୟକ। ସମ୍ମିଳିତ ଭାବେ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକ ସାର୍ବଜନୀନ ତଥ୍ୟର ସୁରକ୍ଷା ଏବଂ ଉପଲବ୍ଧ ତଥ୍ୟର ଅପବ୍ୟବହାରକୁ ରୋକିବା ସକାଶେ ସମାଧାନର ନୂତନ ଉପାୟ ସହ ଆଗକୁ ଆସିବା ଦରକାର।

### ନୂଆ ପଦବୀର ପ୍ରତିଧ୍ୱନି

ଚିଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଭଳି ଜଣେ ଚିଫ୍ ଇନ୍‌ଭେଷ୍ଟିଂ ଅଫିସର ବା ମୁଖ୍ୟ ଅନୁସନ୍ଧାନକାରୀ ଅଧିକାରୀ (ସିଆଇଓ) ଆରମ୍ଭ କରିବାକୁ କେନ୍ଦ୍ର ବିଚାର କରୁଛି। ଅବସର ନେବାକୁ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ମୁଖ୍ୟ ଏସ୍.କେ. ମିଶ୍ର ଓ ସିଆଇଓ ଗଠନକୁ ନେଇ ଆଲୋଚନା ହେଉଛି। ଏହା ନିଃସନ୍ଦେହ ଯେ,୨୦୨୪ରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ପୂର୍ବରୁ ମିଶ୍ରଙ୍କ ସାମର୍ଥ୍ୟ ଉପରେ କେନ୍ଦ୍ରର ବିଶ୍ୱାସ ରହିଥିବାରୁ ଏହି ଚର୍ଚ୍ଚା ଆହୁରି ଅଧିକ ହେବାରେ ଲାଗିଛି। ଯଦି ଏହା ବାସ୍ତବ ରୂପ ନିଏ, ତେବେ ମିଶ୍ର ଦେଶର ପ୍ରଥମ ସିଆଇଓ ଭାବରେ ସ୍ଥାନିତ ହେବେ ଓ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏଜେନ୍ସିକୁ ତଦାରଖ କରିବେ। ତେବେ ଏହିସବୁ ନିଯୁକ୍ତି ଉପରେ ସରକାର ବ୍ୟାପକ ନିୟନ୍ତ୍ରଣ ରଖିବାକୁ ଆତୁର ବୋଲି ନିକଟରେ ମିଶ୍ରଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରା ହୋଇଥିବା ଅନୁଧ୍ୟାନରୁ ସଙ୍କେତ ମିଳିସାରିଛି। ଉଲ୍ଲେଖଯୋଗ୍ୟ, ପ୍ରମୁଖ ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସିଆଇଓ ଭୂମିକା ଗ୍ରହଣ କରିବ ବୋଲି ସରକାର ବିଚାର କରୁଛନ୍ତି ଓ ସିଆଇଓ ସଚିବ ର୍ୟାଙ୍କ୍‌ର ହେବ ବୋଲି ଆଶା କରାଯାଉଛି। ଖାଲି ସେତିକି ନୁହେଁ, ସେପ୍ଟେମ୍ବର ୧୫, ୨୦୨୩ରେ ମିଶ୍ରଙ୍କ ବିଦାୟ ପୂର୍ବରୁ ଏହା ଗଠନ ହେବା ସମ୍ଭାବନା ଅଛି। ଏହି ନୂତନ ପଦବୀ ଇଡି ଏବଂ ସିବିଆଇ ସହିତ ସହଭାଗୀ ହେବାକୁ ସ୍ଥିର ହୋଇଛି। କେତେଜଣ ବରିଷ୍ଠ ଅଧିକାରୀ ବିଶ୍ୱାସ କରନ୍ତି , ଏଭଳି ଘଟଣାରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପୁଣି ଥରେ ଆସିପାରେ। ସେମାନେ ମଧ୍ୟ ଭୟ କରୁଛନ୍ତି ଯେ ସିବିଆଇ ଏହାର ସ୍ଥିତି ହରାଇପାରେ ଏବଂ ଅପରପଟେ ଇଡି ଏବଂ ଆଇଟି ବିଭାଗର ଗୁରୁତ୍ୱ ବୃଦ୍ଧି ପାଇବ। ତେଣୁ, ଏହି ମାମଲାରେ ଅମଲାତାନ୍ତ୍ରିକ ପଦବୀଗୁଡ଼ିକର ପୁନର୍ଗଠନ ବାଦ୍ ବି ଅନେକ କିଛି ପ୍ରତିଧ୍ୱନିତ ହେବାରେ ଲାଗିଛି।

### ସ୍ୱଷ୍ଟ ହେଲା ବାସ୍ତବତା

ବରିଷ୍ଠ ଆଇଏଏସ୍ ଅଧିକାରୀ ଏନ୍‌ଜି ରୋବେନ ସିଂଙ୍କ ଅପ୍ରତ୍ୟାଶିତ ନିଲମ୍ବନ ଏବେ ପ୍ରଶାସନିକ କ୍ଷେତ୍ରରେ ଆଲୋଡ଼ନ ଖେଳାଇ ଦେଇଛି। ଏହି ନିଲମ୍ବନ ମଧ୍ୟ ମଣିପୁର ସମ୍ମୁଖୀନ ହେଉଥିବା ଏବକାର ଜଟିଳ ଆହ୍ୱାନର ସ୍ଥିତିକୁ ସ୍ପଷ୍ଟ କରିଛି। ରାଜ୍ୟରେ ଜାତିଗତ ହିଂସା ମଧ୍ୟରେ ସୁରକ୍ଷା ସମସ୍ୟାକୁ ଦର୍ଶାଇ ଜିରିବମ ଜିଲାର ଡେପୁଟି କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ସିଂ ମନା କରିଦେଇଛନ୍ତି। ଅଲ୍ ଇଣ୍ଡିଆ ସର୍ଭିସ୍(ଡିସିପ୍ଲିନ ଆଣ୍ଡ ଅପିଲ) ରୁଲ୍ସ, ୧୯୬୯ର ନିୟମ ୩ ଅନୁଯାୟୀ ସିଂଙ୍କୁ ମଣିପୁର ମୁଖ୍ୟ ଶାସନ ସଚିବ ବିନିତ ଜୋଷୀ ନିଲମ୍ବନ କରିଥିଲେ। ତାଙ୍କ ନିଲମ୍ବନ ଆଦେଶକୁ ଚ୍ୟାଲେଞ୍ଜ କରିବାକୁ ସିଂଙ୍କ ନିଷ୍ପତ୍ତିରୁ ଜଣାଯାଏ ଯେ, କୁକି ସମ୍ପ୍ରଦାୟର ପ୍ରାଧାନ୍ୟ ଥିବା ଅଞ୍ଚଳରେ କାର୍ଯ୍ୟ କରିବା ବିଷୟରେ ତାଙ୍କ ମନରେ ଆଶଙ୍କା ସୃଷ୍ଟି କରିଥିଲା ଏବଂ ତାଙ୍କ ପରି ମେଇତି ଅଧିକାରୀ ବିପଦର ସମ୍ମୁଖୀନ ହେବା ସ୍ଥିତିକୁ ଦର୍ଶାଇଥିଲା। ଅତୀତରେ ହୋଇଥିବା ବାରମ୍ବାର ବଦଳିକୁ ସେ ଦର୍ଶାଇଛନ୍ତି। ଉପତ୍ୟକାରେ ସାମ୍ପ୍ରଦାୟିକ ହିଂସା ଦ୍ୱାରା ଅଧିକ ପ୍ରଭାବିତ ଜିଲାଗୁଡ଼ିକରେ ଡେପୁଟି କମିଶନର ଭାବରେ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ବୋଲି ସେଥିରୁ ଜଣାପଡ଼ିଛି। ଏହି ଅଧ୍ୟାୟଟି ସୁରକ୍ଷା ସମସ୍ୟା, ଜାତିଗତ କ୍ରିୟାଶୀଳତା ଏବଂ ମଣିପୁରରେ ରାଜ୍ୟ ପ୍ରଶାସନର ଅଭ୍ୟନ୍ତରୀଣ ଜଟିଳତାକୁ ପ୍ରତିପାଦିତ କରେ। ଏହା ମଧ୍ୟ ବହୁମୁଖୀ ବାସ୍ତବତାକୁ ପ୍ରକାଶକରେ ଯାହାକୁ ସତର୍କତାର ସହ ବିଚାର ବଂ ସମାଧାନ ଆବଶ୍ୟକ।

Email: dilipcherian@gmail.com

# ଦଳବଦଳ ବନାମ ଉତ୍ତରଦାୟିତ୍ୱ



ଲଳିତ ମୋହନ ମିଶ୍ର

ଆମ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକେ ଏକ ନିର୍ଦ୍ଦିଷ୍ଟ ଦଳର ପ୍ରତିନିଧିଙ୍କୁ ବା ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ପାଞ୍ଚ ବର୍ଷ ପାଇଁ ତାଙ୍କର ପ୍ରତିନିଧି ରୂପେ ବାଛି ସଂସଦ ଓ ବିଧାନସଭାକୁ ପଠାଇଥାଆନ୍ତି। କିନ୍ତୁ ଏବେ ଦେଖାଯାଉଛି ଯେ, କେତେକ ନିର୍ବାଚିତ ପ୍ରତିନିଧି ପାଞ୍ଚବର୍ଷର କାର୍ଯ୍ୟକାଳ ମଧ୍ୟରେ ସେମାନଙ୍କର ଦଳବଦଳ କରୁଛନ୍ତି ବା ଅନ୍ୟ ଏକ ନୂଆ ଦଳ ଗଢ଼ି ଦେଉଛନ୍ତି। ଲୋକେ ଏକ ଦଳକୁ ପାଞ୍ଚ ବର୍ଷ ପାଇଁ ଭୋଟ ଦେଇଥିବା ଯୋଗୁ ନିର୍ବାଚିତ ପ୍ରତିନିଧିମାନେ ତାଙ୍କର ସମସ୍ତ କାର୍ଯ୍ୟକାଳ, ସେହି ଦଳରେ ରହିବା ପାଇଁ ନୈତିକଭାବେ ବାଧ୍ୟ। ଏହା ଯଦି ସେମାନେ ନ କରନ୍ତି ତେବେ ସେମାନେ ମତଦାତାଙ୍କୁ ଧୋକା ଦେଉଛନ୍ତି ବୋଲି ବିଚାର କରାଯିବା ସ୍ୱାଭାବିକ। ଏହାକୁ ବିଚାରକୁ ନେଇ ଦେଶରେ ଦଳବଦଳ ନିରୋଧ ଆଇନ କାର୍ଯ୍ୟକାରୀ ହେଉଛି। କିନ୍ତୁ ଏହି ଆଇନ ଦଳବଦଳ ଭଳି ଅନୈତିକ ତଥା ଗଣତନ୍ତ୍ର ଦୁର୍ବଳକାରୀ ପନ୍ଥାକୁ ସଂପୂର୍ଣ୍ଣ ରୂପେ ହଟାଇ ପାରିନାହିଁ।

ଏକ ଦଳବଦଳ ଘଟଣା ଉପରେ ନଜର ପକାଇବା। ଗୋଆରେ ଫେବୃୟାରୀ ୨୦୨୨ରେ ଏହାର ୪୦ ବିଧାନ ସଭା ଆସନ ପାଇଁ ସାଧାରଣ ନିର୍ବାଚନ ହୋଇଥିଲା। ଏଥିରେ ଭାଜପା ୨୦ଟି ଆସନ ପାଇ ବହୁମତର ପାଖାପାଖି ଥିଲା। ଭାଜପା ୨ ସ୍ୱାଧୀନ ପ୍ରାର୍ଥୀଙ୍କର ସମର୍ଥନ ନେଇ ସରକାର ଗଠନ କଲା। କଂଗ୍ରେସ ୧୦ଟି ଆସନ ପାଇ ବିରୋଧୀ ଦଳରେ ବସିଲା। ସେପ୍ଟେମ୍ବର ୨୦୨୨ରେ କଂଗ୍ରେସର ବିରୋଧୀ ଦଳ ନେତାଙ୍କ ସମେତ ୮ ଜଣ ବିଧାୟକ ଭାଜପାରେ ମିଶିଲେ। ରାଜ୍ୟ ସରକାରରେ ଥିବା ଭାଜପା ଏହାଦ୍ୱାରା ରାଜ୍ୟରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କଲା ଓ ବିରୋଧୀ ଦଳ କଂଗ୍ରେସ ରାଜ୍ୟରେ ଅତ୍ୟନ୍ତ ଦୁର୍ବଳ ହେଲା।

୧୯୮୫ରେ ଦଳବଦଳ ନିରୋଧ ଆଇନ ୫୨ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଦେଶରେ କାର୍ଯ୍ୟକାରୀ ହେଲା ଓ ଏହା ସମ୍ବିଧାନର ୧୦ ଅନୁଚ୍ଛେଦରେ ସ୍ଥାନ ପାଇଲା। ୨୦୦୩ରେ ୯୧ତମ ସମ୍ବିଧାନ ସଂଶୋଧନ ହୋଇ ଏହି ଆଇନ ଅଧିକ ସଶକ୍ତ ହେଲା। କିନ୍ତୁ ଏହା ନିର୍ବାଚିତ ପ୍ରତିନିଧିଙ୍କ ଦଳବଦଳ ପ୍ରକ୍ରିୟାକୁ ଶତ ପ୍ରତିଶତ ଅଙ୍କୁଶ ନ ଲଗେଇ ଦୁଇ ତୃତୀୟାଂଶ ନିର୍ବାଚିତ ପ୍ରତିନିଧିଙ୍କ ଦଳ ବଦଳକୁ ସ୍ୱୀକୃତି ଦେଲା। ଗୋଆର କଂଗ୍ରେସ ବିଧାୟକମାନେ ଏହି ଗଳାବାଟର ସୁଯୋଗ ନେଇ ନିଜର ସ୍ୱାର୍ଥ ସାଧନ ପାଇଁ ବିରୋଧୀ ଦଳରୁ ଯାଇ ସରକାରୀ ଦଳରେ ମିଶିଗଲେ ଓ କ୍ଷମତା ଉପଭୋଗ କଲେ।



ଏ ଗଲା ଯେଉଁଠି ଦୁଇ ତୃତୀୟାଂଶ ବିଧାୟକ ବା ସାଂସଦ ଏକାଠି ହୋଇ ଦଳବଦଳ କରିବା କଥା। ତେବେ ସବୁବେଳେ ଏତେ ସଂଖ୍ୟାରେ ଗୋଟିଏ ଦଳର ନିର୍ବାଚିତ ପ୍ରତିନିଧିମାନେ ଏକାଠି ହୋଇ ଦଳରୁ ବାହାରିବା କଷ୍ଟ ସାଧ୍ୟ। ଏହାର କାରଣ କ'ଣ ? ସାଧାରଣତଃ ବିରୋଧୀ ଦଳର ଅସନ୍ତୁଷ୍ଟ ବା ସୁବିଧାବାଦୀ ଗୋଷ୍ଠୀଙ୍କୁ ସରକାରୀ ଦଳ, ମନ୍ତ୍ରୀ ପଦ ଓ ଟଙ୍କା ଲୋଭ ଦେଖାଇ ଦଳବଦଳ ପାଇଁ ଆକର୍ଷିତ କରିଥାଏ। ବହୁ ବିଧାୟକ, ସାଂସଦ ମନ୍ତ୍ରୀ ପଦ ପାଇଁ ଆଗ୍ରହୀ ହେବା ଓ ଅଧିକ ଟଙ୍କା ଘୋଡ଼ା ବେପାରରେ ଆଶା କରିବା ସ୍ୱାଭାବିକ। ତେଣୁ ବଡ଼ ବଡ଼ ରାଜ୍ୟର ବିଧାନସଭାରେ ଦୁଇ ତୃତୀୟାଂଶ ପ୍ରତିନିଧିଙ୍କୁ ସନ୍ତୁଷ୍ଟ କରି ଦଳବଦଳ କରାଇବା କଷ୍ଟକର। ଏ କ୍ଷେତ୍ରରେ ଏକ ନୂଆ ରାସ୍ତା ମଧ୍ୟ ଲୋକେ ପ୍ରତିନିଧିମାନେ ଆବିଷ୍କାର କରିଛନ୍ତି। ଏହି ମର୍ମରେ ମଧ୍ୟପ୍ରଦେଶର ଉଦାହରଣକୁ ଆସିବା।

ନଭେମ୍ବର ୨୦୧୮ରେ ମଧ୍ୟପ୍ରଦେଶରେ ୨୩୦ ବିଶିଷ୍ଟ ବିଧାନ ସଭା ଆସନ ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା। କୌଣସି ଦଳ ସଂଖ୍ୟାଗରିଷ୍ଠତା ପାଇ ନ ଥିଲେ। ତେବେ ଆଗୁଆ ଥିବା କଂଗ୍ରେସ ନିଜର ୧୧୪ ଆସନ ସହିତ ବିଏସ୍‌ପିର ୨, ସମାଜବାଦୀ ପାର୍ଟିର ୧ ଓ ସ୍ୱାଧୀନ ୪ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ରାଜ୍ୟ ସରକାର ଗଠନ କଲା। ମାର୍ଚ୍ଚ ୨୦୨୦ରେ ରାଜ୍ୟରେ ରାଜନୈତିକ ଅସ୍ଥିରତା ଦେଖାଗଲା। କଂଗ୍ରେସରୁ ୭୬ ବିଧାୟକ ଏକାଠି ହେଲେ ଯାଇ ସେମାନେ ଭାଜପାରେ ମିଶିପାରିବେ। ଏଥିରୁ କମ୍ ସଂଖ୍ୟକ ଦଳବଦଳ କଲେ ଗୃହରେ ଅଯୋଗ୍ୟ ହୋଇଯିବେ। ତେଣୁ କଂଗ୍ରେସର ଏକ ଗୋଷ୍ଠୀ ଭାଜପା ସହିତ ଭିତିରିଆ ଆଲୋଚନା କରି ଅନ୍ୟ ଏକ ପନ୍ଥା ବାହାର କଲେ। ୨୨ ଜଣ କଂଗ୍ରେସ ବିଧାୟକ ଗୃହରୁ ଇସ୍ତଫା ଦେଲେ। ଫଳରେ ଗୃହରେ କଂଗ୍ରେସ ସଭ୍ୟ ସଂଖ୍ୟା ୯୪କୁ ଖସିଗଲା। ଭାଜପାର ବିଧାନସଭାରେ ସଂଖ୍ୟା ଅଧିକ ହେଲା ଓ ଭାଜପା ରାଜ୍ୟରେ ସରକାର ଗଠନ କଲା। ପରେ ରାଜ୍ୟରେ ବିଧାନସଭା ଉପନିର୍ବାଚନ ଅନୁଷ୍ଠିତ ହେଲା ଏବଂ ୧୮ ଜଣ କଂଗ୍ରେସର ପୂର୍ବତନ ବିଧାୟକ ଭାଜପା ଟିକେଟରେ ନିର୍ବାଚନ ଲଢ଼ି ଜିତିଲେ। ଦେଶର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଏହି ଦଳ ବଦଳକୁ ରୋକିପାରିଲା ନାହିଁ।

ଏବେ ଆଉ ଏକ ଦଳବଦଳ ଗଳାବାଟ ଉପରେ ଆଲୋଚନା କରିବା, ଯାହାହେଲା ଦଳ ବିଭାଜନ। ୨୦୨୧ ଜୁଲାଇରେ ବିହାରର ଲୋକ ଜନଶକ୍ତି ଦଳର ବରିଷ୍ଠ ନେତା ପଶୁପତି କୁମାର ପାରଶ ଦଳର ୬ରୁ ୫ ଲୋକ ସଭା ସାଂସଦଙ୍କ ସମର୍ଥନରେ ଦଳର ଲୋକ ସଭା ନେତା ହିସାବରେ ସ୍ୱୀକୃତି ପାଇ କେନ୍ଦ୍ରମନ୍ତ୍ରୀ ହେଲେ। ସେ ନିଜକୁ ଦଳର ସଭାପତି ଭାବେ ଘୋଷଣା କଲେ। ଏହାପରେ ଦଳ ପାରଶଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି ଓ ଚିରାଗ ପାଶ୍ୱାନଙ୍କ ନେତୃତ୍ୱାଧୀନ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ)ରେ ବିଭାଜିତ ହୋଇଗଲା। ତେବେ ଏ ପ୍ରକ୍ରିୟାରେ ପଶୁପତି ଚାହିଁଥିଲେ ନିଜ ଗୋଷ୍ଠୀକୁ ନେଇ ଭାଜପାରେ ମିଶି ପାରିଥାଆନ୍ତେ, କାରଣ ତାଙ୍କ ପାଖରେ ଦୁଇ ତୃତୀୟାଂଶ ସାଂସଦ ଥିଲେ। କିନ୍ତୁ ସେ ଏହା ନ କରି ବିହାରରେ ଦଳର ଭୋଟ ବ୍ୟାଙ୍କ ସୁରକ୍ଷିତ ରଖିବା ପାଇଁ ଦଳକୁ ବିଭାଜିତ କରି ନିଜ ପାଖରେ ଏକ ଦଳକୁ ରଖିଲେ।

ସେହିପରି ମହାରାଷ୍ଟ୍ର ବିଧାନସଭାର ୨ଟି ବିରୋଧୀ ଦଳର ଅନେକ ବିଧାୟକ ଦଳବଦଳ ବାଟରେ ନ ଯାଇ ଦଳ ବିଭାଜନ ବାଟରେ ଯାଇ ରାଜ୍ୟ ସରକାରରେ ସାମିଲ ହେବା ଦେଖାଗଲା। ଲୋକେ ନିର୍ବାଚନରେ ଭୋଟ ଦେଇଥିଲେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା ଓ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିକୁ। କିନ୍ତୁ ଏହି ଦଳଗୁଡ଼ିକରୁ ସରକାରରେ ସାମିଲ ହେବା ପାଇଁ ଆଗ୍ରହୀ ବିଧାୟକମାନେ ତାଙ୍କର କାର୍ଯ୍ୟକାଳ ମଝିରେ ଦଳକୁ ବିଭାଜନ କରି ସରକାରରେ ସାମିଲ ହେଲେ।

ଆମ ଦେଶରେ ନିର୍ବାଚନକୁ ଦୁର୍ନୀତି, ଅପରାଧମୁକ୍ତ ଓ ସ୍ୱଚ୍ଛ କରିବା ପାଇଁ ତଥା ଲୋକ ପ୍ରତିନିଧି ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ପାଇଁ ଅନେକ ନିର୍ବାଚନୀ ଓ ବ୍ୟବସ୍ଥାପିକା ସଂସ୍କାର କରାଯାଇଛି। ଏବେ ଏହି ସଂସ୍କାର ପ୍ରକ୍ରିୟାକୁ ଅଧିକ ଉତ୍ତରଦାୟୀ କରିବାର ସମୟ ଆସିଛି। ପ୍ରଥମତଃ ନିର୍ବାଚନୀ ମେଣ୍ଟର ସଭ୍ୟଦଳଙ୍କୁ ନିର୍ବାଚନ ପରେ ୫ ବର୍ଷ ଯାଏ ମେଣ୍ଟ ପରିବର୍ତ୍ତନ କରାଯାଇ ନ ପାରିବା ପାଇଁ ଆଇନ ଆସିବା ଦରକାର। ଦ୍ୱିତୀୟରେ ଦଳବଦଳ ଆଇନର ସଂଶୋଧନ କରି ନିର୍ବାଚିତ ପ୍ରତିନିଧିଙ୍କ ଦଳବଦଳକୁ ସଂପୂର୍ଣ୍ଣ ଭାବେ ବେଆଇନ ଘୋଷଣା କରିବା ଦରକାର। ତୃତୀୟତଃ ନିର୍ବାଚନର ୬ ମାସ ପୂର୍ବରୁ ଏକ ନିର୍ବାଚିତ ଦଳକୁ ଭାଗ କରିବା ପାଇଁ ସୁଯୋଗ ଦେଇ ନିର୍ବାଚନ ପରେ ୪ ବର୍ଷ ୬ ମାସ ଯାଏ କୌଣସି ନିର୍ବାଚିତ ଦଳ ଯେପରି ଭାଗ ହୋଇ ନ ପାରିବ ତା' ଉପରେ ଆଇନ ଆସିବା ଆବଶ୍ୟକ।

ମୋ– ୭୦୦୮୨୩୩୭୨୯

# ଈଶ୍ୱର ବିଶ୍ୱାସ ଓ ପ୍ଲାସେବୋ ପ୍ରଭାବ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଉଦ୍ଭାବନ ଶବ୍ଦଟି ବିଜ୍ଞାନ ସହିତ ଓତପ୍ରୋତ ଭାବେ ଜଡ଼ିତ। ତେବେ, କନ୍‌ଫ୍ୟୁସିୟସଙ୍କ ଭଳି ଜଣେ ଯୋଗଜନ୍ମା ଦାର୍ଶନିକ ଈଶ୍ୱରଙ୍କ ସହିତ ତାହାକୁ ସମ୍ପୃକ୍ତ କରି କହିଥିଲେ, 'ଯଦି ଈଶ୍ୱର ନ ଥାନ୍ତି, ଚାଲ ଆମେ ତାଙ୍କୁ ଉଦ୍‌ଭାବନ କରିବା।' ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଈଶ୍ୱରଙ୍କ ସ୍ଥିତିକୁ ନେଇ ସେ ନିଶ୍ଚିତ ନ ଥିଲେ, କିନ୍ତୁ ମାନବ ସମାଜର ହିତ ପାଇଁ ତାଙ୍କ ପ୍ରତି ବିଶ୍ୱାସ ରଖିବା ଅପରିହାର୍ଯ୍ୟ ବୋଲି ମନେକରୁଥିଲେ। ସେଥିପାଇଁ ଜୀବନକୁ ସାବଲୀଳ କରିବା ସହିତ ଏହାର ମାନ ବୃଦ୍ଧି କରିଥିବା ବିବିଧ ଗୁରୁତ୍ୱପୂର୍ଣ୍ଣ ଉଦ୍‌ଭାବନ ଭଳି ତାଙ୍କୁ ମଧ୍ୟ ମାନସିକସ୍ତରରେ ଉଦ୍‌ଭାବନ କରିବା ଆମର ଅତ୍ୟାବଶ୍ୟକ, ଅର୍ଥାତ୍ ଆମେ ତାଙ୍କ ସ୍ଥିତିକୁ ନେଇ ପ୍ରଶ୍ନ ଉଠାଇବା ପରିବର୍ତ୍ତେ ତାହାକୁ ସ୍ୱୀକାର କରିନେବା ହିଁ ମଙ୍ଗଳକର ବୋଲି ଥିଲା ତାଙ୍କର ମତ।

ଆମଠାରେ ଈଶ୍ୱର ବିଶ୍ୱାସ ସୃଷ୍ଟି ହୋଇଛି ଏକ ପ୍ରାକୃତିକ ପ୍ରକ୍ରିୟାରେ। ତାହା କେବେ ଓ କିପରି ହେଲା ତା'ର ବିଧିବଦ୍ଧ ଇତିହାସ ନାହିଁ। ତେବେ, ଆଦିମ କାଳରେ ମଣିଷ ତା' ଚତୁଃପାର୍ଶ୍ୱରେ ଘଟିଯାଉଥିବା ଅନେକ ଘଟଣାବଳୀର କାରଣ ଖୋଜି ନ ପାଇବାରୁ ସମ୍ଭବତଃ ତାହା ସବୁ ମୂଳରେ କୌଣସି ଅଲୌକିକ ଶକ୍ତିର ହାତ ଥିବାର ସେ ମନେ କରିବାକୁ ଲାଗିଲା ଏବଂ ତାହା ହିଁ ତା' ମନରେ ଈଶ୍ୱର ବିଶ୍ୱାସର ବୀଜ ବପନ କଲା। ବର୍ତ୍ତମାନ ମଧ୍ୟ ତାଙ୍କ ସ୍ଥିତିକୁ ସାମଗ୍ରିକ ଭାବେ ସ୍ୱୀକାର କରନ୍ତି ବିଶ୍ୱର ପ୍ରାୟ ୮୬ ଶତାଂଶ ଲୋକ। ଅବଶିଷ୍ଟ ୧୪ ଶତାଂଶ ମଧ୍ୟରୁ ୧୩ ଶତାଂଶରୁ ଅଧିକଙ୍କର ଏଥି ସମ୍ପର୍କରେ କୌଣସି ମତାମତ ନାହିଁ ଏବଂ ୦.୫ରୁ ୦.୭ ଶତାଂଶ ଲୋକ ଏହାକୁ ଅସ୍ୱୀକାର କରନ୍ତି।

ଈଶ୍ୱରବିଶ୍ୱାସର ଆମ ଦେହ ଓ ମନ ଉପରେ ଅମାପ ସକାରାତ୍ମକ ପ୍ରଭାବ ଥିବାର ମତ ଦେଲେଣି ବହୁ ମନସ୍ତତ୍ତ୍ୱବିତ୍। ସେମାନଙ୍କ ମଧ୍ୟରେ ଅଛନ୍ତି ଆମେରିକାର ସି.ଏସ୍. ଏଲିସନ୍ ଏବଂ ଜେ.ଏସ୍. ଲେଭିନ୍। ସେମାନେ ୧୯୯୮ରେ ''ହେଲ୍‌ଥ ଏଡୁକେଶନ ଏଣ୍ଡ ବିହେଭିୟର'' ପତ୍ରିକାରେ ପ୍ରକାଶ କରିଥିବା ତାଙ୍କର ଏକ ଅଧ୍ୟୟନର ଫଳାଫଳରେ ସୂଚିତ କରିଥିଲେ ଯେ, ଈଶ୍ୱରବିଶ୍ୱାସୀ ତଥା ଆଧ୍ୟାତ୍ମିକ ମନୋଭବ ସମ୍ପନ୍ନ ଲୋକେ ସାଧାରଣତଃ ଅଧିକ ସୁସ୍ଥ ଏବଂ ଦୀର୍ଘଜୀବୀ। ସେହିପରି ମନସ୍ତତ୍ତ୍ୱବିତ୍ କେ.ଏସ୍. ସେଇବୋଲ୍ ଏବଂ ପି.ସି. ହିଲ୍ ୨୦୦୧ଫେବୃୟାରୀ ସଂଖ୍ୟା ''କରେଣ୍ଟ ଡିରେକସନ୍ ଇନ୍ ସାଇକୋଲୋଜିକାଲ୍ ସାଇନ୍ସ''ରେ ଈଶ୍ୱରବିଶ୍ୱାସୀମାନଙ୍କ ଜୀବନଶୈଳୀ ଏଥିପାଇଁ ଦାୟୀ ବୋଲି ମତ ପ୍ରକାଶ କରିଛନ୍ତି। ତଦନୁଯାୟୀ, ସେମାନଙ୍କ ମଧ୍ୟରେ ମଦ୍ୟପାନ, ଧୂମପାନ ତଥା ଅନ୍ୟାନ୍ୟ ନକାରାତ୍ମକ ଜୀବନଶୈଳୀ ଅନୁସରଣ କମ୍ ହୋଇଥାଏ। ପୁନଶ୍ଚ ସେମାନଙ୍କ ମାନସିକଚାପ ମଧ୍ୟ କମ୍।

ଏହା ଉପରେ ଗଭୀରଭାବେ ଅନୁଧ୍ୟାନ କରିଥିବା ଅନ୍ୟତମ ମନସ୍ତତ୍ତ୍ୱବିତ୍ ହେଲେ ଆମେରିକାର କେନେଥ୍ ପାରଗାମେଣ୍ଟ। ସେ ୨୦୧୩ ଫେବୃୟାରୀ ସଂଖ୍ୟା ''ୱାର୍ଲଡ୍ ସାଇକିଆଟ୍ରି''ରେ ପ୍ରକାଶ କରିଛନ୍ତି ତାଙ୍କ



ବିସ୍ତୃତ ଅଧ୍ୟୟନର ଫଳାଫଳ। ତଦନୁଯାୟୀ, ଈଶ୍ୱରବିଶ୍ୱାସୀମାନଙ୍କ କ୍ଷେତ୍ରରେ କେବଳ ମାନସିକ ଚାପ କମ୍ ରହେ ନାହିଁ, ସେଥିସହିତ ରକ୍ତଚାପ ନିୟନ୍ତ୍ରିତ ରହିବା ଫଳରେ ହୃଦ୍‌ରୋଗର ସମ୍ଭାବନା ମଧ୍ୟ ହ୍ରାସ ପାଏ। ସୂଚନାଯୋଗ୍ୟ ଯେ, ୧୯୯୯ରେ ଆମେରିକାରେ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ନିୟମିତ ଚର୍ଚ୍ଚ ଯାଉଥିବା ଲୋକେ ଅଧିକ ସୁସ୍ଥ ଏବଂ ସେମାନଙ୍କ ବଞ୍ଚି ରହିବାର ସମ୍ଭାବନା ୮୩ ବର୍ଷ ହେଲା ବେଳେ ସେଠାକୁ ନ ଯାଉଥିବା ଲୋକଙ୍କର ତାହା ୭୫ ବର୍ଷ।

ଇସ୍ରାଏଲରେ ଦୀର୍ଘ ୧୬ ବର୍ଷରୁ ଅଧିକ କାଳ ଧରି ଈଶ୍ୱର ବିଶ୍ୱାସୀ ଏବଂ ହେତୁବାଦୀଙ୍କ ଉପରେ ଅଧ୍ୟୟନ କରିଥିଲେ ଜେ.ଡି. କାର୍କ ଏବଂ ତାଙ୍କ ସହଯୋଗୀମାନେ। ଏଥିରେ ପ୍ରାୟ ୪୦୦୦ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। 'ଦ ଆମେରିକାନ ଜର୍ନାଲ ଅଫ୍ ପବ୍ଲିକ ହେଲ୍‌ଥ'ର ମାର୍ଚ୍ଚ ୧୯୯୬ ସଂଖ୍ୟାରେ ପ୍ରକାଶିତ ଏହାର ଫଳାଫଳରେ ସେମାନେ ଦର୍ଶାଇଥିଲେ ଯେ ଈଶ୍ୱର ବିଶ୍ୱାସୀ ଆଧ୍ୟାତ୍ମିକ ଲୋକମାନଙ୍କ ଜୀବନଶୈଳୀ ଅଧିକ ସକାରାତ୍ମକ। ସେମାନଙ୍କ ଦୁଃଖ ସହ୍ୟ କରିବା ଶକ୍ତି ଅଧିକ ଏବଂ ସେମାନେ କମ୍ ମାନସିକ ଚାପଗ୍ରସ୍ତ। ଅପରପକ୍ଷରେ, ରୋଗୀମାନଙ୍କ ମଧ୍ୟରେ ଈଶ୍ୱର ବିଶ୍ୱାସୀ ହୋଇଥିଲେ ମଧ୍ୟ ଈଶ୍ୱର ତାଙ୍କୁ ଦଣ୍ଡ ସ୍ୱରୂପ ରୋଗ ଦେଇଛନ୍ତି ବୋଲି ବିଶ୍ୱାସ କରୁଥିବା ଲୋକଙ୍କର ସେଥିଜନିତ ମୃତ୍ୟୁ ହୋଇ ୧୯ରୁ ୨୮ ଶତାଂଶ ଅଧିକ ବୋଲି ଅନ୍ୟ ଏକ ଅଧ୍ୟୟନରୁ ସୂଚନା ଦେଇଛନ୍ତି। ପାରଗାମେଣ୍ଟ ଓ ତାଙ୍କ ସହକର୍ମୀମାନେ (୨୦୦୧) ପୁନଶ୍ଚ ସେମାନଙ୍କ ମତରେ ପ୍ରାର୍ଥନା ସିଜୋଫ୍ରେନିଆ ସମେତ ବିବିଧ ମାନସିକ ବିକୃତର ଉପଶମ ଘଟାଇଥାଏ ସତ ହେଲେ ଅନ୍ୟକୁ ରୋଗମୁକ୍ତ କରିବା ଲାଗି ଏହା କରିବା ବିଶେଷ ଫଳପ୍ରଦ ନୁହେଁ।

ସୁସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ଉପରେ ଈଶ୍ୱର ବିଶ୍ୱାସର ଏପ୍ରକାର ପ୍ରଭାବକୁ 'ପ୍ଲାସେବୋପ୍ରଭାବ' ସହିତ ତୁଳନା କରାଯାଇପାରେ ବୋଲି ମତ ଦେଇଛନ୍ତି ଚାଇନାର କେତେଜଣ ମନସ୍ତତ୍ତ୍ୱବିତ୍। ଏହା ଏକ ଲାଟିନ ଶବ୍ଦ, ଯାହାର ଅର୍ଥ ହେଲା 'ଆଇ ସାଲ ପ୍ଲିଜ୍' ଅର୍ଥାତ୍ 'ମୁଁ ତୁମକୁ ଖୁସି କରିବି'। ଏହାକୁ ମନ ଭୁଲାଣିଆ ବା କୂଟ ଚିକିତ୍ସା ବୋଲି ମଧ୍ୟ କୁହାଯାଏ। କାରଣ, ସାଧାରଣତଃ ଏଥିରେ ବ୍ୟବହୃତ ଔଷଧ ହେଲା ଔଷଧୀୟ ଗୁଣ ନ ଥିବା ବଟିକା ବା ଇଞ୍ଜେକ୍ସନ। ବେଳେ ବେଳେ ମିଛି ମିଛିକା ଅସ୍ତ୍ର ଚିକିତ୍ସାକୁ ମଧ୍ୟ ଏହାର ଅନ୍ତର୍ଭୁକ୍ତ କରାଯାଏ। ରୋଗ ଉପରେ ଏହାର ସିଧାସଳଖ ପ୍ରଭାବ କିଛି ନ ଥାଏ। ଏଣୁ ଏ ଚିକିତ୍ସାରେ ରୋଗୀଙ୍କୁ ଠକାଯାଏ ବୋଲି କହିଲେ ଚଳିବ। ତେବେ, ଏହାଦ୍ୱାରା ରୋଗ ଭଲ ହୋଇଯିବାର ବିଶ୍ୱାସ ତା' ଠାରେ ଆସେ। ତେଣୁ ତା'ର ମନର ବଳ ବଢ଼ିଯାଏ। ଶାରୀରିକ କ୍ରିୟାପ୍ରକ୍ରିୟା ଉପରେ ଏଭଳି ମନୋଭାବର ସକାରାତ୍ମକ ପ୍ରଭାବ ରହିଛି। ସେଇଥିପାଇଁ ଅଧିକାଂଶ ସମୟରେ ରୋଗୀ ସୁସ୍ଥ ଅନୁଭବ କରେ। ଉପରୋକ୍ତ ବୈଜ୍ଞାନିକମାନଙ୍କ ମତରେ ସମ୍ଭବତଃ ଈଶ୍ୱର ବିଶ୍ୱାସର ଆମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ଉପରେ ଅନୁରୂପ ପ୍ରଭାବ ରହିଛି। ଏସବୁ କଥା ବିଚାରକୁ ନେଲେ ଗୋଟିଏ କଥା ସ୍ପଷ୍ଟ ହୋଇଥାଏ ଯେ ଈଶ୍ୱର ଆମ ସାଧାରଣ ମଣିଷ ପାଇଁ ଏକାନ୍ତ ଆବଶ୍ୟକ।

ଉଷାନିବାସ, ୧୨୪/୨୪୪୫
ଖଣ୍ଡଗିରିବିହାର, ଭୁବନେଶ୍ୱର,
ମୋ:୯୯୩୭ ୩୦୧୪୬୦

## ଏଇ ଭାରତରେ

ପ୍ରାଣୀ ଉଦ୍ଧାରରେ ସମର୍ପିତ ଜୀବନଟିଏ ହେଉଛନ୍ତି ପ୍ରିୟା ଅଗ୍ରୱାଲା ହିଙ୍ଗର। ସେ ରହୁଛନ୍ତି ମୁମ୍ବାଇରେ। ସହରର ବିଭିନ୍ନ ସ୍ଥାନରେ ନିର୍ଯାତିତ ବୁଲା ପ୍ରାଣୀମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ଆଶ୍ରୟ ଦେଉଛନ୍ତି। ସେ ଏହି କାର୍ଯ୍ୟକୁ 'ୟୋଦା' ଏନ୍‌ଜିଓ ମାଧ୍ୟମରେ ସଞ୍ଚାଳନ କରୁଛନ୍ତି। ପ୍ରିୟାଙ୍କୁ ଯେତେବେଳେ ୧୬ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ଏହି ସଂସ୍ଥା ଗଠନ କରିଥିଲେ। ଏବେ ତାହା ଏକ ବୃହତ୍ ସଂସ୍ଥା ପାଲଟିଯାଇଛି। ପ୍ରାଣୀମାନଙ୍କୁ ଉଦ୍ଧାର କରିବା, ସେମାନଙ୍କୁ ଚିକିତ୍ସା କରି ଆଶ୍ରୟସ୍ଥଳୀରେ ରଖିବା ଏବଂ ପ୍ରାଣୀମାନଙ୍କ ଜନ୍ମ ନିୟନ୍ତ୍ରଣ ଭଳି କାର୍ଯ୍ୟ ଏହା ମାଧ୍ୟମରେ କରାଯାଉଛି। ୟୋଦା ମାଧ୍ୟମରେ ପ୍ରତି ମାସରେ ୩,୦୦୦ରୁ ଊର୍ଦ୍ଧ୍ୱ ପ୍ରାଣୀଙ୍କୁ ଉଦ୍ଧାର କରାଯାଉଛି। ପ୍ରତି ମାସରେ ୫୦୦ କୁକୁର ଏବଂ ବିଲେଇଙ୍କର ବନ୍ଧ୍ୟାକରଣ ମଧ୍ୟ ହେଉଛି। ଏବେ ସୁଦ୍ଧା ପ୍ରିୟା ୪,୦୦୦ ପ୍ରାଣୀଙ୍କୁ ଏକ ଆଶ୍ରୟସ୍ଥଳୀରେ ରଖିଛନ୍ତି। ସେମାନଙ୍କ ଖାଦ୍ୟ ଓ ଚିକିତ୍ସା ଖର୍ଚ୍ଚ ସେ ନିଜେ ବହନ କରୁଛନ୍ତି। ମୁମ୍ବାଇରେ ପ୍ରାଣୀମାନଙ୍କ ପାଇଁ ଦିନରାତି ଆମ୍ବୁଲାନ୍ସ ସେବା ବ୍ୟବସ୍ଥା କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨ ସେପ୍ଟେମ୍ବର ୧୯୯୮

- ଭିଲିନିୟସଠାରୁ ପ୍ରାୟ ୩ ଶହ କିଲୋମିଟର ପଶ୍ଚିମକୁ ଅବସ୍ଥିତ ପ୍ଲାଟେଲାଇ ହ୍ରଦ ମଧ୍ୟରେ ଲିଥୁଆନିଆର ଏକ ହେଲିକପ୍ଟର ଖସିପଡ଼ିବା ଫଳରେ ୧୦ ଯାତ୍ରୀଙ୍କ ମୃତ୍ୟୁ।
- ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନୋନୟନ ବୋର୍ଡର ଅଧ୍ୟକ୍ଷ ଏନ୍. ଭିଟ୍ଟଲଙ୍କୁ ମୁଖ୍ୟ ଭିଜିଲାନ୍ସ କମିଶନର ଭାବେ ନିଯୁକ୍ତି ପ୍ରଦାନ।
- ପ୍ରତିରକ୍ଷା ଗବେଷଣା ଏବଂ ଉନ୍ନୟନ ସଙ୍ଗଠନ (ଡିଆରଡିଓ) ପକ୍ଷରୁ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇ ପାରୁଥିବା କ୍ଷେପଣାସ୍ତ୍ର 'ଆକାଶ'ର ଚାନ୍ଦିପୁରସ୍ଥିତ ପରୀକ୍ଷଣ ଘାଟିରୁ ସଫଳ ପରୀକ୍ଷଣ।

## ଚିରନ୍ତନୀ

ପରମାଣୁ ସମ ମୁହିଁ
ପାଇଛି ଯେତିକି ଅଧିକାର
ତବ ଅଙ୍ଗେ, ମୋର ବୋଲି
ଯେଉଁ ସ୍ଥାନ ଅଛି କହିବାର।
(ଶୂନ୍ୟ ଚିନ୍ତା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 9 | 6 | | | | | | |
| | | | 2 | | | | | |
| | | | 1 | | 9 | | | 4 |
| | 2 | | 9 | | | | | 8 |
| 8 | 7 | | | 1 | | | 2 | |
| | 6 | | 3 | | | | 9 | |
| | | 2 | | | | | | |
| 4 | | | | | 3 | | 6 | |
| | | 5 | | | 6 | | 4 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 7 | 4 | 8 | 2 | 9 | 3 | 1 |
| 4 | 2 | 1 | 9 | 3 | 5 | 7 | 8 | 6 |
| 9 | 3 | 8 | 7 | 6 | 1 | 5 | 4 | 2 |
| 5 | 7 | 9 | 6 | 4 | 3 | 1 | 2 | 8 |
| 8 | 6 | 4 | 2 | 1 | 9 | 3 | 7 | 5 |
| 3 | 1 | 2 | 5 | 7 | 8 | 6 | 9 | 4 |
| 2 | 8 | 6 | 1 | 9 | 7 | 4 | 5 | 3 |
| 7 | 4 | 5 | 3 | 2 | 6 | 8 | 1 | 9 |
| 1 | 9 | 3 | 8 | 5 | 4 | 2 | 6 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପେଟ୍ରୋଲ ପମ୍ପରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନାହିଁ

ମହାଶୟ,

ସହରର ଅଧିକାଂଶ ପେଟ୍ରୋଲ ପମ୍ପରେ ରହୁନି ପର୍ଯ୍ୟାପ୍ତ ଅଗ୍ନି ନିର୍ବାପକ ଯନ୍ତ୍ର। ଯେଉଁଠି ବି ଅଛି, ତାହାର ବ୍ୟବହାର ସମୟସୀମା ବିତିଗଲାଣି। ବାଲ୍‌ଟି ଅଛି ଅଥଚ ସେଥିରେ ବାଲି ନାହିଁ। ପର୍ଯ୍ୟାପ୍ତ ଫୋମ୍ ଏକ୍ସଟିଂଗୁଇସର ବ୍ୟବସ୍ଥା ରହିଛି, ମାତ୍ର ତାହା ଅଚଳ। ସିଏନ୍‌ଜି ପମ୍ପର ଅବସ୍ଥା ତ ଆହୁରି ଖରାପ। ମାତ୍ରାଧିକ ଜ୍ୱଳନଶୀଳ ଗ୍ୟାସ ରହୁଥିଲେ ବି ସେଠାରେ ଅଗ୍ନି ସୁରକ୍ଷାକୁ ଫୁ କରିଦିଆଯାଇଛି। ଯେତିକି ପରିମାଣର ଏକ୍ସଟିଂଗୁଇସର ରହିବା କଥା ତାହାଠାରୁ ଢେର କମ୍ ରହିଛି। କଟକର ବିଭିନ୍ନ ପେଟ୍ରୋଲ ପମ୍ପ ତଥା ଫିଲିଂ ଷ୍ଟେସନରେ ଏଭଳି ତ୍ରୁଟି ଦେଖିବାକୁ ମିଳିଛି। ପେଟ୍ରୋଲ ପମ୍ପ ଆରମ୍ଭ କରିବା ବେଳେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଆଣିବା ନିହାତି ଆବଶ୍ୟକ। ପ୍ରତି ଦୁଇ ବର୍ଷରେ ତାହାକୁ ରିନ୍ୟୁ କରିବା ବାଧ୍ୟତାମୂଳକ। ତେବେ ପେଟ୍ରୋଲ ଓ ଡିଜେଲ ମିଳୁଥିବା ପମ୍ପରେ ଅଗ୍ନି ନିରାପତ୍ତା ପାଇଁ ଅଏଲ ଇଣ୍ଡଷ୍ଟ୍ରିଜ ସେଫ୍‌ଟି ଡାଇରେକ୍ଟୋରେଟ ରହିଛି। ଏହି ନିର୍ଦ୍ଦେଶାଳୟର ୨୨୫ ଗାଇଡ୍‌ଲାଇନ ଅନୁସାରେ, ପମ୍ପ ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯାଏ। ଏହି ଅନୁସାରେ ପମ୍ପରେ ୫ରୁ ଅଧିକ ଅଗ୍ନି ନିର୍ବାପକ ଯନ୍ତ୍ର (ସିଓ–୨), ୫ରୁ ଅଧିକ ବାଲ୍‌ଟିରେ ଫୁଲ ହୋଇ ବାଲି, ୫ରୁ ଅଧିକ ଡ୍ରାଏ ପାଉଡର ଥିବା ଏକ୍ସଟିଂଗୁଇସର ଓ ୫ରୁ ଅଧିକ ଫୋମ ଏକ୍ସଟିଗ୍ୟୁସର ରଖାଯିବ। ସେହିପରି ସିଏନ୍‌ଜି ବିକ୍ରି ହେଉଥିବା ପମ୍ପ ପାଇଁ ଗ୍ୟାସ ସିଲିଣ୍ଡର ରୁଲ୍ ୨୦୧୬ ରହିଛି। ଏହି ରୁଲ୍ ଅନୁସାରେ (ସିଓ–୨) ଯନ୍ତ୍ର, ବାଲି ବାଲ୍‌ଟି ଓ କେମିକାଲ ପାଉଡର ଏକ୍ସଟିଂଗୁଇସର ରହିବ। ଏଠାରେ ଫୋମ ବ୍ୟବହାର କରାଯିବ ନାହିଁ। ଯଦିଓ ପେଟ୍ରୋଲ ପମ୍ପରେ ସୁରକ୍ଷା ଯାଞ୍ଚ ପାଇଁ କେନ୍ଦ୍ର ସରକାରଙ୍କ ପେଟ୍ରୋଲିଅମ ଆଣ୍ଡ ଏକ୍ସପ୍ଲୋସିଭ ସେଫ୍‌ଟି ଅର୍ଗାନାଇଜେଶନ ରହିଛି, ତଥାପି ସ୍ଥାନୀୟ ଯାଞ୍ଚ ଅନୁଷ୍ଠାନ ଭାବେ ଅଗ୍ନିଶମ ବିଭାଗ ଏହାକୁ ତଦାରଖ କରୁନି।

–ଗଙ୍ଗାଧର ସାମଲ, ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**‘ଆମ ଓଡ଼ିଶା ନବୀନ ଓଡ଼ିଶା’ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଉପହାସ: କଂଗ୍ରେସ**

**ଭୁବନେଶ୍ୱର,(ସୁନିତ୍ ମିଶ୍ର):** ବିଜେଡି ସରକାରଙ୍କ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ଯୋଜନା ଯେ ସମ୍ବିଧାନ ବିରୋଧୀ ଓ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଉପହାସ ତାହା ହାଇକୋର୍ଟଙ୍କ ରାୟରୁ ପ୍ରମାଣିତ ହୋଇଥିବା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ କହିଛନ୍ତି। କଂଗ୍ରେସ ଭବନ ଠାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୁଦର୍ଶନ କହିଛନ୍ତି, ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାର ଏହିଭଳି ଏକ ଯୋଜନା କରିଛନ୍ତି ଯାହା ବାସ୍ତବରେ ଲୋକଙ୍କ ସ୍ୱାର୍ଥରେ ଆସିବ ନାହିଁ।



ବିହାରର ପାଟନାଠାରେ ଜେଡିୟୁ କର୍ମୀମାନେ ‘ପୋଲ୍ ଖୋଲ’ ଅଭିଯାନରେ ଭାଜପା ସରକାର ବିରୋଧରେ ପ୍ରତିବାଦ କରୁଛନ୍ତି।

# ଦିଗପହଣ୍ଡି ଜିଲା ପରିଷଦ ସଦସ୍ୟ ବିଜେଡିରୁ ବିଦା

**ଭୁବନେଶ୍ୱର,୧୯(ଅନିଲ ଦାସ)**

ଦିଗପହଣ୍ଡି ଜିଲା ପରିଷଦ ସଦସ୍ୟ ବିପିନ ପ୍ରଧାନଙ୍କୁ ବିଜେଡିରୁ ବହିଷ୍କୃତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବହିଷ୍କୃତ କରାଯାଇଥିବା ବିଜେଡି ପକ୍ଷରୁ ଶୁକ୍ରବାର ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ବ୍ଲକ ଅଧ୍ୟକ୍ଷ ନିର୍ବାଚନକୁ ନେଇ ଗୁରୁବାର ଗଞ୍ଜାମ ଜିଲା ଦିଗପହଣ୍ଡିରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। କୌଣସି ପୂର୍ବ ସୂଚନା ଦିଆ ନ ଯାଇ ଅଧ୍ୟକ୍ଷ ନିର୍ବାଚନ ସ୍ଥଗିତ କରି ଦିଆଯାଇଥିଲା। ଏହାକୁ ନେଇ ବିଜେଡିର ଦୁଇଟି ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

ଭୋଟ ବାତିଲ କରାଯିବାକୁ ନେଇ ବିପିନଙ୍କ ସମର୍ଥକମାନେ ରାସ୍ତାରୋକୋ କରିବା ସହ ହୋହଲ୍ଲା କରିଥିଲେ। ଏଥିସହ ବିପିନଙ୍କ ସମର୍ଥକମାନେ ବ୍ଲକ ଅଫିସରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ପରେ ବିପିନଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନୀତା ସେଠୀଙ୍କ ମୃତ୍ୟୁ ପରେ ପ୍ରାୟ ୨ ମାସ ହେବ ବ୍ଲକ ଅଧ୍ୟକ୍ଷ ପଦ ଖାଲିପଡ଼ିଥିଲା। ଗୁରୁବାର ଏନେଇ ନିର୍ବାଚନ ହେବାର ଥିଲା। ହେଲେ ଅଚାନକ ନିର୍ବାଚନ ସ୍ଥଗିତ ନେଇ ଘୋଷଣା କରାଯାଇଥିଲା। ସ୍ଥଗିତ ଘୋଷଣା ପରେ ବିପିନଙ୍କ ସମର୍ଥକମାନେ ଉତ୍ତେଜିତ ହୋଇପଡ଼ିଥିଲେ।

## କୌଣସି ଦଳ ବିରୋଧୀ କାର୍ଯ୍ୟ କରିନାହିଁ: ବିପିନ

**ଦିଗପହଣ୍ଡି,୧୯(ଅଶେଷ ନାଥ ମିଶ୍ର)**

ଦଳ ବିରୋଧୀ କାର୍ଯ୍ୟ ଦର୍ଶାଇ ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ୨୬ ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ ବିଜେଡିରୁ ବହିଷ୍କୃତ ହୋଇଛନ୍ତି। ଏ ନେଇ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, କୌଣସି ଦଳ ବିରୋଧୀ କାର୍ଯ୍ୟ କରିନାହିଁ। ଏପରି କି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ସ୍ଥାନୀୟ ବିଧାୟକ ସୂର୍ଯ୍ୟନାରାୟଣ ପାତ୍ରଙ୍କ ପରାମର୍ଶ କ୍ରମେ ଜନତା ଦଳ ଓ ବିଜେଡିରେ ଦୀର୍ଘ ୩୦ବର୍ଷ ଧରି କାର୍ଯ୍ୟକରି ଦଳର ସଙ୍ଗଠନକୁ ସୁଦୃଢ଼ କରିଛି। ଦିଗପହଣ୍ଡି ଅଞ୍ଚଳବାସୀଙ୍କ ସମର୍ଥନରେ ଏତେଦୂର ଆସିପାରିଥିବା ସେ କହିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ଦିଗପହଣ୍ଡି ବ୍ଲକର ଅନେକ ପଞ୍ଚାୟତରେ ୩ରୁ ୪ ଜଣ ଲେଖାଏ ପ୍ରାର୍ଥୀ ଦେଇ ବିଭ୍ରାଟ କରିବା ସହ ବ୍ଲକବାସୀଙ୍କ ମଧ୍ୟରେ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରିଛନ୍ତି ବୋଲି ସେ କହିଛନ୍ତି। ଏପରି କି ପଞ୍ଚାୟତ ନିର୍ବାଚନ ପରେ ସେ ଓ ତାଙ୍କ ସମର୍ଥକମାନେ ବିଧାୟକଙ୍କ ଡାକରା କ୍ରମେ ଭୁବନେଶ୍ୱର ଯାଇ ତାଙ୍କୁ ସାକ୍ଷାତ କରି ବ୍ଲକର ବିକାଶ ପାଇଁ ଆଲୋଚନା କରିଥିଲେ। ଉଭୟ ବିପିନ ଓ ବିପ୍ଳବଙ୍କ ମଧ୍ୟରେ ବୁଝାମଣା ହୋଇଥିଲେ ମଧ୍ୟ ବିପ୍ଳବ ଏହାକୁ ଗ୍ରହଣ କରି ନ ଥିବା ସେ ପ୍ରକାଶ କରିଛନ୍ତି। ଅପରପକ୍ଷେ ଗୁରୁବାର ବ୍ଲକ ଅଧ୍ୟକ୍ଷ ନିର୍ବାଚନରେ ବିପ୍ଳବ ଗୋଷ୍ଠୀ ହାରିଯିବା ଭୟରେ ପ୍ରଶାସନ ସହଯୋଗରେ ନିର୍ବାଚନ ସ୍ଥଗିତ କରାଯାଇଥିବାରୁ ବହୁ ସଂଖ୍ୟକ ବିଜେଡି କର୍ମୀ ଦୃଢ଼ ପ୍ରତିବାଦ କରିଥିଲେ, ଯାହାକୁ ନେଇ ତାଙ୍କୁ ଦଳରୁ ବହିଷ୍କୃତ କରାଯାଇଛି ବୋଲି ବିପିନ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ବିଜେଡିର ବହୁ କର୍ମୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଉପସ୍ଥାପନ କରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଜଗନ୍ନାଥ ଓ ଚାଷୀଙ୍କ ଜମି ତୁରନ୍ତ ଫେରାନ୍ତୁ: ନରସିଂହ

**ଭୁବନେଶ୍ୱର, ୧୯(ସୁନିତ୍ ମିଶ୍ର)**

**କୃଷକ ବିଜୟ ସମାବେଶ ପାଳନ କରିବ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି**

ବେଦାନ୍ତ କମ୍ପାନୀ ପ୍ରତି ରାଜ୍ୟ ସରକାରଙ୍କ ଅହେତୁକ ଅନୁକମ୍ପା ଥିଲା। ଓଡ଼ିଶା ସରକାର ବେଦାନ୍ତ କମ୍ପାନୀକୁ ପୁରୀ-କୋଣାର୍କ ବେଳାଭୂମି ଅଞ୍ଚଳରେ ୧୦ ହଜାର ଏକର ଚାଷଜମି ଶାଗମାଛ ଦରରେ ଅଧିଗ୍ରହଣ କରିବାକୁ ଦେଇଥିଲେ। ଏହାଦ୍ୱାରା ସିଧାସଳଖ ୬ ହଜାର ପରିବାର, ୩୦ ହଜାର ଲୋକ ପ୍ରତ୍ୟକ୍ଷ ଭାବେ ଏହି ବେଆଇନ କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲେ। ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସବୁ ଆଇନକାନୁନକୁ ଜଳାଞ୍ଜଳି ଦେଇ ଶ୍ରୀଜଗନ୍ନାଥଙ୍କ ଅମୃତମଣୋହି ଜମି ଓ କୃଷକଙ୍କ ଚାଷଜମିକୁ ହଡ଼ପ କରିବା ଉଦ୍ଦେଶ୍ୟରେ ଯେଉଁ ଜମି ଅଧିଗ୍ରହଣ କରିଥିଲେ ତାକୁ ସୁପ୍ରିମକୋର୍ଟ ଖାରଜ କରିବା ସହ ସମସ୍ତ ଜମିକୁ ଚାଷୀଙ୍କୁ ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ସରକାର ତୁରନ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁପାଳନ କରନ୍ତୁ। ସରକାରଙ୍କ ଯେଉଁସବୁ ବିଭାଗ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି।

ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ଆବାହକ ଉମାବଲ୍ଲଭ ରଥ କହିଛନ୍ତି, ଦୀର୍ଘ ୧୭ ବର୍ଷ ଧରି ଯେଉଁ ନ୍ୟାୟିକ ଲଢ଼େଇ ଲଢ଼ାଯାଇଥିଲା ଜଗନ୍ନାଥଙ୍କ କୃପାରୁ ସେଥିରେ ବିଜୟ ଲାଭ କରିଛୁ। ଏଥିରେ ଗୋଟିଏ ଟଙ୍କାର ପାରିଶ୍ରମିକ ନ ନେଇ ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ନ୍ୟାୟିକ ସହାୟତା ପ୍ରଦାନ କରିଥିବାରୁ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ତରଫରୁ ତାଙ୍କୁ ଆସନ୍ତା ୯ରେ ପୁରୀ ବେଲଦଳ ଠାରେ କୃଷକ ବିଜୟ ସମାବେଶରେ ନାଗରିକ ସମ୍ବର୍ଦ୍ଧନା ଦିଆଯିବ।

## ଧାନକିଣା ଦୁର୍ନୀତିର ସିବିଆଇ ତଦନ୍ତ ଦାବିକଲା ଭାଜପା

**ଭୁବନେଶ୍ୱର, ୧୯(ସୁନିତ୍ ମିଶ୍ର)**

ଓଡ଼ିଶାରେ କୃଷି ଯନ୍ତ୍ରପାତି ଓ ଧାନକିଣା କାରବାରରେ ବ୍ୟାପକ ଦୁର୍ନୀତି ହୋଇଛି। ଏହାର ସିବିଆଇ ତଦନ୍ତ କରାଯାଉ। ସେହିପରି ସାର କାରବାରରେ ବ୍ୟାପକ କଳାବଜାର କରାଯାଇଥିବା ଭାଜପା ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଶୁକ୍ରବାର ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ପାୱାର ହାଉସ ଛକରୁ ଏକ ଶୋଭାଯାତ୍ରାରେ ଆସି ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୭ ଦଫା ସମ୍ବଳିତ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଭାଜପା ଅଭିଯୋଗ କରିଛି, କେନ୍ଦ୍ର ସରକାର ଚାଷୀଙ୍କ ଉନ୍ନତି ପାଇଁ ବହୁ ଯୋଜନା ପ୍ରଣୟନ କରିଛନ୍ତି। ତେବେ ୫୦ ପ୍ରତିଶତ ରିହାତିରେ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା କୃଷି ଯନ୍ତ୍ରପାତି କିଣା କାରବାରରେ ଓଡ଼ିଶାରେ ବ୍ୟାପକ ଦୁର୍ନୀତି ହୋଇଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK-IN-INTERVIEW
Jagannath Hospital, Sahid Nagar, Bhubaneswar urgently required Male Receptionists and NICU / PICU Sisters. **Walk-in-interview on 07.09.2023.** Candidates may send their resume through email - jagannathhospital@yahoo.com.
Phone : 8093091310

See Career Appointment on every Wednesday & Saturday

SALESMAN REQUIRED
Required 6 Nos. of Sales Personals for Jewellery Showrooms with minimum experience of 5 year in same field. Candidates may email their CVs on given email id or drop at our showroom in personal.
BISHANDAYAL JEWELLERS
501, Janpath
Sriya Square-757001 (BBSR)
Email Id:bdj.bbsr@gmail.com
Salary 20000 & above plus commission on sales ext.

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India

ENGAGEMENT OF APPRENTICES UNDER THE APPRENTICES ACT, 1961

Rourkela Steel Plant invites applications from the candidates for Apprenticeship Training as Graduate/Technician Apprentices and Trade Apprentices for a period of 01(One) year under the Apprenticeship Act 1961/1973 in the categories mentioned below:

-TRADE APPRENTICES (Designated/Optional): 152
-TECHNICIAN APPRENTICES: 136
-GRADUATE APPRENTICES: 48

AGE CRITERIA: Minimum 18 years and maximum 28 years as on date 30th September, 2023.

STIPEND: The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.

RESERVATION: As per the guidelines of Govt. of Odisha, shall be followed with applicable age relaxation.

SELECTION: Selection for engagement of Apprentices for training would be on merit basis, considering their percentage (%) of marks obtained in the basic prescribed qualifications as applicable to respective branch/ trade.

Last date for applying in the portal: 30th September, 2023.

REQUIREMENT BEFORE FILLING ON-LINE REGISTRATION

I. Before applying for above apprentices positions, candidates have to first register themselves in online portals of the following agencies of Govt. of India:
(a) For Trade Apprentices: In the link https://apprenticeshipindia.gov.in
(b) For Graduate/Technician Apprentices: National Apprenticeship Training Scheme (NATS) in the link https://portal.mhrdnats.gov.in

II. The candidate must have an active email ID and Mobile Number which must be valid for at least next one year. All future communication including Corrigendum/Addendum with regard to this advertisement with candidate will take place only through e-mail / SMS Alerts.

III. The candidate must ascertain the correctness of all information before filling in the online registration and its final submission.

IV. The candidate shall be wholly/exclusively responsible for the information provided in his/her online registration.

V. After successfully registration/apply online, the candidate must take a print out of the filled-in online application for future reference.

HOW TO APPLY:

A) For ITI: Candidates are first required to register in the web portal http://apprenticeshipindia.gov.in for registration as candidate. After registering oneself, one can login into the home page in the apprenticeship portal as candidate then go to Apprenticeship Opportunity then click search by Establishments Name (SAIL ROURKELA STEEL PLANT) to click on apply as the prescribed trade against vacancies appearing on the portal. The candidates have to apply for the respective trade through Apprenticeship Opportunity of the establishment SAIL Rourkela Steel Plant. The application will not be accepted without registration and apply on the portal.

B) For Degree/Diploma: Candidates are advised to register as a student online on https://portal.mhrdnats.gov.in. After registering oneself, one can login into the home page of NATS portal as candidate then go to Establishments Requests then click Find Establishments. Candidate should select STEEL AUTHORITY OF INDIA LIMITED, Rourkela Steel Plant, Rourkela apply in passed out branch of engineering appearing on the portal.

Eligible Sundargarh District residents will be given preference over others. Eligible applications from other districts of Odisha & then rest of India may be considered, only if there are any vacancies left after the selection process which cannot be filled by Sundargarh District residents.

Management reserves the sole right to cancel the selection process there under at any point of time whatsoever. Decision of Management regarding the selection will be final. Further Management reserves the full right to fill up or otherwise any or all the vacancies for apprenticeship training depending on the availability of the candidates in any trade/ discipline. The vacancies in each apprenticeship trade are indicative and may vary during selection process.

RSP shall have no obligation to offer regular employment to Apprentices during and/or after the completion of the apprenticeship training which is one year from the date of joining.

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life


# ‘ମୋ ଦଳ’ ରାଜ୍ୟ କାର୍ଯ୍ୟାଳୟ ଉଦ୍‌ଘାଟିତ



କାର୍ଯ୍ୟାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

**ଭୁବନେଶ୍ୱର,୧୯(ଅଭିଜିତ୍ ଦାସ):** ନିକଟରେ ଗଠନ କରାଯାଇଥିବା ନୂଆ ରାଜନୈତିକ ଦଳ ‘ମୋ ଦଳ’ର ରାଜ୍ୟ କାର୍ଯ୍ୟାଳୟ ଶୁକ୍ରବାର ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ପ୍ଲଟ୍ ନଂ. ୩୦୭/୫୬୪ ଉଦ୍‌ଘାଟିତ ହୋଇଛି। ଦଳର ସଭାପତି ନିତ୍ୟ ସୁନ୍ଦର ଦାସ ଓ କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅକ୍ଷୟ କୁମାର କହିଛନ୍ତି, ‘ମୋ ଦଳ’ ରାଜ୍ୟ ସରକାରଙ୍କ ଅପାରଗତାକୁ ରାଜ୍ୟବାସୀଙ୍କ ନିକଟରେ ପହଞ୍ଚାଇବା ସହ ବିକଳ୍ପ ଦଳ ଭାବେ ଉଭା ହେବ। ଆଗାମୀ ଦିନରେ ଏହା ରାଜ୍ୟବାସୀଙ୍କ ସମସ୍ତ ଆକାଂକ୍ଷା ପୂରଣ କରିବ। ଗତ ୨୩ ବର୍ଷ ଶାସନରେ ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର, କୃଷି ଓ ଉଦ୍ୟୋଗ ଆଦି କ୍ଷେତ୍ରରେ ରାଜ୍ୟକୁ କୌଣସି ସୁଫଳ ମିଳି ନାହିଁ। ଅମଲାତନ୍ତ୍ରଠାରୁ ନେତାମାନେ ଲୋକଙ୍କ ସେବା ପାଇଁ କିପରି ଅଧିକ କ୍ରିୟାଶୀଳ ହେବେ ତାହା ମତଦାତାଙ୍କ ଆଗରେ ରଖାଯିବ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ନିମାଇ ରାୟ, ଯୁବଛାତ୍ର ସଭାପତି ମନୱର ଅଲ୍ଲୀ, ରାଜ୍ୟ ସମ୍ପାଦକ ଦେବୀ ପ୍ରସାଦ ମହାରଣା, ମହାସଚିବ ପ୍ରଦୀପ ପ୍ରଧାନ, ମୁଖପାତ୍ର ଶେଷଦେବ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବିଧାୟକ ପ୍ରାର୍ଥୀ ପାଇଁ ଦରଖାସ୍ତ


ଉମରକୋଟ ବିଧାନସଭା ଆସନ ଲାଗି ଆଶାୟୀ ଦେବୀ ସିଂ ମାଝି ତାଙ୍କ ସମର୍ଥକଙ୍କ ସହ ଜିଲା ବିଜେଡି ସଭାପତି ରମେଶ ମାଝିଙ୍କୁ ଦାବିପତ୍ର ଦେଉଛନ୍ତି।

**ଉମରକୋଟ, ୧୯(ସନ୍ତୋଷ ଶତପଥୀ)**

ଆଗାମୀ ବିଧାନସଭା ନିର୍ବାଚନରେ ନବରଙ୍ଗପୁର ଜିଲା ଉମରକୋଟ ଆସନରୁ ପ୍ରାର୍ଥୀ ହେବା ଲାଗି ବିଜେଡିର ବରିଷ୍ଠ ନେତା ଦେବୀ ସିଂ ମାଝି ଶୁକ୍ରବାର ଜିଲା ସଭାପତି ତଥା ଏମ୍‌ପି ରମେଶ ମାଝିଙ୍କୁ ବିଜେଡି ରାଜ୍ୟ ସଭାପତିଙ୍କ ଉଦ୍ଦେଶ୍ୟରେ ଦରଖାସ୍ତ ଦେଇଛନ୍ତି। ସେ ଶତାଧିକ ସମର୍ଥକଙ୍କ ସହ ରମେଶଙ୍କ ଉମରକୋଟସ୍ଥିତ ବାସଭବନକୁ ଯାଇ ନିଜର ଅଭିପ୍ରାୟ ଲିଖିତ ଭାବେ ପ୍ରଦାନ କରିଛନ୍ତି। ତେବେ ବିଧାୟକ ପ୍ରାର୍ଥୀ ପାଇଁ ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକ ମଧ୍ୟ ଏହି ଦୌଡ଼ରେ ଥିବା ଚର୍ଚ୍ଚା ହେଉଛି। ଦେବୀ ସିଂ ଆଶାୟୀ ହେବା ପରେ ବିଜେଡି ପାଇଁ ଏହା ଆଗାମୀ ଦିନରେ ଅଡୁଆ ପରିସ୍ଥିତି ସୃଷ୍ଟି ହେବ ବୋଲି ଆଲୋଚନା ହେଉଛି।

ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝିଙ୍କ ସ୍ୱାମୀ ଦେବୀ ସିଂ ୧୯୯୦ରୁ ଜନତା ଦଳ ଓ ବର୍ତ୍ତମାନ ବିଜେଡିରେ ସକ୍ରିୟ ଅଛନ୍ତି। ସେ ୨୦୦୩ରୁ ୨୦୧୭ ପର୍ଯ୍ୟନ୍ତ ଉମରକୋଟ ବ୍ଲକ ବିଜେଡି ସଭାପତି ଥିଲେ। ୨୦୦୨-୨୦୦୭ ପର୍ଯ୍ୟନ୍ତ ବେନରା ସରପଞ୍ଚ, ୨୦୦୭-୨୦୧୨ ଭାମିନୀ ସମିତି ସଭ୍ୟଭାବେ ନିର୍ବାଚିତ ହୋଇଥିଲେ।

ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବ୍ଲକର ୨୬ରୁ ୧୧ ଗ୍ରାମ ପଞ୍ଚାୟତ, ଉମରକୋଟ ପୌର ପରିଷଦ ଓ ରାଇଘର ବ୍ଲକ ରହିଛି। ତାଙ୍କ ସ୍ତ୍ରୀ ସୁଶୀଳାଙ୍କ ବାପଘର ରାଇଘର ବ୍ଲକ ଦେବାଗାଁ। ତେଣୁ ଦେବୀଙ୍କୁ ରାଇଘର ଅଞ୍ଚଳର ଭୋଟ ହାତେଇବା ପାଇଁ ସେତେଟା କଷ୍ଟ ହେବନାହିଁ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଦରଖାସ୍ତ ପ୍ରଦାନବେଳେ ଉମରକୋଟ ନଗର ବିଜେଡି ସଭାପତି କୈଳାସ ନାୟକ, ବୁର୍ଜା ପୂର୍ବତନ ସରପଞ୍ଚ ଓ ମାର୍କଫେଡ୍ ନିର୍ଦ୍ଦେଶକ ବୀର ସିଂ ମାଝି, ପୂର୍ବତନ ଉମରକୋଟ ଲ୍ୟାମ୍ପସ ସଭାପତି ଶ୍ୟାମଲାଲ ବଞ୍ଜାରା, ଅରୁଣ ପାଢୀ, ଶରତ ବେହେରା, ୨ ନମ୍ବର ଜିଲା ପରିଷଦ ସଭ୍ୟା ଛାୟା ବିଶ୍ୱାସ, ନିତ୍ୟାନନ୍ଦ ବିଶ୍ୱାସ, ରତିକାନ୍ତ ବିଶ୍ୱାସଙ୍କ ସମେତ ଦେବୀ ସିଂଙ୍କର ଶତାଧିକ ସମର୍ଥକ ଉପସ୍ଥିତ ଥିଲେ।


ITR-DRDO

**ସମନ୍ୱିତ ପରୀକ୍ଷଣ ପରିସର (ଆଇଟିଆର୍)**
**ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ**
**ପ୍ରତିରକ୍ଷା ମନ୍ତ୍ରଣାଳୟ, ଭାରତ ସରକାର**
**ଚାନ୍ଦିପୁର - ୭୫୬୦୨୫, ବାଲେଶ୍ୱର, ଓଡ଼ିଶା**

ଫୋନ୍ ନଂ.: (୦୬୭୮୨)-୨୭୨୧୪୪, ଇ-ମେଲ୍: hrd.itr@gov.in ୱେବ୍‌ସାଇଟ୍: www.drdo.gov.in

**ବିଜ୍ଞାପନ ନଂ. ଆଇଟିଆର୍/ଏଚ୍ଆର୍‌ଡି/ଏଟି/୦୮/୨୦୨୩**

**ଗ୍ରାଜୁଏଟ୍ ଏବଂ ଟେକ୍ନିସିଆନ୍ (ଡିପ୍ଲୋମା) ଶିକ୍ଷାନବିସଙ୍କ ନିୟୋଜନ**

**(ଶିକ୍ଷାନବିସ ଅଧିନିୟମ ୧୯୬୧ ଅଧୀନରେ, ୧୯୬୧, ୧୯୭୩ ଓ ୨୦୧୪ର ସଂଶୋଧନ ସମେତ)**

ସମନ୍ୱିତ ପରୀକ୍ଷଣ ପରିସର (ଆଇଟିଆର୍), ଚାନ୍ଦିପୁର, ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ)ର ଏକ ପ୍ରମୁଖ ପରୀକ୍ଷାଗାର ଏକ ବର୍ଷ ଅବଧି ପାଇଁ ଗ୍ରାଜୁଏଟ୍ ଏବଂ ଟେକ୍ନିସିଆନ୍ (ଡିପ୍ଲୋମା)ଙ୍କ ନିୟୋଜନ ପାଇଁ ଯୁବ ଏବଂ ମେଧାବୀ ଭାରତୀୟ ନାଗରିକମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି ।

| କ୍ର. ସଂ. | ଶିକ୍ଷାନବିସ ପ୍ରଶିକ୍ଷଣ ବର୍ଗ | ଅତ୍ୟାବଶ୍ୟକ ଯୋଗ୍ୟତା | | ମୋଟ ଖାଲିସ୍ଥାନ | ଷ୍ଟାଇପେଣ୍ଡ (ପ୍ରତି ମାସ) |
|---|---|---|---|---|---|
| ୦୧. | ଗ୍ରାଜୁଏଟ୍ ଆପ୍ରେଣ୍ଟିସ୍ | ବି.ଇ./ବି.ଟେକ୍. ଇନ୍ | କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଆଣ୍ଡ ଆଲାଏଡ୍ ବ୍ରାଞ୍ଚେସ୍ | ୦୬ | ଟ.୯୦୦୦/- |
| | | ବି.ଇ./ବି.ଟେକ୍. ଇନ୍ | ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ଆଣ୍ଡ ଆଲାଏଡ୍ ବ୍ରାଞ୍ଚେସ୍ | ୦୬ | |
| | | ବି.ଇ./ବି.ଟେକ୍. ଇନ୍ | ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ | ୦୨ | |
| | | ବି.ଇ./ବି.ଟେକ୍.ଇନ୍ | ଏରୋସ୍ପେସ୍ ଇଞ୍ଜିନିୟରିଂ | ୦୧ | |
| | | ବି.ଲିବ୍.ଏସ୍‌ସି ଇନ୍ | ଲାଇବ୍ରେରି ସାଇନ୍ସ | ୦୨ | |
| | | ବି.ଇ./ବି.ଟେକ୍. ଇନ୍ | ସେଫ୍‌ଟି ଇଞ୍ଜିନିୟରିଂ | ୦୨ | |
| | | ବି.ଇ./ବି.ଟେକ୍. ଇନ୍ | ମେକାନିକାଲ୍ ଇଞ୍ଜିନିୟରିଂ | ୦୧ | |
| | | ବିବିଏ | ଏଚ୍ଆର୍/ଆଡ୍‌ମିନିଷ୍ଟ୍ରେସନ୍ | ୦୫ | |
| | | ବି.କମ୍ | ଫାଇନାନ୍ସିଆଲ୍ ଆକାଉଣ୍ଟିଂ<br>କଷ୍ଟ ଆକାଉଣ୍ଟିଂ | ୦୫ | |
| ୦୨. | ଟେକ୍ନିସିଆନ୍ (ଡିପ୍ଲୋମା) ଆପ୍ରେଣ୍ଟିସ୍ | ଡିପ୍ଲୋମା ଇନ୍ | କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଆଣ୍ଡ ଆଲାଏଡ୍ ବ୍ରାଞ୍ଚେସ୍ | ୦୯ | ଟ.୮୦୦୦/- |
| | | ଡିପ୍ଲୋମା ଇନ୍ | ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ଆଣ୍ଡ ଆଲାଏଡ୍ ବ୍ରାଞ୍ଚେସ୍ | ୦୯ | |
| | | ଡିପ୍ଲୋମା ଇନ୍ | ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ | ୦୨ | |
| | | ଡିପ୍ଲୋମା ଇନ୍ | ସିନେମାଟୋଗ୍ରାଫି | ୦୨ | |
| | | ଡିପ୍ଲୋମା ଇନ୍ | ମେଡିକାଲ ଲାବୋରେଟୋରି ଟେକ୍ନୋଲୋଜି | ୦୨ | |

ଦ୍ରଷ୍ଟବ୍ୟ: (କ) ଉପରୋକ୍ତ ଖାଲିପଦବୀଗୁଡ଼ିକ ପାଇଁ, ଏସ୍‌ସି/ଏସ୍‌ଟି/ଓବିସି/ପିଡବ୍ଲ୍ୟୁଡି/ଇଡବ୍ଲ୍ୟୁଏସ୍ ବର୍ଗଗୁଡ଼ିକ ନିମନ୍ତେ ସଂରକ୍ଷଣ ଶିକ୍ଷାନବିସ ଅଧିନିୟମ ୧୯୬୧, ଶିକ୍ଷାନବିସ ନିୟମାବଳୀ, ୧୯୯୨ ଏବଂ ଶିକ୍ଷାନବିସ (ସଂଶୋଧନ) ନିୟମାବଳୀ, ୨୦୧୫ ଅନୁଯାୟୀ ପ୍ରଯୁଜ୍ୟ ହେବ । (ଖ) ଖାଲିପଦବୀଗୁଡ଼ିକର ସଂଖ୍ୟା ସାଙ୍କେତିକ ଅଟେ ଏବଂ ତାହା ପରବର୍ତ୍ତୀ ପର୍ଯ୍ୟାୟରେ ପରିବର୍ତ୍ତିତ ହୋଇପାରେ ।

– ସବିଶେଷ ଅଧିସୂଚନା ପାଇଁ, ଦୟାକରି ୱେବ୍‌ସାଇଟ୍ www.drdo.gov.in ପରିଦର୍ଶନ କରନ୍ତୁ ।

| | |
|---|---|
| ଆଇଟିଆର୍, ଚାନ୍ଦିପୁରଠାରେ କେବଳ ସ୍ପିଡ୍ ପୋଷ୍ଟ/ରେଜିଷ୍ଟର୍ଡ ପୋଷ୍ଟ ମାଧ୍ୟମରେ ଦରଖାସ୍ତ ଓ ତାହା ସପକ୍ଷରେ ଦସ୍ତାବିଜଗୁଡ଼ିକର ଗ୍ରହଣ କରିବାର ଶେଷ ତାରିଖ | ୦୬।୧୦।୨୦୨୩ |

ସ୍ୱା./- (ପି.ଏନ୍. ପଣ୍ଡା), ବୈଜ୍ଞାନିକ-ଏଫ୍, ଆସୋସିଏଟ୍ ଗ୍ରୁପ୍ ଡାଇରେକ୍ଟର (ଏଚ୍ଆର୍), ନିର୍ଦ୍ଦେଶକ, ଆଇଟିଆର୍‌ଙ୍କ ପାଇଁ

**ଆଇଟିଆର୍, ଚାନ୍ଦିପୁରରେ ଶିକ୍ଷାନବିସଙ୍କ ନିମନ୍ତେ ଆବେଦନ ପତ୍ର**
**(ପ୍ରାର୍ଥୀଙ୍କ ଦ୍ୱାରା ପୂରଣ କରାଯିବ)** ସଂଲଗ୍ନକ-କ

| | | | |
|---|---|---|---|
| ୧. | ବିଜ୍ଞାପନ ନଂ. | : ଆଇଟିଆର୍/ଏଚ୍ଆର୍‌ଡି/ଏଟି/୦୮/୨୦୨୩ | ଦୟାକରି ସଦ୍ୟତମ ପାସ୍‌ପୋର୍ଟ ଆକାରର ଫଟୋଗ୍ରାଫ୍ ଲଗାନ୍ତୁ |
| ୨. | ଏନ୍ଏଟିଏସ୍ ତାଲିକାଭୁକ୍ତୀକରଣ ନଂ. | | |
| ୩. | ଶିକ୍ଷାନବିସଙ୍କ ପ୍ରକାର (ଗ୍ରାଜୁଏଟ୍/ଟେକ୍ନିସିଆନ୍ (ଡିପ୍ଲୋମା)) | | |
| ୪. | ଶାଖା/ଶୃଙ୍ଖଳା/ବିଷୟ | | |
| ୫. | ଆବେଦନକାରୀଙ୍କ ନାମ ବଡ଼ ଅକ୍ଷରରେ | | |
| ୬. | ପିତାଙ୍କ ନାମ/ସ୍ୱାମୀଙ୍କ ନାମ | | |
| ୭. | ଜନ୍ମ ତାରିଖ: | ୮. ଜାତୀୟତା:- | ୯. ଆଧାର ନଂ. |
| ୧୦. | ବର୍ଗ: (ୟୁଆର୍/ଏସ୍‌ସି/ଏସ୍‌ଟି/ଓବିସି/ଇଡବ୍ଲ୍ୟୁଏସ୍) | ୧୧. ଲିଙ୍ଗ: (ପୁରୁଷ/ମହିଳା/ତୃତୀୟଲିଙ୍ଗୀ) | |
| ୧୨. | ଆପଣ ଭିନ୍ନକ୍ଷମ କି? | | |
| ୧୩. | ଯୋଗାଯୋଗ ଠିକଣା: (ବଡ଼ ଅକ୍ଷରରେ) | | |
| ୧୪. | ସ୍ଥାୟୀ ଯୋଗାଯୋଗ ଠିକଣା: (ବଡ଼ ଅକ୍ଷରରେ) | | |
| ୧୫. | ଇ-ମେଲ୍ ଠିକଣା: | ୧୬. ମୋବାଇଲ୍ ନଂ./ ବିକଳ୍ପ ନଂ. | |
| ୧୭. | ଶିକ୍ଷାଗତ ଯୋଗ୍ୟତାର ବିବରଣୀ (ଆତ୍ମ-ଅନୁପ୍ରମାଣିତ ନକଲ ସଂଲଗ୍ନ କରାଯିବ) | | |

| ଉତ୍ତୀର୍ଣ୍ଣ ପରୀକ୍ଷା | ବୋର୍ଡ/ ବିଶ୍ୱବିଦ୍ୟାଳୟର ନାମ | ଉତ୍ତୀର୍ଣ୍ଣ ବର୍ଷ | ବିଷୟ/ଶାଖା | ମାର୍କର ବିବରଣୀ: ପୂର୍ଣ୍ଣ ମାର୍କ | ପ୍ରାପ୍ତ ମାର୍କ | ମାର୍କର % | ଡିଭିଜନ/କ୍ଲାସ୍/ ଗ୍ରେଡ୍ |
|---|---|---|---|---|---|---|---|
| X | | | | | | | |
| XII | | | | | | | |
| ଡିପ୍ଲୋମା | | | | | | | |
| ବି.ଇ/ ବି.ଟେକ୍/ ବିବିଏ/ ବି.କମ୍. | | | | | | | |

**ଘୋଷଣାନାମା**

ମୁଁ ବୁଝିଛି ଯେ, ମୋ ଦ୍ୱାରା ଆବେଦନ କରାଯାଇଥିବା ପଦବୀ ସମ୍ପୂର୍ଣ୍ଣ ରୂପେ ଅସ୍ଥାୟୀ ଅଟେ ଏବଂ ମୁଁ ଏତଦ୍ୱାରା ଘୋଷଣା କରୁଛି ଯେ, ଆବେଦନରେ ଦର୍ଶାଯାଇଥିବା ବକ୍ତବ୍ୟ ଏବଂ ପ୍ରଦାନ କରାଯାଇଥିବା ସୂଚନାଗୁଡ଼ିକ ମୋର ଜ୍ଞାନ ଓ ବିଶ୍ୱାସ ଅନୁଯାୟୀ ସତ୍ୟ, ସମ୍ପୂର୍ଣ୍ଣ ଏବଂ ସଠିକ୍ ଅଟେ ।

ସଂଲଗ୍ନକଗୁଡ଼ିକର ତାଲିକା: (ଠିକ୍ ଚିହ୍ନ ଦିଅନ୍ତୁ)
i. ୧୦ମ ପ୍ରମାଣପତ୍ର ଓ ମାର୍କଶିଟ୍ ☐
ii. ୧୨ଶ ପ୍ରମାଣପତ୍ର ଓ ମାର୍କଶିଟ୍ ☐
iii. ଡିପ୍ଲୋମା ସାର୍ଟିଫିକେଟ୍ ଓ ମାର୍କଶିଟ୍ ☐
iv. ବି.ଟେକ୍/ବିବିଏ/ବି.କମ୍ ପ୍ରମାଣପତ୍ର ଓ ମାର୍କଶିଟ୍ ☐
v. ଜାତି ପ୍ରମାଣପତ୍ର ☐
vi. ପରିଚୟ ପ୍ରମାଣପତ୍ର ☐

| | | |
|---|---|---|
| ସ୍ଥାନ: | କାର୍ଯ୍ୟାଳୟ ବ୍ୟବହାର ପାଇଁ | |
| ତାରିଖ: | କ୍ର.ସଂ.<br>ପଦାଧିକାରୀଙ୍କ ଦସ୍ତଖତ | ପ୍ରାର୍ଥୀଙ୍କ ଦସ୍ତଖତ |

CBC 10301/11/0081/2324

## ଆଜି କ'ଣ କେଉଁଠି

**ଧର୍ମଶାଳା**

- ଧର୍ମଶାଳା ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ, ସ୍ଥାନ- କଳ୍ପତରୁ ଦାସ ଷ୍ଟାଡିୟମର ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।

# ହୋର୍ଡିଂ ଖର୍ଚ୍ଚ କୋଟିଏ, ପାଣି ମିଳୁନି ଟୋପାଏ

**ଯାଜପୁର,୧।୯(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାର ଗାଁ ଲୋକଙ୍କ ଶୋଷ ମେଣ୍ଟାଇବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ରାଜ୍ୟ ଗ୍ରାମ୍ୟ ଜଳଯୋଗାଣ ସଂସ୍ଥା (ଆରଡବ୍ଲ୍ୟୁଏସ୍ଏସ୍)ର ରିପୋର୍ଟରେ ଜିଲାର ବିଭିନ୍ନ ଗ୍ରାମରେ ପାନୀୟ ଜଳ ସୁବିଧା ପାଇଁ ପ୍ରକଳ୍ପମାନ କାର୍ଯ୍ୟକାରୀ କରାଯାଉଥିବା କୁହାଯାଇଛି। ସେଥିରୁ ଅନେକ କାର୍ଯ୍ୟକ୍ଷମ ହୋଇଥିବାବେଳେ ଅନେକର କାମ ଚାଲିଥିବା ଉଲ୍ଲେଖ ରହିଛି । ହେଲେ ଆରଡବ୍ଲ୍ୟୁଏସ୍ଏସ୍‌ର ରିପୋର୍ଟ ସହ ବାସ୍ତବତା ଭିନ୍ନ ରହୁଛି। ଏହାସହ ବସୁଧା ଯୋଜନାରେ ଶତାଧିକ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲେ ହେଁ ଅଧିକାଂଶ ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଛି। ଅନ୍ୟପକ୍ଷେ ବସୁଧା ଯୋଜନା ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ହୋର୍ଡିଂ ବ୍ୟବସ୍ଥା ହୋଇଛି। ଆରଟିଆଇ ତଥ୍ୟରୁ ମିଳିଥିବା ସୂଚନା ଅନୁସାରେ ଏଥିପାଇଁ ଜିଲାର ୧୦ ବ୍ଲକରେ ଗତ ୪ ବର୍ଷରେ ୧ କୋଟି ୪୭ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଆକଳନ ଅନୁସାରେ ୨୪ ବର୍ଗଫୁଟ ପାଇଁ ୨୩,୭୪୭ ଟଙ୍କା ଓ ୧୨ ବର୍ଗଫୁଟର ହୋର୍ଡିଂ ପାଇଁ ୧୮,୦୪୦ ଟଙ୍କା ଖର୍ଚ୍ଚ କରାଯାଇଛି। ଅର୍ଥାତ୍ ପ୍ରତି ବର୍ଗଫୁଟ ପିଛା ୯୮୯ ଟଙ୍କା। ବଜାର ଦର ତୁଳନାରେ ସରକାରୀ ଖର୍ଚ୍ଚ ପ୍ରାୟ ୨ ଗୁଣ ଅଧିକ ହୋଇଥିବାରୁ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ସନ୍ଦେହ କରାଯାଇଛି। ଏହିକ୍ରମରେ କେବଳ ହୋର୍ଡିଂ ପାଇଁ କୋଟିଏ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଲୋକଙ୍କୁ ପାଣି ଟୋପାଏ ମିଳୁନି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲାର ଗ୍ରାମାଞ୍ଚଳରେ ପ୍ରାୟ ପ୍ରତିବର୍ଷ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଉଛି। ଏନେଇ ବିଧାନସଭାରେ ଅଭିଯୋଗ ହେଲେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯେନତେନ ପ୍ରକାରେ ପତ୍ର ମାଧ୍ୟମରେ ତଥ୍ୟ ଦେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରୁଛନ୍ତି। ସେହି ତଥ୍ୟ ଆଧାରରେ ବିଭାଗୀୟ ମନ୍ତ୍ରୀ ଉତ୍ତର ରଖି ପ୍ରତିପକ୍ଷଙ୍କୁ ଚୁପ କରି ଦେଉଛନ୍ତି । ବାସ୍ତବରେ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଓ ନଳକୂପ ଦ୍ୱାରା ଲୋକେ ଉପକୃତ ହେଉଛନ୍ତି ନା ନାହିଁ ତା'ର ସତ୍ୟତା ଖୋଜିବାକୁ କାହାରି ପାଖରେ ଆନ୍ତରିକତା ନ ଥିବା ମନେହେଉଛି । ଯଦ୍ୱାରା ବାସ୍ତବ କ୍ଷେତ୍ରରେ ଉପୁଜୁଥିବା ପାଣି ସମସ୍ୟା ଦୂର ହୋଇ ପାରୁନାହିଁ । ସୁକିନ୍ଦା ବ୍ଲକର ଖଣି ପ୍ରଭାବିତ ୩୭ ଗ୍ରାମର ଲୋକଙ୍କ ପାଇଁ ୭୯.୮୫ କୋଟି ଟଙ୍କା ଅଟକଳରେ ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଛି। ଠିକାସଂସ୍ଥା ଏନ୍‌ସିସି ଦ୍ୱାରା ୨୨।୩।୨୦୧୮ରୁ ଆରମ୍ଭ ହୋଇଥିବା ଉକ୍ତ ପ୍ରକଳ୍ପରୁ ଜଳଯୋଗାଣ ଆରମ୍ଭ ହୋଇ ସାରିଛି ବୋଲି ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଛି। କିନ୍ତୁ ନିର୍ଦ୍ଧାରିତ ୩୭ରୁ ମାତ୍ର ୨୦ ଗ୍ରାମର ଲୋକେ ପାଣି ପାଉଛନ୍ତି ବୋଲି ସୂଚନା ମିଳିଛି। ଏହାବାଦ ୧୯ଟି ଖଣି ପ୍ରଭାବିତ ଗ୍ରାମର ଲୋକଙ୍କ ପାଇଁ ପ୍ରକଳ୍ପ-୧ରେ ୪୬.୧୯ କୋଟି ଟଙ୍କା ଏବଂ ୫୨ଟି ଗ୍ରାମର ବାସିନ୍ଦା ନିମନ୍ତେ ପ୍ରକଳ୍ପ-୨ରେ ୧୦୭ କୋଟି ଟଙ୍କାକୁ ମିଶାଇ ମୋଟ ୨୩୨.୭୫ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ସେଥିରୁ ୨୪୪.୮୮ କୋଟି ଟଙ୍କା ଆବଣ୍ଟନ ଗ୍ରହଣ ହୋଇ ସାରିଛି। ଏହାବାଦ କ୍ଷତିପୂରଣ ବାବଦକୁ ୨ ନମ୍ବର ପ୍ରକଳ୍ପ ପାଇଁ ୨.୩୫ କୋଟି ଟଙ୍କା ବୃଦ୍ଧି ହୋଇଛି। ବସୁଧା ପାଣ୍ଠିରୁ ପ୍ରଥମ ପ୍ରକଳ୍ପ ପାଇଁ ୫.୦୨ କୋଟି, ପ୍ରକଳ୍ପ ନମ୍ବର-୧ ପାଇଁ ୦.୩୩ କୋଟି ଏବଂ ପ୍ରକଳ୍ପ ନମ୍ବର-୨ ପାଇଁ ୧.୧୨ କୋଟି ଟଙ୍କା ବୃଦ୍ଧି ହୋଇଛି। ତଥାପି ପ୍ରଥମ ପ୍ରକଳ୍ପରୁ ଏଯାଏ ନିର୍ଦ୍ଧାରିତ ଗ୍ରାମବାସୀ ସ୍ୱଚ୍ଛ ପାଣି ପାଇନାହାନ୍ତି। ପ୍ରକଳ୍ପ ନମ୍ବର-୧ ଓ ୨ ନିର୍ମାଣାଧୀନ ରହିଥିବା ସୂଚନା ମିଳିଛି। ଏହାସହ ରସୁଲପୁର, ବଡ଼ଚଣା ଓ ଧର୍ମଶାଳା ବ୍ଲକବାସୀଙ୍କ ପାଇଁ ୩୫୧.୪୪ କୋଟି ଟଙ୍କା ଏବଂ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୧୫ ପଞ୍ଚାୟତ ଓ ଯାଜପୁର ନିର୍ବାଚନ ମଣ୍ଡଳୀର ୨୦ ପଞ୍ଚାୟତ ପାଇଁ ୧୯୧.୮୫ କୋଟି ଟଙ୍କାର ୨ଟି ମେଗା ଜଳ ଯୋଗାଣ ପ୍ରକଳ୍ପ ୩୦।୧୨।୨୦୧୯ରୁ ଆରମ୍ଭ ହୋଇଛି। ଏହି ୨ ପ୍ରକଳ୍ପରେ ଅଟକଳ ପରିମାଣରୁ ପ୍ରାୟ ୮୦ ପ୍ରତିଶତ ଖର୍ଚ୍ଚ ହୋଇସାରିଛି। ତେବେ କାର୍ଯ୍ୟ ବିଳମ୍ବ ହେଉଥିବାରୁ ବିଭିନ୍ନ ନିର୍ମାଣ ସାମଗ୍ରୀର ଦରବୃଦ୍ଧି ହେଉଥିବା ଦର୍ଶାଇ ଅଟକଳ ପରିମାଣ ମଧ୍ୟ ତଦନୁସାରେ ବଢୁଛି। ଫଳରେ ଠିକାସଂସ୍ଥାଗୁଡ଼ିକ ଅଧିକ ଲାଭ ପାଉଥିବାବେଳେ ବାସ୍ତବରେ ସମ୍ପୃକ୍ତ ଅଞ୍ଚଳବାସୀ ସ୍ୱଚ୍ଛ ପାଣି ପାଇଁ ଡହଳବିକଳ ହେଉଥିବା ମତପ୍ରକାଶ ପାଇଛି। ହେଲେ ହୋର୍ଡିଂରେ ପ୍ରଚାର ପ୍ରସାର ପାଇଁ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଛଘୁଞ୍ଚା ଦିଆଯାଉ ନାହିଁ ବୋଲି ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ଚଣ୍ଡିଖୋଲ ଆର୍‌ଡବ୍ଲ୍ୟୁଏସ୍ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ଘଡେଇଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ସୋମବାର ସନ୍ଧ୍ୟାରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

- ଶତାଧିକ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଅଚଳ
- ନିର୍ଦ୍ଧାରିତ ସମୟରେ ସରୁନି ମେଗା ଜଳ ଯୋଗାଣ ପ୍ରକଳ୍ପ
- ୧ ବର୍ଗଫୁଟ ହୋର୍ଡିଂ ପାଇଁ ଖର୍ଚ୍ଚ ୯୮୯ ଟଙ୍କା



## କଣ୍ଟେନର ପଛରେ ପିଟିହୋଇ ଓଲଟିଲା ଅଟୋ, ଚାଳକ ଆହତ



**ପାଣିକୋଇଲି,୧।୯(ବିକାଶ ମଲ୍ଲିକ)**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାହାପୁରସ୍ଥିତ ଖରସ୍ରୋତା ନଦୀ ପୋଲ ଉପରେ ଏକ କଣ୍ଟେନର ପଛରେ ଏକ ଅଟୋ ଧକ୍କା ହୋଇ ଓଲଟି ପଡ଼ିଛି। ଫଳରେ ଅଟୋ ଚାଳକ ଆହତ ହୋଇଛନ୍ତି। ସେ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ କଣ୍ଟିଗାଡ଼ିଆ ଗ୍ରାମର ଜ୍ୟୋତି ପ୍ରକାଶ ଜେନା। କୁଆଖିଆରୁ କଦଳୀ ନେଇ ଅଟୋ (ଓଡି-୩୪-କେ-୫୨୯୫) ପାଣିକୋଇଲି ଆସୁଥିଲା। ଏହି ସମୟରେ ଆଟୋ ଆଗରେ ଯାଉଥିବା କଣ୍ଟେନର (ଏଚ୍ଆର-୩୮-ଏଇ-୭୪୬୪) ହଠାତ ବ୍ରେକ ମାରିଦେବାରୁ ଅଟୋ ଧକ୍କା ହୋଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଖବର ପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ଓ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟମାନେ ପହଞ୍ଚି ଆହତ ଅଟୋ ଚାଳକଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

## ଆଦର୍ଶ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ

**ଧର୍ମଶାଳା,୧।୯(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକ ଦେଉଳିପାଳସ୍ଥିତ ଧର୍ମଶାଳା ଆଦର୍ଶ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ସମାପନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଉପପ୍ରଧାନ ଆଚାର୍ଯ୍ୟ ସୋମେଶ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସଂସ୍କୃତ ଶିକ୍ଷକ ବ୍ରଜକିଶୋର ଦାସ, ସମ୍ମାନିତ ଅତିଥି ଦାନଗଦି ଆଦର୍ଶ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିପ୍ରବର ଦଳାଇ ଯୋଗଦାନ କରିଥିଲେ। ଉତ୍ସବରେ ସ୍କୁଲ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତ ଶିକ୍ଷକ ଧନଞ୍ଜୟ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୌମ୍ୟା ସ୍ୱାଗତିକା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଏସ୍‌ଟି, ଏସ୍‌ସି ବିଭାଗ ପରିଚାଳିତ ବିଦ୍ୟାଳୟ

**କେନ୍ଦୁଝର,୧।୯(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାରେ ଏସ୍‌ଟି, ଏସ୍‌ସି ବିଭାଗ ଅଧୀନରେ ପରିଚାଳିତ ଏକ ବାଳିକା ବିଦ୍ୟାଳୟରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ବିଦ୍ୟାଳୟ ପକ୍ଷରୁ ସଦର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା(ନଂ.୨୯୫/୨୩) ରୁଜୁ କରି ଧିରଜ ମନ୍ତ୍ରୀ(୧୯) ନାମକ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ନାବାଳିକା ଦୁଇମାସର ଗର୍ଭବତୀ ଥିବା ବେଳେ ଅଭିଯୁକ୍ତ ବିରୋଧରେ ବଳାତ୍କାର ମାମଲା ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ସାଏ ସୂଚନା ଦେଇଛନ୍ତି। ଗିରଫ ଯୁବକ ତାଙ୍କ ସମ୍ପର୍କୀୟ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ନାବାଳିକାଙ୍କୁ ଉଦ୍ଧାର କରାଯାଇ କାଉନ୍‌ସେଲିଂ କରିବା ସହ ଚିକିତ୍ସା ବ୍ୟବସ୍ଥା ପ୍ରଦାନ କରାଯାଉଛି। ବିଦ୍ୟାଳୟରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ହେଉଛି କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି।

## ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଡ୍ରାଇଭର ମହାସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

**କାଏମା,୧।୯(ଶିବପ୍ରସାଦ ମହାନ୍ତି)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ସ୍କୁଲ ପଡ଼ିଆଠାରେ ଓଡ଼ିଶା ଡ୍ରାଇଭର ମହାସଂଘ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ମହାସଂଘ ସଭାପତି ପ୍ରଶାନ୍ତ କୁମାର ମେହୁଲିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଚଣ୍ଡିଖୋଲ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ କାଜଲ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯାଜପୁର ଜିଲା ଡ୍ରାଇଭର ମହାସଂଘ ସଭାପତି ମାନସ ରଞ୍ଜନ ଦେବତା, ଉପସଭାପତି ଅମର ପତି, ସମ୍ପାଦକ ଶରତ ବେହେରା, ସହ ସମ୍ପାଦକ ଅନିଲ ନାୟକ ଓ ଜିଲା କୋଷାଧ୍ୟକ୍ଷ ଶଶିକାନ୍ତ ବେହେରା ପ୍ରମୁଖ ଯୋଗଦେଇ ଡ୍ରାଇଭରମାନଙ୍କ ସମସ୍ୟା ଆଲୋଚନା କରିଥିଲେ। ଏହି ଅବସରରେ ଡ୍ରାଇଭରମାନଙ୍କୁ ସଚେତନ କରିବା ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ପରେ ଏକ ରକ୍ତଦାନ ଶିବିର କାଏମା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ଯାଜପୁର ଜିଲା ମୁଖ୍ୟ ବ୍ଲଡ୍ ବ୍ୟାଙ୍କ ଅଧିକାରୀମାନେ ଯୋଗଦେଇ ୯୪ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ସମସ୍ତ ସ୍କୁଲ, କଲେଜ ଓ କାର୍ଯ୍ୟାଳୟ ଖୋଲାଥିବାରୁ ଅନେକ ଡ୍ରାଇଭର ସମାବେଶରେ ଯୋଗ ଦେଇପାରି ନ ଥିଲେ। ତେଣୁ ସଂଘ ପକ୍ଷରୁ ଏହି ଦିବସକୁ ଛୁଟିଦିନ ଘୋଷଣା କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ସମାବେଶରେ ଜିଲାରୁ ୭ ହଜାରରୁ ଊର୍ଦ୍ଧ୍ୱ ଡ୍ରାଇଭର ଯୋଗ ଦେଇଥିଲେ।

## ରେଳ ଓଭରବ୍ରିଜ୍ ପାଇଁ ୫-ଟି ସଚିବଙ୍କୁ ଦାବିପତ୍ର

**ଯାଜପୁର ରୋଡ୍,୧।୯(ପବିତ୍ର ରଞ୍ଜନ ମହାନ୍ତି)**

ବ୍ୟାସନଗର ନାଗରିକ କମିଟି ଦ୍ୱାରା ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଶୁକ୍ରବାର ଚାନ୍ଦମା ପଡ଼ିଆଠାରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଏକ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଚୂନଭାଟି ପାର୍ଶ୍ୱ ଲେଭଲ କ୍ରସିଂ ଉପରେ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ, ୧୦୦ ଶଯ୍ୟାବିଶିଷ୍ଟ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲ, ଏକ ନୂତନ ଆଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ, ସହରର ଟ୍ରାଫିକ୍ ସମସ୍ୟାର ଦୂରୀକରଣ ପାଇଁ ସ୍ଥାୟୀ ଟ୍ରାଫିକ୍ ପୋଲିସ୍ ମୁତୟନ, ଗୋଶାଳାଠାରେ ଥିବା ଶ୍ମଶାନର ଉନ୍ନତୀକରଣ, ବ୍ୟାସସରୋବର ନିକଟ ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର, ସହରାଞ୍ଚଳ ଜମିଜମା ସମସ୍ୟାର ପ୍ରତିକାର, ବ୍ୟାସସରୋବର ବିକାଶରେ ବାଧକ ସାଜୁଥିବା ଏନ୍‌ଜିଟି ମାମଲା ହଟାଇବା, ସହରର ଡ୍ରେନ ସମସ୍ୟା ଦୂରୀକରଣ ଓ ସହର ଚାରିପଟେ ଏକ ରିଂରୋଡ୍ ନିର୍ମାଣ ଆଦି ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନାଗରିକ କମିଟି ତରଫରୁ ଦୁର୍ଯ୍ୟୋଧନ ରାଉତ, ଦୁଷ୍ମନ୍ତ କୁମାର ନାୟକ, ହୃଦାନନ୍ଦ ସାମଲ, ସାମ୍ବାଦିକ ଚିନ୍ତାମଣି ପାଢ଼ୀ, ଆଡ୍‌ଭୋକେଟ ନାରାୟଣ ପ୍ରସାଦ ପତି, ରଜତ କୁମାର ରାଉତ, ସଦାଶିବ ଦାଶ, ଚନ୍ଦ୍ରମଣି ସାମଲ, ଦୀନେଶ କୁମାର ମସ୍କରା, ଦାମୋଦର ପଣ୍ଡା, ସୁବାସ କୁମାର ମିଶ୍ର, ଦୁର୍ଗାଚରଣ ପ୍ରତିହାରୀ ଓ ହେମନ୍ତ କୁମାର ଧୀର ପ୍ରମୁଖ ଯୋଗଦେଇଥିଲେ।

## ସଚିବଙ୍କ ଗସ୍ତକୁ ବିରୋଧ



କୋରେଇ କଂଗ୍ରେସ କର୍ମୀମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି।

**ଯାଜପୁରରୋଡ୍,୧।୯(ପବିତ୍ର ରଞ୍ଜନ ମହାନ୍ତି)**

ଯାଜପୁର ଜିଲା ବ୍ୟାସନଗର ସହରର ଚନ୍ଦମା ଖେଳ ପଡ଼ିଆରେ ଶୁକ୍ରବାର ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଜନ ଅଭିଯୋଗ ଶୁଣାଣି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଣ୍ଡିଆନ ଯୋଗଦେଇ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିବାବେଳେ ତାଙ୍କୁ ବିରୋଧ କରାଯାଇଛି। ଚୋରଦା ବାଇପାସଠାରୁ କୋରେଇ ଓ ବ୍ୟାସନଗର କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା ଚନ୍ଦମା ପଡ଼ିଆ ଅଭିମୁଖେ ବାହାରିଥିଲା। ପୋଲିସ ଚୋରଦା ମେଳଣ ପଡ଼ିଆ ନିକଟରେ ଅଟକାଇବାରୁ ଦୀର୍ଘସମୟ ଧରି ପୋଲିସ ସହ ସେମାନଙ୍କ ଠେଲାପେଲା ହୋଇଥିଲା। ଫଳରେ ସେଠାରେ ଦୀର୍ଘ ସମୟ ରାସ୍ତା କର୍ମୀ ରାସ୍ତା ଅବରୋଧ କରିଥିଲେ। ନଗର କଂଗ୍ରେସ ସଭାପତି ଦିଲୀପ ମଲ୍ଲିକ, କୋରେଇ ବ୍ଲକ ସଭାପତି ଅକ୍ଷୟ ଜେନା, ପୂର୍ବତନ ଉପନଗରପାଳ ପ୍ରମୋଦ ପରିଡ଼ା, କଉନସିଲର ରବୀନ୍ଦ୍ର ରାଉତ ଓ କୁଳମଣି ରାଉତ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ସେହିପରି ବ୍ୟାସନଗର ଭାଜପା ଓ କୋରେଇ ଯୁବମୋର୍ଚ୍ଚା ପକ୍ଷରୁ ଶତାଧିକ କର୍ମୀ ଦଳୀୟ ପତାକା, ୫-ଟି ସଚିବଙ୍କ କଳା ବୋଳା ଫୋଟୋ ଚିତ୍ର ବ୍ୟାନର ଧରି ସ୍ଥାନୀୟ ଗୋପବନ୍ଧୁ ଛକଠାରୁ ଏକ ଶୋଭାଯାତ୍ରାରେ ସଭାସ୍ଥଳ ଆଡକୁ ଅଗ୍ରସର ହୋଇଥିଲେ। ଯୁବମୋର୍ଚ୍ଚା ସଭାପତି ବିକ୍ରମ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବାଇକ୍ ରାଲି ଶୋଭାଯାତ୍ରାରେ ସାମିଲ ହୋଇଥିଲା। ଚୋରଦା ମେଳଣ ପଡିଆ ନିକଟରେ ପୋଲିସ ଫୋର୍ସ ସେମାନଙ୍କୁ ଅଟକାଇଥିଲେ। ଭାଜପାର ଏହି ବିକ୍ଷୋଭରେ କୋରେଇ ମଣ୍ଡଳ ସଭାପତି ପ୍ରମୋଦ ସାହୁ, ବ୍ୟାସନଗର ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ମହିଳା ନେତ୍ରୀ ଦିପ୍ତୀମୟୀ କୁଅଁର, ଇତିଶ୍ରୀ ଜେନା, ନିରଞ୍ଜନ ଘଡେଇ ଓ ଶଶୀଭୂଷଣ ସେନାପତି ପ୍ରମୁଖ ସାମିଲ ହୋଇଥିଲେ। ସେହିଭଳି କୋରେଇ ସଂଗ୍ରାମ ସମିତି ପକ୍ଷରୁ ସଭାପତି ବିଦ୍ୟାଧର ମହାନ୍ତି, ଉପସଭାପତି ଆଲୋକ ମହାନ୍ତି, ପ୍ରଫୁଲ୍ଲ ନାୟକ ଓ ନିତ୍ୟାନନ୍ଦ ମହାଳିକ ପ୍ରମୁଖ କର୍ମୀ କଳା ପୋଷାକ ପିନ୍ଧିବା ସହ ପାଣ୍ଡିଆନ ବିରୋଧୀ ନାରା ବାଜି କରି କଳାପତାକା ପଦର୍ଶନ କରିଥିଲେ। ଏହାକୁ ନେଇ ଚୋରଦା-କନ୍ଦ୍ଲେଇପୁର ଉକ୍ତ ରାସ୍ତାରେ ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

### ହତ୍ୟା ଅଭିଯୋଗ ଆଣିଲେ ଭାଇ

**ବାଲେଶ୍ୱର, ୧।୯ (ମାନସ ବିଶ୍ୱାଳ)**

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ସହଦେବଖୁଣ୍ଟା ଅଞ୍ଚଳର କୁଆଁ ଛକରେ ଥିବା ରାଜେଶ ପଣ୍ଡାଙ୍କ ସ୍ତ୍ରୀ ଇତିଶ୍ରୀଙ୍କ ମୃତଦେହ ପୋଲିସ ଜବତ କରିଛି। ଇତିଶ୍ରୀଙ୍କ ଶରୀରର ବିଭିନ୍ନ ସ୍ଥାନରେ ଦାଗ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଇତିଶ୍ରୀଙ୍କ ମୃତଦେହ ଜବତ କରିବା ସମୟରେ ଏକ ସୁଇସାଇଡ଼ାଲ ନୋଟ୍ ଜବତ କରିଛି। ଏହା ହତ୍ୟା କି ଆତ୍ମହତ୍ୟା ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ଆଜିମାବାଦ ଅଞ୍ଚଳର ହରିଚନ୍ଦନ ତିଓ୍ୱାରୀଙ୍କ ଝିଅ ଇତିଶ୍ରୀଙ୍କୁ ୩ବର୍ଷ ପୂର୍ବେ ସହଦେବଖୁଣ୍ଟା ଅଞ୍ଚଳର ରାଜେଶ ପଣ୍ଡା ବିବାହ କରିଥିଲେ। ବିଭିନ୍ନ ସମୟରେ ଅଧିକ ଯୌତୁକ ପାଇଁ ଇତିଶ୍ରୀଙ୍କୁ ଶାଶୁ ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ରାକ୍ଷୀ ପୂର୍ଣ୍ଣିମାରେ ଇତିଶ୍ରୀ ବାପ ଘରକୁ ଯାଇଥିଲେ। ସେଠାରୁ ଶାଶୁ ଘରକୁ ଫେରିବା ପରେ ଶୁକ୍ରବାର ହଠାତ୍ ତାଙ୍କ ମୃତ୍ୟୁ ସମ୍ପର୍କରେ ବାପ ଘରକୁ ଶାଶୁ ଘର ଲୋକେ ଖବର ଦେଇଥିଲେ। ବାପ ଘର ଲୋକ ପହଞ୍ଚି ଶୋଇବା ଘରେ ଏକ ଖଟରେ ଝିଅର ମୃତଦେହ ରଖାଯାଇଥିବା ଦେଖିଥିଲେ। ଇତିଶ୍ରୀ ଆଣ୍ଠୁ, ହାତ ଓ ଗୋଡ଼ରେ ଦାଗ ଦେଖି ଝିଅକୁ ପିଟି ପିଟି ହତ୍ୟା କରାଯାଇଥିବା ସନ୍ଦେହ କରି ଭାଇ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ଶାଶୁଘର ଲୋକ ଶବକୁ ନେଇ ନ ଥିବା ବେଳେ ବାପଘର ଲୋକ ଶବ ସତ୍କାର କରିଥିଲେ।

## ଆରମ୍ଭ ହୋଇପାରୁନି ନୂତନ ଗୃହ ନିର୍ମାଣ

### ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ଝୁମ୍ପୁରୀ,୧।୯(ସରୋଜ ନାୟକ)**

ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ ଅବସ୍ଥାରେ ପଡ଼ିରହିଛି। କିଛିଦିନ ତଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୬.୫ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। ଟେଣ୍ଡର ପ୍ରକ୍ରିୟା ସରିବା ପରେ କଟକର ଜଣେ ଠିକାଦାର ଏହାର ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପୁରୁଣା ଓ ଅସୁରକ୍ଷିତ ଘରଗୁଡ଼ିକୁ ଏହି ଠିକାଦାର ଗତ ୧ ବର୍ଷ ହେଲା ଭାଙ୍ଗି ଦେଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ନୂତନ ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ କରିପାରୁନାହାନ୍ତି। ଏହି କାର୍ଯ୍ୟ ଆରମ୍ଭ ନ ହେବା ପଛର କାରଣ ଏପର୍ଯ୍ୟନ୍ତ ଲୋକେ ବୁଝିପାରୁନାହାନ୍ତି। ଅନ୍ୟପକ୍ଷରେ ନୂତନ ଗୃହ ନିର୍ମାଣ ଆରମ୍ଭ ହୋଇ ନ ଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗତ ସୋମବାର ହୋଇଥିବା ଜିଲାପାଳଙ୍କ ଜନଶୁଣାଣିରେ ଦଶରଥପୁରର ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ, ବରିଷ୍ଠ କଂଗ୍ରେସ ନେତା ଲୋକନାଥ ମହାପାତ୍ର, ଦଳିତ ନେତା ତଥା ପୂର୍ବତନ ସମିତିସଭ୍ୟ ଦୁର୍ଯ୍ୟୋଧନ ଗୋଛାୟତଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ଜିଲାପାଳଙ୍କୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି। ଏହା ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଭିଯୋଗକାରୀ ଚେତାବନୀ ଦେଇଛନ୍ତି।

## ମଧୁବୈଶ୍ୟ ସମାଜର ପାରିବାରିକ ମିଳନ ସଭା

**କାଏମା,୧।୯(ଶିବପ୍ରସାଦ ମହାନ୍ତି)**

ଧର୍ମଶାଳା ବ୍ଲକ ଉତ୍ତର ପ୍ରତାପ ପଞ୍ଚାୟତ ନରସିଂହପୁର ଗ୍ରାମର ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁଙ୍କ ବାସଭବନରେ ମଧୁବୈଶ୍ୟ ସମାଜ ପକ୍ଷରୁ ପାରିବାରିକ ମିଳନ ସଭା ଅନୁଷ୍ଠିତ ହୋଇଯାଇଛି। ଭାଗବତ ପାଠ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କ୍ଷେତ୍ରବାସୀ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ମଧୁବୈଶ୍ୟ ସମାଜର ବିଭିନ୍ନ ସମସ୍ୟା ଆଲୋଚନା କରଯାଇ ସମାଧାନ କରାଯାଇଥିଲା। ପରସ୍ପର ମଧ୍ୟରେ କିପରି ସୁସମ୍ପର୍କ ରହିବ ସେ ବିଷୟରେ ସଭାପତି କହିଥିଲେ। କାର୍ଯ୍ୟକ୍ରମରେ ଅନନ୍ତ ସାହୁ, ଦଧିବାମନ ସାହୁ, ବସନ୍ତ ସାହୁ, ପ୍ରଶାନ୍ତ ସାହୁ, ବିଜୟ କୁମାର ସାହୁ ଓ ସମରେଶ ସାହୁଙ୍କ ବହୁ ଯୁବପିଢି ଯୋଗ ଦେଇଥିଲେ।



ସଭାରେ ଯୋଗ ଦେଇଥିବା ମଧୁବୈଶ୍ୟ ସମାଜର କର୍ମକର୍ତ୍ତା ଓ ଅନ୍ୟମାନେ।

## ପାଣି ଅଭାବରୁ ଶୁଖିଗଲାଣି ନୂଆ ରୋପଣ ଚାରା

- ବ୍ୟାସ ସରୋବରରେ ଜଙ୍ଗଲ ବିଭାଗର ଅବହେଳା
- ପାଣିରେ ପଡ଼ିବ କୋଟିଏ ଟଙ୍କା

**ଯାଜପୁର,୧।୯(ହର୍ଷବର୍ଦ୍ଧନ ବେହେରା)**



ବ୍ୟାସସରୋବର ନିକଟରେ ଲଗା ଯାଇଥିବା ଗଛଗୁଡ଼ିକ ଶୁଖିଯାଇଛି।

ରାଜ୍ୟରେ ପ୍ରତିବର୍ଷ ପ୍ରାୟ ୩ ଲକ୍ଷ ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ଆଗାମୀ ୨୦ ବର୍ଷରେ ଓଡ଼ିଶା ବିପୁଳ ଜଙ୍ଗଲ କ୍ଷୟ ବୋଲି ବିଶେଷଜ୍ଞ ଓ ପରିବେଶବିତ୍‌ମାନେ ପୂର୍ବରୁ ସତର୍କ କରାଇଛନ୍ତି। ଏଥିପାଇଁ ସେମାନେ ଶିଳ୍ପ ଓ ଖଣି ଖାଦାନକୁ ଦାୟୀ କରିଛନ୍ତି। କିନ୍ତୁ ଏହି ଉଦ୍‌ବେଗଜନକ ସ୍ଥିତି ଜଙ୍ଗଲ ବିଭାଗକୁ ତତ୍ପର କରିଥିବା ମନେ ହେଉନାହିଁ। ଜୋରସୋରରେ ଶିଳ୍ପାୟନ ଓ ଖଣି ଖାଦାନ ଚାଲିଥିବା ଯାଜପୁର ଜିଲାରେ ଜଙ୍ଗଲ ବିଭାଗ ହାତ ଟେକି ଦେଇଥିବା ମନେହେଉଛି। ଧର୍ମଶାଳା ତହସିଲ ଅଞ୍ଚଳରେ କଳାପଥର ଲୁଟ୍ ପାଇଁ ଜଙ୍ଗଲ ନଷ୍ଟ ସହ ନୂତନ ବନୀକରଣ ହେଉ ନ ଥିବାବେଳେ ଯେଉଁଠି ବନୀକରଣ ହେଉଛି, ତାହା ଉପରେ ଆବଶ୍ୟକ ଧ୍ୟାନ ଦିଆଯାଉ ନଥିବାରୁ ଗଛଗୁଡ଼ିକ ଶୁଖି ମରିଯାଉଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲା ବ୍ୟାସ ସରୋବରରେ ହେଉଥିବା ବନୀକରଣ କାର୍ଯ୍ୟକୁ ଦେଖିଲେ ଏହା ଜଳଜଳ ହୋଇ ଦିଶୁଛି। ସୂଚନାଯୋଗ୍ୟ, ପଡ଼ିଆ ପଡିଥିବା ଜଙ୍ଗଲ ଜମିରେ ଚାରାରୋପଣ କରିବାକୁ ବ୍ୟାସନଗର ପୌର ପରିଷଦ ପକ୍ଷରୁ ଜଙ୍ଗଲ ବିଭାଗକୁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି। କଳିଙ୍ଗନଗର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରରେ ପ୍ରଦୂଷଣ ଉତ୍କଟ ହେଉଥିବାରୁ ଏହି ଚାରାରୋପଣ କାର୍ଯ୍ୟକୁ ସହରବାସୀ ସ୍ୱାଗତ କରିଛନ୍ତି। ଏହିକ୍ରମରେ ଜଙ୍ଗଲ ବିଭାଗ ପକ୍ଷରୁ କୁଷ୍ଠ କଲୋନୀ ନିକଟ ଏବଂ ବ୍ୟାସ ସରୋବର କାଜୁ ବଗିଚା ମଝିରେ ତାର ବାଡ଼ ଲଗାଯାଇ ବହୁ ସଂଖ୍ୟାରେ ଚାରାରୋପଣ ହୋଇଛି। ହେଲେ ତାହା ପାଣି ଅଭାବରୁ ଶୁଖିଯାଉଛି। ଏଥିପାଇଁ ଜଙ୍ଗଲ ବିଭାଗ ଆଦୌ ଦୃଷ୍ଟି ଦେଉ ନ ଥିବା ମନେ ହେଉଛି। ଫଳରେ ପୌର ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପରାହତ ହେବା ସହ କୋଟିଏ ଟଙ୍କା ପାଣିରେ ପଡ଼ିବ ବୋଲି ମତପ୍ରକାଶ ପାଉଛି।

## ସଂକ୍ଷେପରେ

### ୨ଶହ ଲିଟର ଡିଜେଲ ଜବତ, ଜଣେ ଗିରଫ

ମାର୍ଶାଘାଇ, ୧୯(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ହଜାରୀ ଛକ ନିକଟରୁ ବିପୁଳ ପରିମାଣର ଚୋରା ଡିଜେଲ ଜବତ କରାଯାଇଛି । ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ନିକିରେଇ ଥାନା ଅନ୍ତର୍ଗତ ନହଙ୍ଗ ଗ୍ରାମର ଚଗଲା ପାତ୍ର (୩୦) ଡୁବୁରୀରୁ ଏକ ଆଇରନ ବୋଝେଇ ଟ୍ରକ ଚଳାଇ ପାରାଦୀପ ଯାଉଥିଲେ । ବାଟରେ ହଜାରୀ ଛକ ନିକଟରେ ଶୌଚ ପାଇଁ ଅଟକି ଥିଲେ । ଏହି ସୁଯୋଗରେ ଜଣେ ବ୍ୟକ୍ତି ତାଙ୍କ ଗାଡ଼ି ତେଲ ଟାଙ୍କିରୁ ପାଇପ ଯୋଗେ ତେଲ ବାହାର କରିଥିଲେ । ଏହାଦେଖି ତାଙ୍କୁ ଧରିବା ପାଇଁ ଗୋଡ଼ାଇବାରୁ ସେ ତେଲ ଜାର ଧରି ଫେରାର ହୋଇଯାଇଥିଲେ । ଏ ସମ୍ପର୍କରେ ସେ ମାର୍ଶାଘାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ହାତୀଆ ଗ୍ରାମର କୈଳାସ ରାଉତଙ୍କୁ ଗିରଫ କରିଛି । ତାଙ୍କ ପାଖରୁ ୨ଶହ ଲିଟର ଡିଜେଲ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୪୬୮/୨୩) ରୁଜୁ ହୋଇଛି । ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ।

### ଫିଟ୍‌ନେସ୍ ନ ଥିବା ଯାତ୍ରୀବାହୀ ବସ୍ ଜବତ

ପାରାଦୀପ, ୧୯(ଶରତ ରାଉତ)

ପାରାଦୀପ ବସ୍‌ଷ୍ଟାଣ୍ଡରେ ଶୁକ୍ରବାର ଏକ ଘରୋଇ ଯାତ୍ରୀବାହୀ ବସ୍‌କୁ ଜଗତ୍‌ସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ପ୍ରଶାନ୍ତ ମହାପାତ୍ର ଜବତ କରିଛନ୍ତି । ଫିଟ୍‌ନେସ ନ ଥିବାରୁ ବସ ଉପରେ ୧୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି ବୋଲି ମହାପାତ୍ର କହିଛନ୍ତି । ଉକ୍ତ ବସ୍ କୋଲକତାରୁ ପାରାଦୀପ ଯାତାୟାତ କରୁଥିଲା । ଏହାର ପରମିଟ୍ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ଥିବା ସତ୍ତ୍ୱେ ପାରାଦୀପ ଆସୁଥିଲା । ୨୦୨୧ ଜୁଲାଇରୁ ବସ୍‌ର ଫିଟନେସ ଅଚଳ ଥିଲା ।

### ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅନୁଦାନ ସଂକଳ୍ପ ଅଭିଯାନ

ନାଉଗାଁ, ୧୯(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ତରଫରୁ ଶୁକ୍ରବାର ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ଅନୁଦାନ ଦାବିରେ ୪୦୦ ଦିନ ହେବ ଅହୋରାତ୍ର ଆନ୍ଦୋଳନ ପରେ ବି ସରକାର ସେମାନଙ୍କ ପାଇଁ କୌଣସି ନିଷ୍ପତ୍ତି ନେଉନାହାନ୍ତି । ଏହାର ପ୍ରତିବାଦରେ ସଂଘ ତରଫରୁ ୨୭ ଅଗଷ୍ଟରୁ ୩ ସେପ୍ଟେମ୍ବର ୨୦୧୯ ପର୍ଯ୍ୟନ୍ତ ଅନୁଦାନ ସଂକଳ୍ପ ଅଭିଯାନ ଜାରି ରହିବ । ୪ ସେପ୍ଟେମ୍ବରରେ ସଂଘ ତରଫରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ସମାବେଶ ଅନୁଷ୍ଠିତ ହେବ । ଏହି ଅଭିଯାନରେ ମହାବିଦ୍ୟାଳୟ ପକ୍ଷରୁ ପପିନ୍ଦ୍ର ଲେଙ୍କା, ରଞ୍ଜିତ ମହାନ୍ତି, ପ୍ରଜିତ ପଟ୍ଟନାୟକ, ମାନସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ଚାରା ରୋପଣ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୧୯ (ଅକ୍ଷୟ ବିଶ୍ୱାଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ଷଣ୍ଢପଲି କେନାଲ ରାସ୍ତା ତଥା ବନ୍ୟା ନିରୋଧକ ବନ୍ଧ ପାର୍ଶ୍ୱରେ ଚାରା ରୋପଣ କରାଯାଇଛି । ପ୍ରଫେସର ଭରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ବରିଷ୍ଠ ସଭ୍ୟ ଲକ୍ଷ୍ମୀଧର ପାତ୍ର, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, କାର୍ଯ୍ୟକାରୀ ସଭାପତି କସ୍ତୁରୀ ଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଚତୁର୍ଭୁଜ ରାଉଳ, ସହସମ୍ପାଦକ ବିଜୟ କୁମାର ସାହୁ, ପ୍ରକୃତିବନ୍ଧୁ ଗାଲ୍ଗିକ ପ୍ରଦୀପ ନାୟକ, ଶିକ୍ଷାବିତ୍ ପ୍ରମୋଦ ନାୟକ, କବି ନାରାୟଣ ପ୍ରସାଦ ରାଉଳ, ତପନ ପାତ୍ର, ଡ.ଅଭିଲାଷ ରାଉଳ, ପ୍ରଫୁଲ୍ଲ ପ୍ରଧାନ, ପ୍ରମୁଖ ଯୋଗ ଦେଇ ୨ଶହ ଚାରା ରୋପଣ କରିଥିଲେ ।

### ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ବିକ୍ଷୋଭ

ଏରସମା, ୧୯(ଦୀପ୍ତି ରଞ୍ଜନ ଖଣ୍ଡୁଆଳ):

ଏରସମା ବ୍ଲକ ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତ ସମ୍ମୁଖରେ ଶୁକ୍ରବାର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପଞ୍ଚାୟତସ୍ତରରେ ହେଉଥିବା ଦୁର୍ନୀତି ବିରୋଧରେ ଭାଜପା ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭରେ ସର୍ବେଶ୍ୱର ମାଝୀ, ନିରାକାର ସ୍ୱାଇଁ, ବିକାଶ ରାଉଳ, ଲଳିତ ମୁଦୁଲି, ଅଭିମନ୍ୟୁ ଲେଙ୍କା, ବନବିହାରୀ ଦଳାଇ, ପ୍ରଦୀପ ସାମଲ, ଅଶୋକ ଜେନା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ସେହିପରି ଏରସମା ଓ ପଲ୍ଲୀକଣ୍ଠା ପଞ୍ଚାୟତରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

# ‘ଚାଷୀ, ଭାଗଚାଷୀ ଦେଶର ପ୍ରକୃତ ରକ୍ଷକ’



କୁଜଙ୍ଗ ତହସିଲ ସମ୍ମୁଖରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ବିକ୍ଷୋଭ କରାଯାଉଛି ।

କୁଜଙ୍ଗ/ଏରସମା, ୧୯
(ମନୋଜ ପ୍ରଧାନ/ ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଚଳିତବର୍ଷ ବର୍ଷାଭାବଯୋଗୁ ଖରିଫ ଧାନାଚାଷରେ ବିଳମ୍ବ ଘଟିଛି । ଫଳରେ ଆସନ୍ନ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ଏହାର ପ୍ରତିବାଦରେ ଗୁରୁବାର ଅଖିଳଭାରତ କୃଷକ ସଭା ଓ ସିପିଆଇ ପକ୍ଷରୁ ମିଳିତ ଭାବେ କୁଜଙ୍ଗ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିସହ ୧୦ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ପ୍ରଦାନ କରାଯାଇଛି । ଏହି ପ୍ରତିବାଦ ସଭାରେ ଜଗତ୍‌ସିଂହପୁର ଜିଲା ଅଖିଳ ଭାରତ କୃଷକ ସଭା ସଭାପତି ଶ୍ରୀନିବାସ ଜୁଝାରସିଂହ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାରିନେତ୍ରୀ ଜିନ୍ନତୀ ସାହାଣୀ, ଶରତ ଚନ୍ଦ୍ର ବଳିୟାରସିଂହ, ବସନ୍ତ ସାମଲ, ରବୀନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ବେହେରା, ଅଜୟ ବେହେରା, ରବୀନ୍ଦ୍ର ମାଝି ପ୍ରମୁଖ ଶତାଧିକ ଚାଷୀ ସାମିଲ ହୋଇ ମରୁଡ଼ି ମୁକାବିଲା ନିମନ୍ତେ ପଦକ୍ଷେପ ନେବାକୁ ଦାବି କରିଥିଲେ । ସେହିପରି ଏରସମା ତହସିଲ ସମ୍ମୁଖରେ ୧୩ ଦଫା ଦାବିରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ

## ଅଖିଳ ଭାରତ କୃଷକ ସଭାର ବିକ୍ଷୋଭ

ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପୀତାମ୍ବର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଅଖିଳ ଭାରତ କୃଷକ ସଭା ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ ଯୋଗଦେଇ କହିଥିଲେ, ଚାଷୀ ଓ ଭାଗଚାଷୀ ହେଉଛନ୍ତି, ଦେଶର ପ୍ରକୃତ ରକ୍ଷକ । ସେମାନଙ୍କୁ ଆର୍ଥିକ ଅନଟନରୁ ଉଦ୍ଧାର କରି ସମ୍ମାନ ପ୍ରଦର୍ଶନ କରିବା ସରକାରଙ୍କ କର୍ତ୍ତବ୍ୟ । ଏଥିରେ ସିପିଆଇର ଜିଲା ସମ୍ପାଦକ ଅଭିଜିତ ସାହୁ, ଯୁବନେତା ଦେବାଶିଷ ପରିଜା, କୃଷକ ସଭାର ବ୍ଲକ ସଭାପତି ପ୍ରସନ୍ନ କୁମାର କୁଅଁର, ସରପଞ୍ଚ ପ୍ରଫୁଲ୍ଲ ଦାସ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି, ଗୋଡାର ପୂର୍ବତନ ସରପଞ୍ଚ ଦାମୋଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଚାଷୀଙ୍କୁ ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରିବା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ କମାଇବା, ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ କରିବା, ମଣିପୁର ସାମ୍ପ୍ରଦାୟିକ ଦଙ୍ଗା ବନ୍ଦ କରିବା, ସରକାରୀ କାର୍ଯ୍ୟାଳୟରେ ଖାଲି ପଦବୀ ପୂରଣ ଆଦି ସମ୍ପର୍କିତ ୧୩ ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ରଞ୍ଜନ ମହାନ୍ତିଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା ।

# ୮ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ଆତ୍ମସାତ୍ ପ୍ରତିବାଦରେ ଗଣଧାରଣା

ରାଜନଗର, ୧୯(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବାଲିସାହିପାଟଣା ଗ୍ରାମପଞ୍ଚାୟତର ବାରଦିଆ ଗ୍ରାମର ବିଭିନ୍ନ ଉନ୍ନୟନ କାମ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ୧୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । କିନ୍ତୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କୌଣସି କାର୍ଯ୍ୟ କରା ନ ଯାଇ ୫ ଲକ୍ଷ ଟଙ୍କା କାଗଜପତ୍ରରେ ଦର୍ଶାଇ ଲୁଟ କରାଯାଇଛି । ୧ ମାସ ତଳେ ଗ୍ରାମବାସୀଙ୍କ ପକ୍ଷରୁ ଏହି ଦୁର୍ନୀତି ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଅବଗତ କରାଯାଇଥିଲା । ଜିଲାପାଳ ସରକାରୀ ଅର୍ଥ ହଡପକାରୀ ବ୍ୟକ୍ତିଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଏହାର ପ୍ରତିବାଦରେ ଆସନ୍ତା ୮ ତାରିଖ ଦିନ ବାରଦିଆ ଗ୍ରାମର ପ୍ରଫୁଲ୍ଲ କୁମାର ଭୂୟାଁ, ଶତ୍ରୁଘନ ସେଠୀ, ରବିନ୍ଦ୍ର ଦାସ, ଦେବେନ୍ଦ୍ରସୂତାର, ଧନେଶ୍ୱର ରାଉତ, ଶିବରାମ ପ୍ରଧାନ, ଫକୀର ଚରଣ ଦାସ, ବିଭୂତି ଭୂଷଣ ଦାସ, ବଂଶୀଧର ସୂତାର ପ୍ରମୁଖ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି କେନ୍ଦ୍ରାପଡା ଜିଲାପାଳଙ୍କ ସମେତ ରାଜନଗର ବିଡିଓ, ତହସିଲଦାର ଏବଂ ଆଇଆଇସି ରାଜନଗରଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

# ନୀଳକଣ୍ଠେଶ୍ୱର ଗ୍ରାମୀଣ ପାର୍କ ଏବେ ବଣବୁଦା

କେନ୍ଦ୍ରାପଡ଼ା, ୧୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡମୋହନପୁର ପଞ୍ଚାୟତ ଦେଉଳି ଗ୍ରାମ ଓ ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତ କଳପଡା ଗ୍ରାମର ମଝିରେ ନୀଳକଣ୍ଠେଶ୍ୱର (ବିଲ ମହାଦେବ) ମନ୍ଦିର । ମନ୍ଦିର ପାଖକୁ ଲାଗି ୨୦୨୦ରେ ଗ୍ରାମୀଣ ପାର୍କ ନିର୍ମାଣ ହୋଇଛି । ତେବେ ଏହି ପାର୍କ ଏବେ ବଣବୁଦାରେ ପରିଣତ ହୋଇଛି । ଫଳରେ ପ୍ରକଳ୍ପ ଅର୍ଥ ୯,୨୫,୦୧୩ ଟଙ୍କା ବ୍ୟର୍ଥରେ ଯାଇଛି । ସେହିପରି ମନ୍ଦିର ନିକଟରେ ଶ୍ରଦ୍ଧାଳୁଙ୍କ ପାଇଁ ଆଶାନୁରୂପକ ସେବା ମିଳୁନାହିଁ । ଏପରି ଅଭିଯୋଗ ଉତ୍କଳମଣି ଯୁବକ ସଂଘ ଓ ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ ଆଣି କେନ୍ଦ୍ରାପଡ଼ା ଜିଲାପାଳ ଓ ରାଜ୍ୟ ସଂସ୍କୃତି ବିଭାଗ ନିରୀକ୍ଷକଙ୍କୁ ସମାଧାନ ପାଇଁ ନିବେଦନ କରିଛନ୍ତି । ଏ ସମ୍ପର୍କରେ ସଂଘ ସଭାପତି ଗୌତମ କୁମାର ବେହେରା ଓ ସାମାଜିକ କର୍ମୀ ଗନ୍ତାୟତ କହିଛନ୍ତି, କେନ୍ଦ୍ରାପଡ଼ା ସହରଠାରୁ ୨୫ କିଲୋମିଟର ଦୂରରେ ଥିବା ଏହି ମନ୍ଦିରରେ ପ୍ରତ୍ୟହ ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବିଲ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ସୋମବାର ଓ ସଂକ୍ରାନ୍ତିରେ ଏହି ଭିଡ଼ ଅଧିକ ହୋଇଥାଏ । ତେବେ ଏହି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ବିଶ୍ରାମ ପାଇଁ କୌଣସି ବ୍ୟବସ୍ଥା ନାହିଁ । ପ୍ରତିବର୍ଷ ଏଠାରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ବିବାହ ହେଉଥିଲେ ମଧ୍ୟ ରୋଷଘର ଓ ଅନ୍ୟାନ୍ୟ ସୁବିଧା ନାହିଁ । ସେହିପରି ୨୦୧୯– ୨୦ ଆର୍ଥିକ ବର୍ଷରେ ୯,୨୫,୦୧୩ ଟଙ୍କାର ଗ୍ରାମୀଣ ପାର୍କନିର୍ମାଣ ହୋଇଥିଲା । ଏହି ପାର୍କ ଏବେ ବଣବୁଦାରେ ଭର୍ତ୍ତି ହୋଇଛି । ଏହାର ଉନ୍ନତୀକରଣ ପାଇଁ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି ।

# ବିଜୟ ମହାପାତ୍ରଙ୍କ ରୋଡ୍‌ଶୋ



ଡେରାବିଶ, ୧୯(ବେବର୍ତ୍ତା ଅଜୟ ଦାସ)

ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ୧୩ ନଂ. ଜିଲା ପରିଷଦ ଜୋନ୍‌ରେ ଶୁକ୍ରବାର ଭାଜପା ନେତା ବିଜୟ ମହାପାତ୍ରଙ୍କ ରୋଡ୍‌ଶୋ ଦେଖିବାକୁ ମିଳିଛି । ପୂର୍ବାହ୍ନରେ ସେ ବାରିମୂଳ ଛକରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେ ବାରିମୂଳ, କୁଶିଆପାଳ, ଗୁଆଳସିଂ ଓ ନହଙ୍ଗ ପଞ୍ଚାୟତ ଗସ୍ତ କରିଥିଲେ । ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ସନ୍ଥପୁରାଠାରୁ ସେ ଏକ ବିଶାଳ ଶୋଭାଯାତ୍ରାରେ ୩ କିଲୋମିଟର ପଦଯାତ୍ରା କରି ପଲ୍ଲୀ ମଠ ନିକଟରେ ପହଞ୍ଚିଥିଲେ । ଦଳର ପୂର୍ବତନ ସଭାପତି ସୁକାନ୍ତ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସମାବେଶରେ ବିଜୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ଶାସନ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସଚିବ ନୁହେଁ, ମନ୍ତ୍ରୀ ବଡ଼ ବୋଲି ସେ କହିବା ସହ ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର ଚାଲିଥିବା କହିଥିଲେ । ଅନ୍ୟପକ୍ଷରେ ୨୦୨୪ରେ ନିର୍ଦ୍ଧାରିତ ସମୟରେ ନିର୍ବାଚନ ଅନୁଷ୍ଠିତ ହେବ, ପୂର୍ବରୁ ନୁହେଁ ବୋଲି ସେ କହିଥିଲେ । ଏପରି କି ନିର୍ବାଚନ ସମ୍ବନ୍ଧିତ କେତେକ ଆଇନକୁ ସେ ତର୍ଜମା କରିଥିଲେ । ସମାବେଶରେ ଭାଜପା ଜିଲା ସାଧାରଣ ସମ୍ପାଦକ ସରୋଜକାନ୍ତ ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ମହିଳା ନେତ୍ରୀ ସୁନୀତା ବଳ ପୂର୍ବତନ ସରପଞ୍ଚ ପ୍ରଭାତୀ ସାହୁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲିଆ ସରପଞ୍ଚ ପ୍ରବୀର କୁମାର ସିଂହ, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଯୁବନେତା ଦିଲୀପ ଦାଶ, ଅଶୋକ କୁମାର ସାହୁ, ବିଜୟ କୁମାର ସେଠୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ପଲ୍ଲୀମଠ ପରିସରରେ ବିଜୟ ଚାରାରୋପଣ କରିଥିଲେ । ସମାବେଶରେ ୧୩ ନଂ. ଜିଲା ପରିଷଦ ଜୋନ୍‌ର ବହୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ଯୋଗଦେଇଥିଲେ । ସୁବାସ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ବିକ୍ରମ ସେଠୀ, ଉମାକାନ୍ତ ସାହୁ, ଜ୍ୟୋତିପ୍ରକାଶ ଜେନା, ବଳରାମ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ ।

### ଯୁବକ ସଂଘ ପ୍ରତିଷ୍ଠାତା ସଭାପତିଙ୍କୁ ଶ୍ରଦ୍ଧାଞ୍ଜଳି

ରାଜକନିକା, ୧୯(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭର ଯୁବକ ସଂଘ ପ୍ରତିଷ୍ଠାତା ସଭାପତି ଅନିରୁଦ୍ଧ ମହଲାଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଇଚ୍ଛାପୁର ବାସଭବନରେ ଆୟୋଜିତ ସଭାରେ ରାଜକନିକା ଯାଦବ ମହାସଂଘର ସାଧାରଣ ସମ୍ପାଦକ ମନୋଜ ପରିଡ଼ା ସଭାପତିତ୍ୱ କରିଥିଲେ । ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବତନ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲିକ, ପୂର୍ବତନ ଜିଲାପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ, ମନୋଜ କୁମାର ସେନାପତି, ପୂର୍ବତନ ବରୁଣା ସରପଞ୍ଚ ଉତ୍ତମ ସେନାପତି, ଓଳାଭର ଯୁବକ ସଂଘ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପୃଷ୍ଟି, ସମ୍ପାଦକ ଶ୍ରୀନିବାସ ଓଝା, ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ବେହୁରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ଓଡ଼ିଶା ଡ୍ରାଇଭର ଦିବସ

ପାରାଦୀପ, ୧୯(ଶରତ ରାଉତ)

ଓଡ଼ିଶା ଡ୍ରାଇଭର ମହାସଂଘ ପାରାଦୀପ ଶାଖା ପକ୍ଷରୁ ଶୁକ୍ରବାର ଡ୍ରାଇଭର ଦିବସ ପାଳିତ ହୋଇଛି । ଏହି ଅବସରରେ ଡ୍ରାଇଭରମାନେ ହନୁମାନ ମନ୍ଦିରଠାରୁ ଦୋଛକି ପର୍ଯ୍ୟନ୍ତ ସୁରକ୍ଷା ନିରାପତ୍ତା ସମ୍ପର୍କିତ ସଚେତନତା ରାଲି କରିଥିଲେ । ପରେ ବାଲିଝରା ସନ୍ତୋଷୀ ଜରାଶ୍ରମରେ ଥିବା ଅନ୍ତେବାସୀଙ୍କୁ ଭୋଜନ ଓ ବସ୍ତ୍ର ପ୍ରଦାନ କରିଥିଲେ । ସଭାପତି ସମୀର ଲେଙ୍କା, ସମ୍ପାଦକ ନୀରଞ୍ଜନ ସାହୁ, କାଳୀପଦ ମାଝୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସରୋଜିନୀଙ୍କ ସେବା ମନୋଭାବ ପ୍ରେରଣାଦାୟୀ: ଯୋଗାଣ ମନ୍ତ୍ରୀ


ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି ।

ପଟ୍ଟାମୁଣ୍ଡାଇ, ୧୯(ଅକ୍ଷୟ ବିଶ୍ୱାଳ)

ମହୀୟସୀ ମହିଳା ସରୋଜିନୀଙ୍କ ନିରଳସ ସେବା ମନୋଭାବ ବାସ୍ତବରେ ସମାଜ ଓ ଆଗାମୀ ପିଢ଼ି ପାଇଁ ପ୍ରେରଣାଦାୟୀ ବୋଲି ଶୁକ୍ରବାର ପଟ୍ଟାମୁଣ୍ଡାଇ ବ୍ଲକ ବାଛରା ପଞ୍ଚାୟତ ମଣ୍ଡପଡା ଗ୍ରାମର ସାମାଜିକ କର୍ମୀ ବରାହ ଚରଣ ସାମଲଙ୍କ ସ୍ତ୍ରୀ ସରୋଜିନୀଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମତବ୍ୟକ୍ତ କରିଥିଲେ । ଖବରଦାତା ଚିତ୍ତରଞ୍ଜନ ମଲିକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ପ୍ରାକ୍ତନ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ଜିଲା ସାମ୍ବାଦିକ ୟୁନିୟନ ଉପସଭାପତି ଅକ୍ଷୟ ସାହୁ, ବରିଷ୍ଠ ଖବରଦାତା ପତିତପାବନ ଭଦ୍ର, ନଗର ଯୁବବିଜେଡି ସଭାପତି ମିଟୁ ନାୟକ, ଆଡଭୋକେଟ କ୍ଷୀରୋଦ ପ୍ରଧାନ ପ୍ରମୁଖ ସରୋଜିନୀଙ୍କ ସେବା ଅନୁରାଗୀ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଶର୍ମିଷ୍ଠା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବରାହ ଚରଣ ସାମଲ, ସୁଶାନ୍ତ ସାମଲ, ଦୀପୁ ସାମଲ ଓ ପପୁ ସାମଲ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### ଭାରତୀୟ ଜୀବନ ବୀମା ନିଗମର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ପାରାଦୀପ, ୧୯(ଶରତ ରାଉତ)

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ୬୭ ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାରାଦୀପ ଶାଖା କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଶାଖା ପରିଚାଳକ ଜ୍ୟୋତିର୍ମୟୀ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଲଆଇସିର ବରିଷ୍ଠ ଅଧିକାରୀ ବୀରେନ କୁମାର ଖଟୁଆ, ହରେକୃଷ୍ଣ ଦଳାଇ, ଗୋବର୍ଦ୍ଧନ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ । ଏଲଆଇସି ଏବେ ଦେଶର ସର୍ବବୃହତ ବୀମା କାରବାର କରୁଥିବା ସଂସ୍ଥା । ଏବେ ଦେଶର ୨୭ କୋଟିରୁ ଅଧିକ ଲୋକ ଏଥିରେ ବୀମା କରିଛନ୍ତି । ଭରସାର ସହିତ ଏହା ଆଗକୁ ଚାଲିଛି । ଦେଶର ଏହି ସଂସ୍ଥା ବିଶ୍ୱାସର ପ୍ରତୀକ ବୋଲି ମୁଖ୍ୟ ଅତିଥି ବିଶ୍ୱାଳ କହିଥିଲେ ।


ଏରସମାସ୍ଥିତ କୁଞ୍ଜକୋଠି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।

# ‘ସ୍ତ୍ରୀ ଓ ପ୍ରସୂତି ବିଭାଗର ଓପିଡି ସମୟ ବଢ଼ାଅ’

**ଅବ୍ୟବସ୍ଥା ଘେରରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ୧ ମାସ ମଧ୍ୟରେ ସମାଧାନ ଦାବି
- ଆନ୍ଦୋଳନ ପାଇଁ ଚେତାବନୀ ଦେଲା ଯୁବ କଂଗ୍ରେସ



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଯୁବ କଂଗ୍ରେସର ନେତୃମଣ୍ଡଳୀ ।

ତିର୍ତ୍ତୋଲ, ୧୯ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ନେଇ ସ୍ଥାନୀୟ ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ୧ ମାସରେ ଏହାର ସମାଧାନ ନ ହେଲେ ଆନ୍ଦୋଳନ କରିବାକୁ ଖବରଦାତା ସମ୍ମିଳନୀ ଜରିଆରେ ଶୁକ୍ରବାର ଚେତାବନୀ ଦିଆଯାଇଛି । ମଣିଜଙ୍ଗା ନାରାୟଣୀ ମନ୍ଦିର ନିକଟରେ ଯୁବ କଂଗ୍ରେସ ସଭାପତି ସଫି ଆଜମଙ୍କ ନେତୃତ୍ୱରେ ଏହି ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ଉପସ୍ଥିତ ନେତାମାନେ ଅଭିଯୋଗ କରିଥିଲେ, ତିର୍ତ୍ତୋଲ ବ୍ଲକର ୨୯ ପଞ୍ଚାୟତର ଲକ୍ଷାଧିକ ଜନସାଧାରଣ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ । ମାତ୍ର ଏଠାରେ ସ୍ୱାସ୍ଥ୍ୟସେବା ପ୍ରଦାନରେ ଅବହେଳା କରାଯାଉଛି । ଗତ ଜୁନ ୫ରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ କଂଗ୍ରେସର ଏକ ପ୍ରତିନିଧି ଦଳ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରିଥିଲା । ଏହି ସମୟରେ ଜନସାଧାରଣ ଭୋଗୁଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା । ଏଠାରେ ସ୍ୱାସ୍ଥ୍ୟସେବା ପ୍ରଦାନରେ ଉନ୍ନତି କରିବା ଲାଗି ଜୁନ ୧୩ରେ ୧୯ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦିଆଯାଇଥିଲା । ଏନେଇ ଅଗଷ୍ଟ ୭ରେ ବିଡିଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଏକ ଜନ ଆକ୍ରୋଶ ସଭା କରାଯାଇଥିଲା । ଏହି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷକରି ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି । ଏହି ବିଭାଗର ବିଶେଷଜ୍ଞ ହିଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ଫଳରେ ସେ ବହିଃବିଭାଗର ସମୟ ଅନୁସାରେ ନିଜର କାର୍ଯ୍ୟ ନିର୍ବାହ କରିପାରୁନାହାନ୍ତି । ସାଧାରଣ ବହିଃବିଭାଗ (ଓପିଡି) ସମୟ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ହୋଇ ଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ବିଭାଗ ବହିଃବିଭାଗ ସମୟସୀମା ସକାଳ ୧୦ଟା ୩୦ ରୁ ମଧ୍ୟାହ୍ନ ୧୨ ଟା୩୦ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଛି । ଏପରି ସମୟର ତାରତମ୍ୟ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଅବ୍ୟବସ୍ଥାକୁ ସୁଧାରିବା ଦିଗରେ ପ୍ରଶାସନ ତୁରନ୍ତ ଧ୍ୟାନ ନ ଦେବେ ତେବେ ଆଗାମୀ ଦିନରେ ଏକ ବଡ଼ ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ନୀହାର ରଞ୍ଜନ ନାୟକ, ଜ୍ୟୋତିରଞ୍ଜନ ମଲ୍ଲିକ, ସୁନୀଲ କୁମାର ରାଣା, ଦେବାଶିଷ ଶର୍ମା, ସମରେନ୍ଦ୍ର ମହାପାତ୍ର, ଆଶିଷ ମଲ୍ଲିକ, ସାଇ ପ୍ରଭଞ୍ଜନ ମହାପାତ୍ର, ପ୍ରଦୀପ୍ତ ସୁନ୍ଦର ନାୟକ, ଅଜୟ କୁମାର ସ୍ୱାଇଁ, ବିଶ୍ୱଜିତ ବାରିକ, ସୌର୍ଯ୍ୟରଞ୍ଜନ ସାହୁ, ରାଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଜେଇଇ, ଏନ୍ଇଇଟିରେ କୋଟା ଲାଗୁ ଦାବି

ପୋଲସରା (ସୁବ୍ରତ ବେହେରା): ଏନ୍ଇଇଟି ଓ ଓଜେଇଇରେ ଏକଲବ୍ୟ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିମନ୍ତେ ୧୫ ପ୍ରତିଶତ କୋଟା ରହିଥିବା ବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିମନ୍ତେ କାହିଁକି ଏହି କୋଟା ଲାଗୁ କରାଯାଇ ନାହିଁ ବୋଲି ପ୍ରଶ୍ନ କରିଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଭିଭାବକ ସଂଘ। ପୋଲସରା ବ୍ଲକ ହାତିଓଟଠାରେ ରହିଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ଏ ନେଇ ଅଧ୍ୟକ୍ଷ ତ୍ରିଲୋଚନ ଷଡ଼ଙ୍ଗୀଙ୍କ ଜରିଆରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅଭିଭାବକ ସଂଘ ଲିଖିତ ଅଭିଯୋଗ କରିବା ସହିତ କୋଟା ଲାଗୁ କରିବାକୁ ଦାବି କରିଛି।



### ସଂକ୍ଷେପରେ

## କଲେଜ ଛାତ୍ରୀଛାତ୍ରଙ୍କୁ ଟିକା ଦିଆଗଲା

ଭଞ୍ଜନଗର, ୧।୯(ବାବୁଲା ପ୍ରଧାନ): ଭଞ୍ଜନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଥିବା ସ୍କୁଲ ଏବଂ କଲେଜଗୁଡିକରେ ଟିଟି ସହ ମିଶିଥିବା ଏକ ଟିକା ଦିଆଯାଉଛି। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଯେଉଁ ଛାତ୍ରୀଛାତ୍ରଙ୍କୁ ୧୬ ଏବଂ ୧୭ ବର୍ଷ ହୋଇଛି ସେମାନଙ୍କୁ ଗୁରୁବାର ଟୀକା ଦେବା ବ୍ୟବସ୍ଥା ହୋଇଥିଲା। ଭଞ୍ଜନଗର ଏନଏସି ପରିସରରେ ୩୬୦ ଛାତ୍ରୀଛାତ୍ରଙ୍କୁ ଉକ୍ତ ଟୀକା ଦେବା ଲକ୍ଷ୍ୟ ରଖାଯାଇଥିବା ବେଳେ ଗୁରୁବାର ୧୦୦ ଛାତ୍ରୀଛାତ୍ରଙ୍କୁ ଟୀକା ଦିଆଯାଇଛି। ଭଞ୍ଜନଗର ମେଡିକାଲ ଏଏନଏମ ବିଧୁପମା ସାହୁ ଏବଂ ଆଶା ପ୍ରୀତି ପାତ୍ର ଛାତ୍ରୀଛାତ୍ରଙ୍କୁ ଟିକା ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜ ଡିଇଓ ଅଜିତ କୁମାର ସାହୁ, କର୍ମଚାରୀ ସୁଧୀର ବିଶୋଇ, ପ୍ରଶାନ୍ତ ନାଇକ ପ୍ରମୁଖ ସହଯୋଗ କରିଥିଲେ।

## ପାଇଲିପଡ଼ା ବିଜେଡି ପକ୍ଷରୁ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ

ବେଲଗୁଣ୍ଠା, ୧।୯(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଗତ କିଛିଦିନ ହେବ ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧକ୍ଷ ପ୍ରଶାନ୍ତ ନାୟକଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଗୁରୁବାର ପାଇଲିପଡ଼ା ପଞ୍ଚାୟତ ବିଜେଡ଼ି ପକ୍ଷରୁ ମୁକ୍ତେଶ୍ୱର ସ୍ୱାମୀ ଶିବ ମନ୍ଦିରରେ ୧୧୧୧୧ ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଛି। ଯଜ୍ଞରେ ବ୍ଲକ୍ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ ଏବଂ ସ୍ତ୍ରୀ ସବିତା ନାୟକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଜୟରାମ ନାୟକ, ଏମପି ପ୍ରତିନିଧି ସନ୍ତୋଷ କୁମାର ସ୍ୱାଇଁ, ପୂର୍ବତନ ଜିଲାପରିଷଦ ସଭ୍ୟ ରଙ୍କନିଧି ସାହୁ ପ୍ରମୁଖ ଯୋଗଦେଇଥିଲେ।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ

ଚିକିଟି, ୧।୯(ପ୍ରକାଶ ଚନ୍ଦ୍ର ସାହୁ): ଚିକିଟି ପେଣ୍ଠସ୍ଥିତ ମୁକ୍ତେଶ୍ୱର କଲ୍ୟାଣ ମଣ୍ଡପ ଠାରେ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଓ ପରିଚୟ ପତ୍ର ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଚିକିଟି ପଞ୍ଚାୟତ ସମିତି ଅଧକ୍ଷ ଆପନା ସେଠୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଦୀପା କୁମାରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରମ ଆୟୁକ୍ତ ବାବୁ ଚରଣ ପାତ୍ର, ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ରନାଥ ତ୍ରିପାଠୀ ଏବଂ ସହକାରୀ ଶ୍ରମ ଅଧିକାରୀ ସୋମନାଥ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶ୍ରମ ଅଧିକାରୀ ସୋମନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଡ୍ରାଇଭର ସଂଘର ରାଲି

କ.ନୂଆଗାଁ, ୧।୯(କାଳି ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଶୁକ୍ରବାର ଡ୍ରାଇଭର ଦିବସ ପାଳିତ ହୋଇଯାଇଛି। ସଂଘ ପକ୍ଷରୁ ବ୍ଲକର ସମସ୍ତ ଡ୍ରାଇଭରମାନେ ବିଭିନ୍ନ କାର୍ଯ୍ୟ ବିଷୟରେ ସ୍ଲୋଗାନ ଦେଇ ରାମେଶ୍ୱର ମନ୍ଦିର ନିକଟରୁ ବାହାରି ନୂଆଗାଁ ବଜାର ଦେଇ ପଞ୍ଚାୟତରେ ପହଞ୍ଚିଥିଲେ। ସଂଘର ସଭାପତି ସାବତ ପ୍ରଧାନ, ହେରଦ ପ୍ରଧାନ, ଯୁବରାଜ ପ୍ରଧାନ, ଅନିଲ ସାହୁ, ଆଲୋକ ସାହୁଙ୍କ ସମେତ ବ୍ଲକର ସମସ୍ତ ଡ୍ରାଇଭର ଏଥିରେ ଯୋଗ ଦେଇଥିଲେ।

# ଧାନକିଣା କେନ୍ଦ୍ରରେ ଲାଗିନି ସିସି କ୍ୟାମେରା

## ନିର୍ଦ୍ଦେଶ ମାନୁନି ସମବାୟ ବିଭାଗ

ଛତ୍ରପୁର, ୧।୯(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ କୌଣସି ଗୋଟିଏ ବି ଧାନସଂଗ୍ରହ କେନ୍ଦ୍ରରେ ଏ ଯାଏ ସିସିଟିଭି କ୍ୟାମେରା ଲାଗିନି । ଆଗକୁ ଖରିଫ ଧାନ ଚାଷୀଙ୍କଠାରୁ ଉକ୍ତ କେନ୍ଦ୍ରଗୁଡିକରୁ ଧାନ କିଣାଯିବ । ଏହାପୂର୍ବରୁ ସମସ୍ତ ପ୍ରାଥମିକ ସମବାୟ ସମିତି ଅଧିନ ଧାନ ସଂଗ୍ରହ କେନ୍ଦ୍ରଗୁଡିକରେ ସିସିଟିଭି କ୍ୟାମେରା ଲଗାଇବା ଲାଗି ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଗତ ମେ ମାସରୁ ନିର୍ଦ୍ଦେଶନାମା ଆସିଥିଲା । ମାତ୍ର ଏହା ଉପରେ ଗଞ୍ଜାମ ଜିଲାରେ ସମବାୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି । ଏହାକୁ ନେଇ ରାଜ୍ୟ ସମବାୟ ବିଭାଗ କ୍ଷୁବ୍ଧ ହୋଇଛି । ବ୍ରହ୍ମପୁରସ୍ଥିତ ଡେପୁଟି ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ (ଡିଆର୍‌ସିଏସ)ଏ ନେଇ ତ୍ୱରାନ୍ୱିତ କରି ନ ଥିବାରୁ ଗଞ୍ଜାମ ଜିଲାପାଳଙ୍କୁ ସୋମବାର ଚିଠି ଆସିଛି । ଏଥିରେ ହସ୍ତକ୍ଷେପ କରିବାକୁ ରାଜ୍ୟ ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍‌ଙ୍କ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି । ଖରିଫ୍ ଧାନ କିଣା ପୂର୍ବରୁ ସମସ୍ତ ଧାନ ସଂଗ୍ରହ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଇବା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ନିମ୍ନମାନର ଧାନ ଦର୍ଶାଇ ଚାଷୀଙ୍କଠାରୁ ବସ୍ତା ପିଛା ୫ ରୁ ୭ କି.ଗ୍ରା ଧାନ ନିଆଯାଉଛି । ମିଲର ଓ ସମବାୟ ସମିତିର ସମ୍ପାଦକଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏପରିକି ଚାଷୀ ମାନେ ସମବାୟ ସମିତି ଗୁଡିକରେ ଥିବା ଧାନ କିଣା କେନ୍ଦ୍ର ଗୁଡିକୁ ଧାନ ଆଣୁଥିଲେ ବି ଦୀର୍ଘ ଦିନ ଧରି ଧାନ କିଣାଯାଉନି । ଧାନ କିଣାରେ ସ୍ୱଚ୍ଛତା ଆଣିବା ଲାଗି ସମବାୟ ବିଭାଗୀୟ ଓଡିଶା ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ସମସ୍ତ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଇବାକୁ ପରାମର୍ଶ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମେ ୯ ତାରିଖରେ ବ୍ରହ୍ମପୁର ସ୍ଥିତ ଡିଆରସିଏସଙ୍କୁ ସମସ୍ତ ଧାନ କିଣା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଇବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାରେ ୩୭୨ଟି ଧାନ କିଣାକେନ୍ଦ୍ର ରହିଥିବା ବେଳେ ସାଢେ ୩ ମାସ ପରେ ମଧ୍ୟ କୌଣସିଠାରେ ସିସିଟିଭି କ୍ୟାମେରା ଲଗାଯାଇନି ।

## କୁଇ କନ୍ଧ ଉନ୍ନୟନ ସମିତିର ନୂତନ କର୍ମକର୍ତ୍ତା ଚୟନ



କୁଇ (କନ୍ଧ) ଉନ୍ନୟନ ସମିତିର ନୂତନ କର୍ମକର୍ତ୍ତା ।

ମୋହନା, ୧।୯(ମନ୍ମଥ ମିଶ୍ର)

ଦୀର୍ଘ ବର୍ଷ ପରେ ଗଜପତି ଜିଲା କୁଇ (କନ୍ଧ) ଉନ୍ନୟନ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ସର୍ବସମ୍ମତି କ୍ରମେ ନୂତନ ଚୟନ ହୋଇଛନ୍ତି। ନିର୍ବାଚିତ ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ କର୍ମକର୍ତ୍ତା ଭାବେ ନୂତନ କମିଟିରେ ଚୟନ କରାନଯିବାକୁ ସର୍ବସମ୍ମତି କ୍ରମେ ମତପ୍ରକାଶ ପାଇଥିଲା। ମୋହନା, ଆର.ଉଦୟଗିରି, ନୂଆଁଗଡ଼ ଆଦି ବିଭିନ୍ନ ବ୍ଲକରୁ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ କୁଇ କନ୍ଧ ସମ୍ପ୍ରଦାୟର ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ପୂର୍ଣ୍ଣାଙ୍ଗ ଭାବେ ୧୮ ଜଣିଆ କମିଟି ଚୟନ ହୋଇଥିଲା। ଉନ୍ନୟନ ସମିତିର ସଭାପତି ଭାବେ ହରି ମଳିକ ଚୟନ ହୋଇଥିବା ବେଳେ ଉପସଭାପତି ମମତା ମଳିକ, ସମ୍ପାଦକ ଦାଉଦ ମଳିକ, ସହ ସମ୍ପାଦକ ଜାକୋବ ମାଝୀ, କୋଷାଧ୍ୟକ୍ଷ ଯୀଖରୀୟ ମାଝୀ ଚୟନ ହୋଇଥିଲେ।

## ଅମୃତ ବାଟିକା ଲାଗି ମୃତ୍ତିକା ସଂଗ୍ରହ, ଭୋଟର ସଚେତନତା


କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତା ଓ କାର୍ଯ୍ୟକର୍ତ୍ତା ।

ପୁରୁଷୋତ୍ତମପୁର, ୧।୯(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ଖଲିକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀର ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବଡବରଗାଁରୁ ଭାରତୀୟ ଜନତା ପାର୍ଟି ଆରମ୍ଭ କରିଛି ତାର ନିର୍ବାଚନ ରଣନିତୀ। ଶୁକ୍ରବାର ଘୁମୁସର ଜିଲା ସଂପାଦକ ଯଜ୍ଞନାରାୟଣ ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତ୍ରୀ ଅନିତା ସୁଭଦର୍ଶନୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ଜିଲା ସାଧାରଣ ସଂପାଦକ ଅନିଲ କୁମାର ପଣ୍ଡା, ପୃଥ୍ୱୀରାଜ ମହାପାତ୍ର, ପ୍ରତାପ ନାୟକଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ। ଏମାନେ ଦଳୀୟ କର୍ମୀଙ୍କ ଦ୍ୱାରା ଆୟୋଜିତ ବିରାଟ ଶୋଭାଯାତ୍ରାରେ କଳସ ଧରି ଗ୍ରାମରେ ଘରକୁ ଘର ଯାଇ ଜନସାଧାରଣଙ୍କ ନିକଟରୁ ବୀର ସହିଦଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକା ଲାଗି ମୃତ୍ତିକା ସଂଗ୍ରହ କରିଥିଲେ। ଆୟୋଜିତ ଭୋଟର ସଚେତନତା ସଭାରେ ଯୋଗଦେଇ ଯୁବ ଗୋଷ୍ଠୀମାନଙ୍କୁ ସଚେତନ କରାଇଥି ରାଜ୍ୟ ସରକାରଙ୍କୁ ଅପାରଗତା କହି ତୀବ୍ର ସମାଲୋଚନା କରି ଆଗାମୀ ସାଧାରଣ ନିର୍ବାଚନରେ ବିଜୁଜନତା ଦଳକୁ କ୍ଷମତାରୁ ହଟାଇବା ଲାଗି ଆହ୍ୱାନ ଦେଇଥିଲେ। ଏଥିରେ ନୟନୀ ବେହେରା, ମାନସ ଗୌଡ, ସୁବସ ଚନ୍ଦ୍ର ଦାଶ, କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

## ଟିଫିନ ବୋମା ଜବତ

ଫିରିଙ୍ଗିଆ, ୧।୯(ବିକ୍ରମ ଦିଗାଲ): କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ କିଛି ମାସ ପୂର୍ବେ ସୁମରୁବନ୍ଧ ଅଞ୍ଚଳରେ ପୁରୁଣା ସରପଞ୍ଚଙ୍କୁ ମାଓବାଦୀ ହତ୍ୟା କରିଥିଲେ। ସେହିପରି ଫିରିଙ୍ଗିଆ ଥାନା ପୋଡି ଘଟଣାରେ ନିରୀହ ଲୋକଙ୍କୁ ଜେଲ ପଠାଇବାକୁ ବିରୋଧ ଏବଂ ଗଞ୍ଜେଇ ଚାଷକୁ ମାନ୍ୟତା ଦେବା ନେଇ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲେ କେକେବିଏନ ଡିଭିଜନ ମାଓ ସଂଗଠନ। ଏହି ଘଟଣାକୁ ନେଇ ସାଢ଼ିଙ୍ଗିଆ କ୍ୟାମ୍ପଠାରେ ଥିବା ୯୯ ବାଟାଲିଅନ ବିଏସଏଫ ଯବାନ ଟିକରପଦର ଗ୍ରାମ ପାଖ ଜଙ୍ଗଲରେ କୋମ୍ବିଂ ଅପରେଶନ ଜୋରଦାର କରିଥିଲା। ଶୁକ୍ରବାର ସକାଳେ ଟିକରପଦର ଜଙ୍ଗଲରୁ ୨ ଲିଟର ଟିଫିନ ବକ୍ସ, ୫୦ ଗ୍ରାମ ଜିଲୋଟିନ, ୬ ଭୋଲ୍ଟ କମ୍ପସ ବ୍ୟାଟେରୀ, ଗୋଟିଏ ଜିଲେଟ ବ୍ଲେଡ, ଟେପ, ସହ ଜୀବନ୍ତ ଲ୍ୟାଣ୍ଡ ମାଇନ ଉଦ୍ଧାର କରିଛି । ସେହିପରି ଜଙ୍ଗଲରେ ଲ୍ୟାଣ୍ଡ ମାଇନ ବିଛା ଯାଇଥିବା ଖବର ପାଇ ପ୍ରାୟ ୧୪ ଘଣ୍ଟାରୁ ଅଧିକ ସମୟ ଅପରେସନ ପରେ ଲ୍ୟାଣ୍ଡ ମାଇନ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି।

## ଡ୍ରାଇଭର ମହାସଂଘର ରାଲି, ସମ୍ମିଳନୀ

ଶେରଗଡ, ୧।୯(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ଡ୍ରାଇଭର ମହାସଂଘର ରାଲି ଓ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ମହାସଂଘର କର୍ମକର୍ତ୍ତାମାନେ ରାମଚଣ୍ଡୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ଶେରଗଡ ପରିକ୍ରମା କରି ପୁଣି ରାମଚଣ୍ଡୀ ମନ୍ଦିର ଫେରିଥିଲେ। ଏହି ରାଲିର କେବଳ ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ ଏକତା ରହିବାର ଶପଥ କରିବା ସହ ଯେପରି ସମାଜର ଉନ୍ନତି ହେବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ମତ ପ୍ରକାଶ କରିଥିଲେ। ସଂଘର ସଭାପତି ପ୍ରଫୁଲ୍ଲ ଗୌଡ ସଭାପତିତ୍ୱ କରିଥିବା ବେଳେ ଉପ ସଭାପତି ନିରଞ୍ଜନ ସ୍ୱାଇଁ, ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ, କୋଷାଧ୍ୟକ୍ଷ କୋରା ପ୍ରସାଦ ମହାନ୍ତିଙ୍କ ସମେତ ବହୁ ଡ୍ରାଇଭର ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା
## କେ.ଏମ ଭାଲିଆସାହି ହାଇସ୍କୁଲ ପ୍ରଥମ

ଆର.ଉଦୟଗିରି, ୧।୯(ମନୋଜ କୁମାର ପାଢୀ)

ପାରଳାଖେମୁଣ୍ଡି ସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଜିଲାର ୫୦ଟି ବିଦ୍ୟାଳୟରୁ ୩୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସେମାନଙ୍କର ନାଟକ ପରିବେଷଣ କରିଥିଲେ। ଆର.ଉଦୟଗିରି ବ୍ଲକ କେ.ଏମ. ଭାଲିଆସାହି ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରି ନାଟକ ମାଧ୍ୟମରେ ନିଜର ଉଚ୍ଚକୋଟିର କଳାର ନୈପୁଣ୍ୟତା ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଛାତ୍ରୀ ସନ୍ତୋଷୀ ଦଳବେହେରା ମଧ୍ୟ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ପୁରସ୍କୃତ ହୋଇଥିଲେ। ବିଜ୍ଞାନ ଶିକ୍ଷୟତ୍ରୀ ପ୍ରଜ୍ଞାଦୀପ୍ତା ପାଇକ ସମସ୍ତ ଦାୟିତ୍ୱ ବୁଝିଥିବା ବେଳେ ସଂସ୍କୃତ ଶିକ୍ଷକ ପ୍ରହ୍ଲାଦ ଶିଅଳ ନାଟକ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ।

# ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ବିଳମ୍ବକୁ ନେଇ ଜନ ଅସନ୍ତୋଷ

## ବ୍ରାହ୍ମଣୀଗାଁ ବଜାର ବନ୍ଦ, ଅଞ୍ଚଳବାସୀଙ୍କ ବିକ୍ଷୋଭ

ଦାରିଙ୍ଗବାଡି, ୧।୯ (ଅରୁଣ ସାହୁ)/ ବ୍ରାହ୍ମଣୀଗାଁ(ମନୋରଞ୍ଜନ ରଣା):

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଠାରୁ ପାଣିଗଣ୍ଡା ରାସ୍ତା ସାମ୍ପ୍ରସାରଣରେ ଅହେତୁକ ବିଳମ୍ବ ପ୍ରତିବାଦରେ ଜନ ଅସନ୍ତୋଷ ଦେଖାଯାଇଛି। ଶୁକ୍ରବାର ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ୮ ଟି ପଞ୍ଚାୟତବାସୀ ଏକାଠି ହେବା ସହ ବଜାର କମିଟି ମିଳିତ ବ୍ରାହ୍ମଣୀଗାଁ ବନ୍ଦ ଡାକରା ଦେଇଥିଲେ। ଯାତ୍ରୀବାହୀ ଗାଡି ଚଳାଚଳ ସ୍ୱାଭାବିକ ରହିଥିବା ବେଳେ ବଜାର, ସ୍କୁଲ, କଲେଜ ଆଦି ବନ୍ଦ ରହିଥିଲା। ବିକ୍ଷୋଭକାରୀମାନେ ପିକେଟିଂ କରି ଆନ୍ଦୋଳନକୁ ଜୋରଦାର କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ପୋଲିସ ପକ୍ଷରୁ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିଲା। ମଧ୍ୟାହ୍ନରେ ଦାରିଙ୍ଗବାଡି ତହସିଲଦାର ଶରତ ଶବର, ଥାନା ଅଧିକାରୀ ଚାପଧାରୀ ପ୍ରଧାନ, ସବଇନ୍ସପେକ୍ଟର ଅମରେନ୍ଦ୍ର ସୁବୁଦ୍ଧି ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିବା ସହ ପୂର୍ତ୍ତ ବିଭାଗର ଉଚ୍ଚପଦାଧିକାରୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଆସନ୍ତା ଏକ ସପ୍ତାହ ମଧ୍ୟରେ ପୁଣି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯିବାକୁ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା।

## ଆଇଜରରେ ଶ୍ରମିକଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

ଗୋପାଳପୁର, ୧।୯(ନବୀନ ରାଜ ଆଚାରୀ): ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଧିନସ୍ଥ ଲୋହଡ଼ିଗାଁସ୍ଥିତ ଆଇଜରରେ ଶୁକ୍ରବାର ଜଣେ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ମୃତ ଶ୍ରମିକ ଜଣକ ହେଲେ କଲିକତା ଅଞ୍ଚଳର ଶେଖ ଅସଗର (୫୫)ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ, ଲୋହଡ଼ିଗାଁସ୍ଥିତ ଆଇଜର ଶିକ୍ଷାନୁଷ୍ଠାନ ନିର୍ମାଣ ଚାଲିଥିବା ବେଳେ ଗତ କିଛି ମାସ ହେଲା କଲିକତା ଅଞ୍ଚଳର ଶେଖ ଅସଗର ସେଠାରେ ଶ୍ରମିକ ଭାବେ କାମ କରୁଥିଲେ। ଶୁକ୍ରବାର କାମ କରୁଥିବା ବେଳେ ଅସଗର ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋଳନ୍ଥରା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ମେଡ଼ିକାଲ ପଠାଇଥିଲେ। ଏନେଇ କେସ ନମ୍ବର ୨୫/୨୩ ପ୍ରକାରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଶ୍ରମିକଙ୍କ ମୃତ୍ୟୁକୁ ରଫାଦଫା କରିବା ପାଇଁ ଉଦ୍ୟମ ହୋଇଥିବା ଅଭିଯୋଗ ଉଠିଛି। ମୃତ୍ୟୁର କାରଣ ଜଣାପଡ଼ିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସ୍ପଷ୍ଟ ହେବ ବୋଲି ଇନ୍ସପେକ୍ଟର ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ରକ୍ତଦାନ ଶିବିର

ଖଲ୍ଲିକୋଟ, ୧।୯(ପ୍ରଶାନ୍ତ କୁମାର ମିଶ୍ର):

ଖଲ୍ଲିକୋଟ ରାଣୀ ତଥା ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ୮୬ତମ ଜନ୍ମ ଦିବସ ଅବସରରେ ଗୁରୁବାର ଖଲ୍ଲିକୋଟ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ମର୍ଦ୍ଦରାଜ ଶିକ୍ଷକ ଭବନଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କିଶୋର ଚନ୍ଦ୍ର ପଲେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଖୁଣ୍ଟିଆ, ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ସାହୁ, ଜିଲା ପରିଷଦ ସଭ୍ୟ ସୋନମ ପଲେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରୁ ମୋଟ ୫୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଖଲ୍ଲିକୋଟ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନାଗେଶ୍ୱର ବାରିକଙ୍କ ପୌରହିତ୍ୟରେ ଆୟୋଜିତ ଏହି ଶିବିରରେ ଶିକ୍ଷକ ସଂଘ ଉପସଭାପତି ପ୍ରଦ୍ୟୁମ୍ନ କୁମାର ଦଳବେହେରା ଓ ପ୍ରଶାନ୍ତ କୁମାର ଦାସ, ସମ୍ପାଦକ ସୁରେନ୍ଦ୍ର ନାଥ ବେହେରା, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଯାନୀ, ଚିନ୍ତାମଣି ଦାସ, ଜୟଦେବ ପ୍ରଧାନ, କୋଷାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ଜିଲା ସଭ୍ୟ ତ୍ରିନାଥ ବେହେରା, ବାବୁଲା ଦାସ, ସନ୍ତୋଷ କୁମାର ଦାସ, ଉପଦେଷ୍ଟା ହେମନ୍ତ ବେହେରା, ବିଶ୍ୱନାଥ ବେହେରା, ଦୁର୍ଯ୍ୟୋଧନ ପଲେଇ, ପ୍ରଫୁଲ୍ଲ ଦାସ, ଶ୍ୱେତ ଦାସ, ଇନ୍ଦ୍ରମଣି ପ୍ରଧାନ, ରବିନାରାୟଣ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ।

## ଗଞ୍ଜାମ ବ୍ଲକ ଡ୍ରାଇଭର ସଂଘର ବନ୍ଧୁମିଳନ



ଗଞ୍ଜାମ, ୧।୯(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ଶୁକ୍ରବାର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ନରେନ୍ଦ୍ର ଚଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ସମ୍ମାନିତ ଅତିଥି ଭାବେ ଥାନା ଏସଆଇ କ୍ଷେତ୍ରମୋହନ ସାହୁ, ବିଜେଡି ଏନଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଏଥିପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଜାଗା ପାଇଁ ଅନୁରୋଧ କରାଯିବା ନିମନ୍ତେ ମତପ୍ରକାଶ ପାଇଥିଲା। ତହସିଲଦାର ଜାଗା ଚିହ୍ନଟ କରି ମଞ୍ଜୁର କଲେ ଏମପି ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଜେଡି ଏନଏସି ଯୁବ ସଭାପତି ପାଢ଼ୀ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାରେ ଏନଏସି ପକ୍ଷରୁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଇଓ ଅବିନାଶ ମିଶ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଉପସଭାପତି ଧରଣୀଧର ସାହୁ, ସମ୍ପାଦକ ବାବୁଲ ସାହୁ, କୋଷାଧ୍ୟକ୍ଷ ପ୍ରସନ୍ନ ଛଟେଇ, ବିଶ୍ୱ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସେବକ ସଂଘର ଟେଷ୍ଟ ପେପର ବଣ୍ଟନ

ରମ୍ଭା, ୧।୯(ବନବାସୀ ସେଠୀ):


ଟେଷ୍ଟ ପେପର ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ସଂଘର ସଦସ୍ୟବୃନ୍ଦ।

ଚଉଦ ଦେଶ କର୍ମଚାରୀ ମହାସଂଘ ସେବକ ପରିବାରର ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ପିଏଲଏସଏଚ (ପଢିବି ଲେଖିବି ସେବକଟିଏ ହେବି) କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୬୦ ଜଣ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ୧୨୦ଖଣ୍ଡ ଟେଷ୍ଟ ପେପର ବଣ୍ଟନ କରାଯାଇଛି। ଖୋଳାମୁହଁସ୍ଥିତ ଶ୍ରୀଶ୍ରୀ ତ୍ରିନାଥ ଦେବ ମନ୍ଦିର ପରିସରରେ ଖୋଳାମୁହଁ, ରସକୁଦୀ, ପାଟ ନାଶି, କୁମାରପୁର, ବିରିପୁର, ହରିପୁର ଗ୍ରାମର ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣା ଟେଷ୍ଟ ପେପର ଯୋଗାଇ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସଂଘର ସଭାପତି ହରେକୃଷ୍ଣ ମଲ୍ଲିକଙ୍କ ନେତୃତ୍ୱରେ ଅୟୋଜନ କରାଯାଇଥିବା ବେଳେ ସୁରେଶ ଚନ୍ଦ୍ର ବେହେରା ଓ ପ୍ରହ୍ଲାଦ ବେହେରାଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ସଂଘର ଉପସଭାପତି ଗୋପୀନାଥ ବେହେରା ଓ ଅର୍ଜୁନ ଦାସ ସମସ୍ତ ଛାତ୍ରୀଛାତ୍ରଙ୍କୁ ଆସନ୍ତା ବାର୍ଷିକ ପରୀକ୍ଷାରେ କିପରି କୃତକାର୍ଯ୍ୟ ହେବା ସହ ଟେଷ୍ଟ ପେପରଗୁଡିକର ଉପାଦେୟତା ଓ ସଦୁପଯୋଗ ସଂପର୍କରେ ଆଲୋକପାତ କରିଥିଲେ। ମହେଶ୍ୱର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ମହାଦେବ ମଳିକ, ସମୀର ଅଧିକାରୀ, ଚିତ୍ରସେନ ବେହେରା, ଭୀମସେନ ବେହେରା, ଧନୁର୍ଦ୍ଧର ବେହେରା, ବିବୁଧ ଭୂଷଣ ବେହେରା, ବଳରାମ ବେହେରା ସଙ୍ଘୀୟ ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ସହ ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ଗ୍ରାମର ଛାତ୍ରୀଛାତ୍ରଙ୍କୁ ଟେଷ୍ଟ ପେପର ବଣ୍ଟନ କରି ମାଧ୍ୟମିକ ଶିକ୍ଷା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ।

## ସୁବର୍ଣ୍ଣଗିରିରେ ଆଇନ ସଚେତନତା ଶିବିର

କୋଟଗଡ଼, ୧।୯(ସରୋଜ ବଳିୟାରସିଂ)

କୋଟଗଡ଼ ବ୍ଲକ ସୁବର୍ଣ୍ଣଗିରି ପଞ୍ଚାୟତରେ ଆଇନ ସଚେତନ ଶିବିର କମିଟି ଅଧ୍ୟକ୍ଷ ଅନୁରାଗ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୋକ୍‌ସୋ ଆକ୍ଟ ଉପରେ ଲୋକଙ୍କୁ ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। କୋର୍ଟରେ କିପରି ଲୋକ ସହଜରେ ଆଇନ ସେବା ପାଇପାରିବେ ଏବଂ ମହିଳା, ଦଳିତ ଆଦିବାସୀ ବର୍ଗର ଲୋକ କେମିତି ମାଗଣାରେ ଆଇନ ସେବା ପାଇବା ଉପରେ ମଧ୍ୟ ଲୋକଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଆଇନ ସେବା କମିଟି ଅଧ୍ୟକ୍ଷଙ୍କ ସହ ସରକାରୀ ଓକିଲ ଅନିଲ କୁମାର ଲେଙ୍କା, ସବିତା ସାମନ୍ତରାୟ, ଓକିଲ ଲମ୍ବୋଦର ପଣ୍ଡା, କିରାନୀ ଲଙ୍କେଶ୍ୱର ବେହେରାମାଝି, ସୁବର୍ଣ୍ଣଗିରି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ମିଶ୍ର, ସରପଞ୍ଚ ସୁମନାଥ ପ୍ରଧାନ, ସମିତି ସଭ୍ୟା ସଞ୍ଜୁ ଶୁକମାଝି ସମେତ ସୁବର୍ଣ୍ଣଗିରି ଗ୍ରାମ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ଯୋଗଦେଇଲେ।

# କଲଭର୍ଟ ନିର୍ମାଣ ନାଁରେ ଅର୍ଥ ଚଳୁ ଅଭିଯୋଗ

ପୋଲସରା, ୧।୯(ସୁବ୍ରତ ବେହେରା)


ନାମ ଫଳକ।

ସରକାର ଚାଷୀ ମାନଙ୍କ ପାଇଁ ବିଭିନ୍ନ ଯୋଜନା କରି ସୁବିଧା ଯୋଗାଉଥିବା ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ପାଲସରା ବ୍ଲକ ଅନ୍ତର୍ଗତ ହାତଓଟ ଗ୍ରାମରୁ ଗୋଟିଏ କଲଭର୍ଟ ପ୍ରକଳ୍ପ କେଉଁଆଡ଼େ ଚାଲି ଯାଇଛି ବୋଲି ବର୍ତ୍ତମାନ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ କାର୍ଯ୍ୟର ନାମ ସୀତା ବନବାସ ରୋଡଠାରୁ କଲେଜ ନିକଟବର୍ତ୍ତୀ ପାଣି ଟାଙ୍କି ନିକଟରେ କଲଭର୍ଟ ନିର୍ମାଣ ନାଁରେ ଆର୍ଥିକ ବର୍ଷ ୨୦୨୩/୨୪ ରହିଥିବା ବେଳେ ଅଟକଳ ମୂଲ୍ୟ ୫ ଲକ୍ଷ ଟଙ୍କା ରହିଛି। ସାମଗ୍ରୀ ଅଂଶ ୪ ଲକ୍ଷ ଟଙ୍କା ଲେଖା ଯାଇଥିବା ବେଳେ ଅଣ କୁଶଳୀ ଶ୍ରମିକ ଅଂଶ ୪୨୦, ଦୈନିକ ମଜୁରୀ ୨୩୭ ଟଙ୍କା ନାମ ଫଳକରେ ଲେଖାଯାଇଛି। କିନ୍ତୁ କାର୍ଯ୍ୟର ଆରମ୍ଭ ଆଉ ଶେଷ ତାରିଖ ଲେଖା ଯାଇନାହିଁ। କଲଭର୍ଟ ନିର୍ମାଣ କାର୍ଯ୍ୟ କୌଣସି କାମ ନ କରି ୨ ଲକ୍ଷ ୧୮ ହଜାର ୨୭୭ ଟଙ୍କା ଉଠାଣ ହୋଇଥିବା ଅନଲାଇନରେ ଦର୍ଶାଯାଇଛି। ଏ ନେଇ ଧରିତ୍ରୀ ପ୍ରକାଶ ପରେ କଲଭର୍ଟ କାର୍ଯ୍ୟ ନିର୍ମାଣର ନାମ ଫଳକ ଠାରୁ ଏକ କିଲୋ ମିଟର ଦୂରତାରେ ଥିବା ଏକ ପୁରୁଣା କଲଭର୍ଟକୁ ତରବରିଆ ଭାବେ ଗୋଟାଏ ଦିନ ମଧ୍ୟରେ ଠିକାଦାର ମରାମତି କରି ଉକ୍ତ ନାମ ଫଳକରେ ଲେଖା ଯାଇଥିବା କଲଭର୍ଟ ବୋଲି ଦର୍ଶାଇଛନ୍ତି। ଉକ୍ତ ବିଷୟକୁ ନେଇ ପଚାରିବାରୁ ଉକ୍ତ କଲଭର୍ଟ ନାମରେ କୌଣସି ପ୍ରୋଜେକ୍ଟ ଆମର ହୋଇନାହିଁ ବୋଲି ଏପିଓ ଜଶବନ୍ତ କହଁର ଓ ଉକ୍ତ ପଞ୍ଚାୟତ ପାଇଁ ଥିବା କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର ପୂର୍ବରୁ ମତ ରଖିଥିଲେ। କିନ୍ତୁ ବର୍ତ୍ତମାନ ଖବର ପ୍ରସାରଣ ପରେ କଲଭର୍ଟ ନିର୍ମାଣ ହୋଇଛି ବୋଲି କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର କହିଛନ୍ତି। ଯଦି ପୂର୍ବରୁ କଲଭର୍ଟ ନିର୍ମାଣ ହୋଇଥିଲା ତାହାଲେ ଏବେ କାହିଁକି ପୁରୁଣା କଲଭର୍ଟକୁ ମରାମତି କରିଲେ। ଏ ନେଇ ଉକ୍ତ କଲଭର୍ଟକୁ ଉଚ୍ଚ ପଦସ୍ଥ ଅଧିକାରୀ ପୁଙ୍ଖାନୁ ପୁଙ୍ଖ ତଦନ୍ତ କରିବାକୁ ଅଞ୍ଚଳରେ ଦାବି ହୋଇଛି।

# ଅଧା ରହିଗଲା ରାସ୍ତା ମରାମତି କାର୍ଯ୍ୟ

## ଫେରିଲେନି ଠିକାଦାର, ମିଳିମିଶି ଅର୍ଥ ଲୁଟ ସନ୍ଦେହ

**ରଗଡି,୧୯(ଯତିଶ କୁମାର ମଲ୍ଲିକ):** ଗ୍ରାମ୍ୟ ନିର୍ମାଣ ବିଭାଗରେ ଅନିୟମିତତା ଓ ଅବହେଳା ପିଛା ଛାଡୁନାହିଁ। ରହସ୍ୟମୟ ଭାବେ ରାସ୍ତା ମରାମତି କାର୍ଯ୍ୟ ଅଧାରେ ରହି ଯାଉଛି। ୨୦ ନମ୍ବର ଜାତୀୟ ରାଜପଥର ରଗଡ଼ଠାରୁ କିଆପଦା ରାସ୍ତାର ସାମୟିକ ରକ୍ଷଣାବେକ୍ଷଣ କାର୍ଯ୍ୟ ନ ସରୁଣୁ ଠିକାଦାର ଫେରାର ହୋଇଯାଇଛନ୍ତି। ଏହି ଘଟଣାକୁ ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଥିରୁ ମରାମତି ପାଇଁ ଆବଣ୍ଟିତ ଅର୍ଥ ମିଳିମିଶି ଚଳୁ କରି ନିଆଯାଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ସୂଚନା ଅନୁଯାୟୀ ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ପଞ୍ଚାୟତର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ୫.୫ କିଲୋମିଟର ପିଚୁ ରାସ୍ତା ମରାମତି ପାଇଁ ୬୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟ ୧୨।୧୧।୨୦୨୦ରେ ଆରମ୍ଭ ହୋଇ ୧୧।୫।୨୦୨୧ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ଠିକାଦାର ରବିନାରାୟଣ ସେଠୀଙ୍କୁ ଏହି ମରାମତି କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିଲା। ହେଲେ ଠିକାଦାର ୩.୫ କି.ମି. ପର୍ଯ୍ୟନ୍ତ ଅତି ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ଚଳୁ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ କରି ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ। ଏହାପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଗ୍ରାମବାସୀଙ୍କ ଉପସ୍ଥିତିରେ କାର୍ଯ୍ୟର ମାନ ପରଖିଥିଲେ। ମରାମତି ହୋଇଥିବା ୩.୫ କି.ମି. ରାସ୍ତା ସମ୍ପୂର୍ଣ୍ଣ ନିମ୍ନମାନର ହୋଇଥିବା ତଦନ୍ତରେ ଜଣାପଡ଼ିବା ପରେ କନିଷ୍ଠ ଯନ୍ତ୍ରୀ ବେହେରା ପୁନର୍ବାର କାର୍ଯ୍ୟ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅବମାନନା କରି ଠିକାଦାର ଜଣକ ଏଯାଏ ଆଉ ଫେରି ନାହାନ୍ତି। ଫଳରେ ରାସ୍ତାର ମରାମତି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ବିଭିନ୍ନ ମହଲରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ଅଧିକାରୀ ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଏହି କାରଣରୁ ରାସ୍ତା ଉପରେ ନିର୍ଭରଶୀଳ ପ୍ରାୟ ୧୦ ଗ୍ରାମର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କୋରାବନ୍ଦୀଠାରୁ ରଗଡ଼ିକୁ ବାକି ଥିବା ୧.୫ କିଲୋମିଟର ରାସ୍ତା ଏବେ ଖାଲଖମାରେ ପୂରିଯାଇ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏଥିପାଇଁ ଲୋକମାନେ ଦୁର୍ଘଟଣାରେ ଶିକାର ହେଉଛନ୍ତି। କୋରାବନ୍ଦୀ ଗ୍ରାମର କେତେଜଣ ଯୁବକ ମୋରମ ମାଟି ପକାଇ ସମତୁଲ କରିଛନ୍ତି। ହେଲେ ତାହା ପର୍ଯ୍ୟାପ୍ତ ହୋଇ ନ ଥିବାରୁ ରାସ୍ତାରେ ସୁରକ୍ଷିତ ଯାତାୟାତ ସମ୍ଭବ ହୋଇ ପାରୁନାହିଁ ବୋଲି ମତପ୍ରକାଶ ପାଇଛି।


ରାସ୍ତା ମରାମତି କାର୍ଯ୍ୟ ଅଧାରେ ରହିଛି।

# ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ଧର୍ମଶାଳା,୧୯(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଗାର୍ଡ କାର୍ଯ୍ୟାଳୟ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ପଣ୍ଡିତ କାମଦେବ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କବିବର ରାଧାନାଥ ରାୟଙ୍କଠାରୁ ଗଙ୍ଗାଧର ଏକ ପାଦ ଆଗରେ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ ଗଙ୍ଗାଧର ମେହେର ଜଣେ କାଳଜୟୀ କବି। ତାଙ୍କ ପରି କବି ହେଉଛନ୍ତି, କାଳିଦାସ ଓ ସେକ୍ସପିଅର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ କଥାକାର ଅର୍ଜୁନ ପୃଷ୍ଟି, ଶିକ୍ଷାବିତ୍ ବେଣୁଧର ନାୟକ, ଯୁଧିଷ୍ଠିର ସ୍ୱାଇଁ, କବି ପ୍ରହଲ୍ଲାଦ ପଣ୍ଡା, ସାମାଜିକ କର୍ମୀ କାହ୍ନୁଚରଣ ଦାଶ, ଗୋଲକ ଚନ୍ଦ୍ର ପଲେଇ, ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ମେହେର ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। କବି ସୁବାସ ସାହୁ, ଗଣେଶ୍ୱର ବେହେରା, ସବିତା ମିଶ୍ର, ନୃସିଂହ ଚରଣ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ କାଳଜୟୀ କବି ଜୟନ୍ତ ମହାପାତ୍ରଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କବି ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ସରକାରୀ ଜମିରୁ ଗଛକଟା ଅଭିଯୋଗ


ସରକାରୀ ଜମି ଉପରୁ ଗଛ କଟାଯାଇଛି।

**ବରୀ,୧୯(ମହେନ୍ଦ୍ର ସ୍ୱାଇଁ):** ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରିବାକୁ ସରକାର ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। ସରକାରୀ ହେଉ ଅବା ବେସରକାରୀ ଜମିରେ ଯଦି ଗଛ କଟାଯାଏ ତାହେଲେ ସମ ପରିମାଣର ଗଛ ଲଗାଇବା ସହିତ ଗଛ କାଟିବା ସମୟରେ ଜଙ୍ଗଲ ବିଭାଗର ଅନୁମତି ନିଆଯିବା ନିୟମ ରହିଛି। ମାତ୍ର ବରୀ ବ୍ଲକ୍ ଅଧୀନ ବିଭିନ୍ନ ସରକାରୀ ଜମିରୁ ବେଆଇନଭାବେ କାଠ ମାଫିଆମାନେ ଗଛ କାଟି ନେଇ ଯାଉଥିବା ଅଭିଯୋଗ ହୋଇଛି। ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇ ଆସୁଥିଲେ ମଧ୍ୟ ଜଙ୍ଗଲ ବିଭାଗ ଓ ତହସିଲ ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି। ଶୁକ୍ରବାର ମନ୍ଦାରି ପଞ୍ଚାୟତ ଅଣିକଣା ଗ୍ରାମର ଲକ୍ଷ୍ମୀଛକ ନିକଟରେ ୫୦ରୁ୬୦ ବର୍ଷର ଏକ ଚାଖୁଣ୍ଡା ଗଛକୁ ସେହି ଗ୍ରାମର ୨ ବ୍ୟକ୍ତି ବେଆଇନ ଭାବେ ଜଣେ କାଠ ବ୍ୟବସାୟୀଙ୍କୁ ବିକ୍ରି କରି ଦେଇଛନ୍ତି। ସମ୍ପୃକ୍ତ ବ୍ୟବସାୟୀ ଏହି ଗଛକୁ କାଟି ନେଉଥିବା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଜଙ୍ଗଲ ବିଭାଗ ଓ ତହସିଲ ପ୍ରଶାସନ ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବାରୁ କାଠ ମାଫିଆ ଲଗାତର ଭାବେ ରାସ୍ତା କଡରେ ଥିବା ଗଛଗୁଡିକୁ କାଟି ମାଲାମାଲ ହେଉଛନ୍ତି। ତେବେ ବେଆଇନ ଭାବେ ଗଛ କାଟୁଥିବା ବ୍ୟକ୍ତିଙ୍କ ବିରୋଧରେ ଜଙ୍ଗଲ ବିଭାଗ ଓ ତହସିଲ ପ୍ରଶାସନ ଆଖିଦୃଶିଆ ପଦକ୍ଷେପ ନେଲେ ଗଛ କଟା ବନ୍ଦ ହେବା ସହ ପରିବେଶର ସୁରକ୍ଷା ହୋଇପାରିବ ବୋଲି ପରିବେଶବିତ ଅଶୋକ କୁମାର ସାହୁ, ପର୍ଶୁରାମ ବିଶ୍ୱାଳ ଓ ସାମାଜିକ କର୍ମୀ ସତ୍ୟ କର ପ୍ରମୁଖ ମତ ରଖିଛନ୍ତି। ବେଆଇନ ଗଛ କଟା ବିଷୟରେ ପ୍ରତିକ୍ରିୟା ପାଇଁ ତହସିଲଦାର ତିଳୋତମା ପୃଷ୍ଟିଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

---

**COMMUNITY HEALTH CENTRE ULLUNDA, DIST-SONEPUR**

ଜାତୀୟ ସ୍ୱାସ୍ଥ୍ୟ ମିଶନ, ସୁବର୍ଣ୍ଣପୁର

**Tender Call Notice For Hiring of Vehicle**

Sealed tenders are invited from Travel Agencies/Transporters/ Tour Operator/ Individuals/Private Organization/ NGOs situated within CHC, Ullunda for supply of vehicles on monthly hiring basis to be used in CHC, Ullunda for Mobile Health Team under RBSK & Mobile Health Unit under Swasthya Sanjog of CHC, Ullunda. Last date for submitting the documents is 28.09.2023 on or before 12.00 Noon through Regd Post only. For detail information and documents, please visit www.subarnapur.nic.in. The authority has reserve the right to cancel the whole process without any notice.

Sd./- Superintendent
CHC, Ullunda

---

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. eT-M-KUR-KURSTNCLG-232-23

**କାର୍ଯ୍ୟର ନାମ :** 03 ବର୍ଷ (1096 ଦିନ) ସମୟାବଧି ନିମନ୍ତେ ପ୍ଲାଟଫର୍ମ, ୟାର୍ଡ଼, ଟ୍ରାକ୍, କାର୍ଯ୍ୟାଳୟ ଭବନ, ଆରକ୍ଷଣ କାର୍ଯ୍ୟାଳୟ, କନକୋର୍ସ କ୍ଷେତ୍ର, ପ୍ରତିକ୍ଷାଳୟ, ହୋମ ସିଗ୍ନାଲ ଠାରୁ ହୋମ ସିଗ୍ନାଲ ପର୍ଯ୍ୟନ୍ତ ୟାର୍ଡ଼ ଇତ୍ୟାଦି ସହିତ ଖୋର୍ଦ୍ଧା ରୋଡ଼ ଷ୍ଟେସନ ର ସଫାଇ ଏବଂ ହାଉସ୍‌କିପିଙ୍ଗ (Housekeeping)।

**ବିଜ୍ଞାପିତ ମୂଲ୍ୟ (₹) :** 7,88,49,542.47, EMD (₹): ₹ 5,44,300/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.01.09.2023ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.09.2023ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ଼
PR-520/O/23-24

---

**Sambalpur University Institute of Information Technology**
**Jyoti Vihar, Burla, Sambalpur, Odisha - 768019**

SUIIT

Advt. No. 1072 / SUIIT — Date. 01 / 09/ 2023

**WALK-IN-INTERVIEW**

Walk-in-interview is going to be held at SUIIT on date and time mentioned against each for the following teaching posts on contractual basis for two semesters (i.e. up to 31st May, 2024) with a consolidated remuneration Rs. 40,000.00 for Masters and Rs. 45,000.00 for Ph. D. degree holders per month.

| Name of the Post | No. of post | Date & time of Interview | | Reporting time |
|---|---|---|---|---|
| Asst. Prof. in CSE | 03 | 12.09.2023 | 10:00 AM | 9:00 AM |
| Asst. Prof. in English | 01 | 12.09.2023 | 03:00 PM | 2:00 PM |

Interested candidates are required to come prepared with original & one set of photocopy of all testimonials, experience certificate (if any), one recently drawn PP size colored photograph, the filled in application form and a demand draft (non-refundable) of Rs. 500/- (Rs. 350/- in case of ST/SC candidates) drawn at any SBI branches in favour of Director, SUIIT payable at SBI, Jyoti Vihar (Code-6672). No TA/DA is admissible for attending the interview.

The authority reserves the right to reject any or all the applications or cancel the entire selection process without assigning any reason thereof. The number of posts may vary as per requirement.

The details of posts, qualifications, remuneration structure and application form are available at our website www.suiit.ac.in. All are requested to report the Administrative Officer, SUIIT, Jyoti Vihar, Burla, Sambalpur as mentioned above.

Sd/-
Director, SUIIT

---

**GOVERNMENT OF ODISHA** No. O-831

**"e" PROCUREMENT NOTICE**

**Bid Identification No. Online-AGL-08 of 2023-2024**

1. Name of the Work : Building Work
2. Estimated Cost : Rs.149.54 Lakhs
3. Period of Completion : 06 (Six) Calendar Months
4. Date & time of availability of Bid Document in the Portal : From 01.09.2023 to 07.09.2023 upto 5.00 P.M.
5. Last date/time for receipt of Bids in the Portal : 07.09.2023 upto 5.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website www.tendersorissa.gov.in.

Sd./- Executive Engineer
R.W. Division, Angul
OIPR-25096/11/0007/2324

---

See Career Appointment on every Wednesday & Saturday

---

**GOVERNMENT OF ODISHA**
**ZILLA PARISHAD, KALAHANDI**
**E-Procurement Notice**
Bid Identification No.ZP-KLD-T-5/2023-24
E-mail:drdakalahandi@gmail.com
No.CAD-1912 — No.4509, Dated 31.08.23

| | | | |
|---|---|---|---|
| 1 | No. of the Work | : | Building Works 9 Nos. |
| 2 | Estimated Cost | : | Rs.33.48 Lakh to Rs.182.65 Lakh |
| 3 | Class of Contractor | : | "C", "B" & "A" |
| 4 | Period of Completion | : | 6 Calendar Months |
| 5 | Date and Time of availability of bid document in the portal | : | 11.00 hrs. of 07.09.2023 to 17.00 hrs of 16.09.2023 |
| 6 | Last date/time for receipt of bid in the portal | : | 17.00 hour of 16.09.2023 |
| 7 | Name and address of the Officer Inviting Bid | : | Zilla Parishad, Kalahandi |
| 8 | Date & Venue of Opening of the Single Cover Bid and Technical Bid (Cover-1) of Double cover bid | : | On 18.09.2023 at 11.00 AM in the Office of the Zilla Parishad, Kalahandi |

Further details can be seen from the e-Procurement portal https://tendersodisha.gov.in.

Sd./- CDO-cum-EO
Zilla Parishad, Kalahandi
OIPR-19287/11/0010/2324

---

**OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA**
No. O-838 — e-mail: rw_balliguda@yahoo.com
**Government of Odisha**
**e-Procurement Notice**
Bid Identification No. Online Tender/05/SERWD BLG/2023-24
Letter No. 3644//RWDBLG — Date: 28.08.2023

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.5.09 Lakh to Rs.6.47 Lakh |
| 3 | Period of Completion | : | 1 (One) Calendar Month as per Annexure |
| 4 | Date & Time of availability of Bid documents in the portal | : | From 04.09.2023 at 10.00 A.M. to 12.09.2023 upto 5.00 P.M. |
| 5 | Last date/time for receipt of Bids in the portal | : | 12.09.2023 upto 5.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division, Balliguda |

Further details can be seen from the e-procurement portal website https://www.tendersodisha.gov.in.

Sd./- Superintending Engineer
Rural Works Division, Balliguda
OIPR-25164/11/0006/2324

---

**GOVERNMENT OF ODISHA** No. O-832
**OFFICE OF THE SUPERINTENDING ENGINEER, RURAL WORKS DIVISION, SUNDARGARH**
E-mail: rw_sundargarh@yahoo.co.in
**E-PROCUREMENT NOTICE**
**BID IDENTIFICATION NO. ONLINE - SESNG - 10 OF 2023-24**

1. Name of the Work : Building Works
2. Total No. of Works : 08 Nos. Building
3. Estimated Cost : Rs.32.25 Lakhs to Rs.34.37 Lakhs
4. Class of Contractor : 'C' & 'B'
5. Period of Completion : 06 Calendar Months
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-10 of 2023-24 | 05.09.2023 10.00 A.M. | 15.09.2023 05.30 P.M. |

Further details can be seen from the website: www.tendersorissa.gov.in.
OIPR-25046/11/0015/2324 — Sd./- Executive Engineer, Rural Works Division, Sundargarh

---

**STATE INSTITUTE FOR RURAL DEVELOPMENT & PANCHAYATI RAJ**
PR & DW Department, Govt. of Odisha
Gopabandhu Nagar, Unit - VIII, Bhubaneswar - 12
No. i-355

**EXPRESSION OF INTEREST FOR ISO CERTIFICATION**

No. : 1740/SIRD&PR — Date : 31.08.2023

Expression of Interest is invited from reputed institutions to undertake ISO certification of 90 Gram Panchayats (3 Gram Panchayats in each district) of Odisha.

The applicant organizations must have good credentials and prior experience in doing similar work with Government organizations. They have to chalk out detailed scope of work for this assignment and describe the same in the application. Details of ToR has been uploaded in the official website- **sirdodisha.nic.in**

The certification shall be done on the basis of 3 essential criteria of Gram Panchayat functions, i.e. Record Management, Resource Management and Service Delivery.

On receipt of the applications, SIRD&PR shall invite the agencies to give a power point presentation on their testimonials of experience and financial proposal for the assignment.

The organizations are required to send their applications through registered post / courier in the address given at the top of this advertisement. Last date for receipt of application is **18.09.2023 up to 05.30PM**. The date and time of **opening of Technical Bid is 21.09.2023 at 11.30 A.M.** The undersigned reserves the right to extend the date and accept or reject any or all proposals without assigning any reason thereof.

Sd/-
DIRECTOR
OIPR-19214/11/0008/2324

---

**Government of Odisha "e" Procurement Notice**
E-mail ID: rwdsonepur@gmail.com
**Bid Identification No. TENDER ONLINE SNPR - 03 of 2023-24**
No. 2687 — Dated: 29.08.2023

1. Name of the Work : Roads Works as per DTCN available in the website. www.tendersodisha.gov.in
2. Total No. of Work : 9 (Nine) Nos.
3. Estimated Cost : Varies from Rs.5.04 lakh to Rs.12.60 lakh
4. Period of Completion : 02 (Two) Calendar Months
5. Period and time of availability of bid document in the portal for bidding : 07.09.2023 at 11.00 A.M. to 15.09.2023 upto 5.00 P.M.
6. Date and time of opening of Tender : 16.09.2023 at 11.00 A.M.
7. Name and address of the Officer Inviting Bid : S.E.R.W. Divn., Sonepur
   (1) Other details can be seen from detailed notice inviting tenders, available in website www.tendersodisha.gov.in.
   (2) Corrigendum if any shall only be published in the website: www.tenderodisha.gov.in.

OIPR-25054/11/0003/2324 — Sd./- Superintending Engineer, Rural Works Division, Sonepur

---

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
Letter No.26512, Dated. 29.08.2023, Email i.d.: crew_bbsr@yahoo.com
**Notice inviting request for proposal from consultant**
**(RFP-Online-CE(Buildings & Bridges)-05/2023-24,Dt.28.08.2023)**

**No.O-842:**Name of the Work: Construction of H.L. Bridge over river Luna at 5th K.M. on Belar Nuagaon-Teragaon-Mahakalapara in the district of Kendrapara under Biju Setu Yojana.2. Total No. of Works: 01 (One) No. 3. Period of Completion: 30 (Thirty) Calendar Months. 4. Other details: www.tendersorissa.gov.in

| Procurement Officer | Bid Identification No. | No. of Bridge Works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha,Bhubaneswar | RFP-Online-CE-Buildings & Bridges-05 (Bridge)/ 2023-24 | 01 (One) No. | 04.09.2023 at 10.00 A.M. | 18.09.2023 upto 5.00 P.M. |

Other details can be seen in the bidding documents, which will be available in website www.tendersorissa.gov.in.

Sd./- Chief Engineer (Buildings & Bridges)
Rural Works, Odisha, Bhubaneswar
OIPR-25123/11/0024/2324

---

**INDUSTRIAL PROMOTION AND INVESTMENT CORPORATION OF ODISHA LIMITED**
(An ISO 9001-2008 Certified State Level Nodal Agency)
IPICOL HOUSE, JANPATH, BHUBANESWAR - 751022, ODISHA
Tel: 0674-2542601 Fax: 0674-2543766

**EXPRESSION OF INTEREST**

ACC/1/2023-ACCDIV-IPICOL/ — Date: 31-08-2023

**No.CAD-1910:**Sealed bids are invited in the following prescribed format for rate of interest (Callable) for fixed deposit of Rs.13 Crores (Interest compounded quarterly) from Bhubaneswar based empanelled Banks in line with GoO, Finance Deptt. order No.26061 dated 19.10.2022.

| Sl.No. | Period | % Rate of Interest per annum (Callable) |
|---|---|---|
| 1 | One Year | |

The Bid should be superscribed with "Bid for quotation for Fixed Deposit" & must reach the undersigned in sealed cover by Speed Post/Special Messenger on or before 11.30 A.M. on dtd. 07.09.2023 and the same will be opened at 12.00 Noon on the same day at conference hall of the IPICOL (1st floor) in the presence of the representative of the participating Banks. Interest offer of Banks shall remain valid upto 08.09.2023. The interest rate quoted by Banks is final & in no circumstances change of interest rate will be accepted. The authority reserves the right to invest the full amount or in part to any of the participating bidders and may not accept the highest quoted offer. The authority also reserves the right to cancel the tender process at any time before investment is made without any clarification. Bids not fulfilling the tender condition & submission of bid in the other than the earmarked format is liable for rejection.

Same can be viewed in IPICOL official website: www.ipicolodisha.com

Sd./-
G.M. (Accounts & CFO)
OIPR-14005/11/0013/2324

---

**ODISHA CONSTRUCTION CORPORATION LIMITED**
BHUBANESWAR, ODISHA, PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM
"e"-Procurement Notice No.34/OCCL/2023-24 (online)
No.CAD-1914: Online Request for Proposal is invited for the following works.

| Sl. No. | Name of Work | Bid Identification No. | Bid Security (through on-line transfer/ as mentioned in DTCN) (in Rs.) | Period of Completion | Availability of Tender (Online) | Last date of Submission of tender (online) | Seek Clarification |
|---|---|---|---|---|---|---|---|
| 1 | Request for Proposal (RFP) for engagement of Proof Engineering Consultant (PEC) for the work Construction of Distribution System for 2937 ha. of CCA including Command Area Development (CAD) in 16 nos. of Minor Irrigation Projects through under ground pipe line irrigation system (gravity flow) in Bolangir, Kalahandi & Subarnapur district of Odisha. | OCCL-PEC/01/ 2023-24 | Rs.45,000/- | 24 (Twenty Four) Calendar Months | From 07.09.2023, 03.30 PM to 21.09.2023, 5.30 PM | 21.09.2023, 5.30 PM | 07.09.2023, 3.30 PM to 11.09.2023, upto 3.30 PM |
| 2 | Request for Proposal (RFP) for engagement of Proof Engineering Consultant (PEC) for the work Construction of Distribution System for 2526 ha. of CCA including Command Area Development (CAD) in 9 nos. of Minor Irrigation Projects through under ground pipe line irrigation system (gravity flow) in Ganjam, Kandhamal, Nayagarh & Sambalpur district of Odisha. (Package-IV) | OCCL-PEC/02/ 2023-24 | Rs.40,000/- | 24 (Twenty Four) Calendar Months | From 07.09.2023, 03.30 PM to 21.09.2023, 5.30 PM | 21.09.2023, 5.30 PM | 07.09.2023, 3.30 PM to 11.09.2023, upto 3.30 PM |
| 3 | Request for Proposal (RFP) for engagement of Proof Engineering Consultant (PEC) for the work Construction of Distribution System for 3401 ha. of CCA including Command Area Development (CAD) in 6 nos. of Minor Irrigation Projects through under ground pipe line irrigation system (gravity flow) in Bargarh & Sundargarh district of Odisha. (Package-V) | OCCL-PEC/03/ 2023-24 | Rs.45,000/- | 24 (Twenty Four) Calendar Months | From 07.09.2023, 03.30 PM to 21.09.2023, 5.30 PM | 21.09.2023, 5.30 PM | 07.09.2023, 3.30 PM to 11.09.2023, upto 3.30 PM |

Procurement Officer : Managing Director, OCCL.
Date of Opening of the Technical Bid : **22.09.2023, 12.00 Noon onwards.**
Further details can be seen from the : e-Procurement portal:https://www.tendersodisha.gov.in.

OIPR-34120/11/0046/2324 — Sd./- Managing Director

---

**OFFICE OF THE REGULATED MARKET COMMITTEE, KUCHINDA**
At: Kundaposi, P.O.: Kuchinda, Near Fire Station, Infront of Forest Park, Sambalpur, PIN - 768222
Telephone No.: (06642) 221066
Email ID: rmc.kuchinda@gmail.com

**ନିୟନ୍ତ୍ରିତ ବଜାର କମିଟି, କୁଚିଣ୍ଡା**

ବିଜ୍ଞାପନ ସଂଖ୍ୟା: 966 — ତାରିଖ: 01.09.2023
RMC/MKTY-2022-23

ଏତଦ୍ଦ୍ୱାରା କୁଚିଣ୍ଡା ଉପଖଣ୍ଡର eNAM ରେଜିଷ୍ଟ୍ରିଭୁକ୍ତ FPO/TRADERS/ FARMERS ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି)ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିୟନ୍ତ୍ରିତ ବଜାର କମିଟି ମୁଖ୍ୟ ବଜାର ପ୍ରାଙ୍ଗଣରେ ନିର୍ମିତ ହୋଇଥିବା ୧୦ଗୋଟି ଦୋକାନ ଘରଗୁଡ଼ିକ ମଧ୍ୟରୁ ୬ଗୋଟି eNAM ରେଜିଷ୍ଟ୍ରିଭୁକ୍ତ ସମ୍ପ୍ରଦାୟମାନଙ୍କ ପାଇଁ ଓ ୨ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି)ମାନଙ୍କ ପାଇଁ ଉଦ୍ଦିଷ୍ଟ ଇଚ୍ଛୁକ eNAM ରେଜିଷ୍ଟ୍ରିଭୁକ୍ତ FPO/TRADERS/FARMERS ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି)ମାନଙ୍କୁ ମାସିକ ଭଡ଼ା ସୂତ୍ରରେ ଆବଣ୍ଟନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଉକ୍ତ ଦୋକାନ ଗୃହ ଆବଣ୍ଟନ ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳୀ ସହିତ ଦରଖାସ୍ତ ଫର୍ମ ନିୟନ୍ତ୍ରିତ ବଜାର କମିଟି, କୁଚିଣ୍ଡା କାର୍ଯ୍ୟାଳୟରେ ଉପଲବ୍ଧ ହେବା ସହିତ ଜିଲ୍ଲା Website: **(www.sambalpur.nic.in)**ରେ ମଧ୍ୟ ଉପଲବ୍ଧ ହେବ। ଇଚ୍ଛୁକ ବ୍ୟକ୍ତିବିଶେଷ ଦୋକାନ ଘର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଆବଶ୍ୟକୀୟ ତଥ୍ୟ ଓ କାଗଜାତ ସହ ଆବେଦନ କରିପାରିବେ।

ଦୋକାନ ଗୃହ ଆବଣ୍ଟନ ସମ୍ପର୍କରେ ସବ୍ କମିଟି କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ସର୍ବମାନ୍ୟ ହେବ ଓ ସବ୍ କମିଟି କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଉକ୍ତ ଦୋକାନ ଘର ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ କରିପାରିବେ।

ଅଧ୍ୟକ୍ଷଙ୍କ ଆଦେଶ କ୍ରମେ
ସ୍ୱା./– ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, କୁଚିଣ୍ଡା

# ୫-ଟି ସଚିବଙ୍କ ବିରଜା ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ସମୀକ୍ଷା

ଯାଜପୁର ଟାଉନ,୧୯
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)


୫-ଟି ସଚିବ ଭି.କେ. ପାଣ୍ଡିଆନ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କୁ ଦର୍ଶନ କରି ଫେରୁଛନ୍ତି।

**ସରିଲା ଯାଜପୁର ଜିଲା ଗସ୍ତ**
■ ମେଡିକାଲ କଲେଜ କାର୍ଯ୍ୟସ୍ଥଳ ପରିଦର୍ଶନ କଲେ
■ ବିଭିନ୍ନ ସଂଗଠନଠାରୁ ଦାବିପତ୍ର ଗ୍ରହଣ

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ୩ ଦିନିଆ ଯାଜପୁର ଜିଲା ଗସ୍ତ ଶୁକ୍ରବାର ଶେଷ ହୋଇଛି। ଶେଷ ଦିବସରେ ସଚିବ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ପରେ ବିରଜା ମନ୍ଦିରରେ ଚାଲିଥିବା ଉନ୍ନତୀକରଣ କାର୍ଯ୍ୟ ବୁଲି ଦେଖିବା ସହ ଏହି କାର୍ଯ୍ୟ ଯେପରି ଶୀଘ୍ରଶେଷ ହେବ ତା'ର ସମୀକ୍ଷା କରିଛନ୍ତି। ଏହି ସମୟରେ ସେଠାରେ ଉପସ୍ଥିତ ଯାଜପୁର ବାର୍ ଆସୋସିଏଶନ, ଯାଜପୁର ପ୍ରେସ୍ କ୍ଲବ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯାଜପୁର ନାଗରିକ ମଞ୍ଚର ସଦସ୍ୟମାନେ ତାଙ୍କୁ ଦାବିପତ୍ର ଦେବା ସହ ନିଜ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ପରେ ମନ୍ଦିର ନିକଟରେ ଥିବା ମିଶନ ଶକ୍ତି କାଫେକୁ ସଚିବ ପରିଦର୍ଶନରେ ଯିବା ସହ ସେଠାରେ ଜଳଖିଆ ଖାଇଥିଲେ। ମିଶନ ଶକ୍ତି ଭବନରେ ଉପସ୍ଥିତ ଥିବା ସଦସ୍ୟାମାନଙ୍କ ଉନ୍ନତି ପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମସ୍ତେ ଏଥିପାଇଁ କଠିନ ପରିଶ୍ରମ କରିବା ଆବଶ୍ୟକ ବୋଲି ସେ କହିଥିଲେ। ମିଶନ ଶକ୍ତି ଗୃହରେ ଚାଲିଥିବା ବିଭିନ୍ନ କାର୍ଯ୍ୟକୁ ପରିଦର୍ଶନ କରିଥିଲେ। ଶେଷରେ ସେ ଯାଜପୁରରେ ନିର୍ମାଣାଧୀନ ମେଡିକାଲ କଲେଜକୁ ଯାଇ ସେଠାରେ ମେଡିକାଲ କଲେଜର ସୁପରିନ୍‌ଟେଣ୍ଡେଣ୍ଟ, ପ୍ରିନ୍ସପାଲ ଓ ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ସେ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାଠାରେ ଆୟୋଜିତ ଏକ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିଲେ। ସେଠାରୁ ଦାନଗଦୀ ଓ କୋରେଇ ଗସ୍ତରେ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ। ସଚିବ କେଇଟା ଦିନ ମଧ୍ୟରେ ସବୁ ଜିଲା ଗସ୍ତ କରି ସାରିଲେଣି। ତାଙ୍କ ଗସ୍ତ ସମୟରେ ସେ ବିଭିନ୍ନ ଜିଲାରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ସହ ମିଶନ ଶକ୍ତିର ସଦସ୍ୟା, କଲେଜ ଛାତ୍ରୀଛାତ୍ରଙ୍କୁ ଭେଟିଛନ୍ତି। କିନ୍ତୁ ଯାଜପୁର ଜିଲା ସବୁଥିରେ ଏକ ନମ୍ବର ବୋଲି ସେ ସ୍ୱୀକାର କରିଛନ୍ତି। ଏହି ଜିଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଲୋକସଂଖ୍ୟା ଅନ୍ୟ ଜିଲା ତୁଳନାରେ ଅଧିକ ବୋଲି ସେ କହିଛନ୍ତି। ସେହିପରି ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅନ୍ୟ ଜିଲା ତୁଳନାରେ ଅଧିକ ବୋଲି ପ୍ରକାଶ କରିଛନ୍ତି।


ଯାଜପୁରରେ ନିର୍ମାଣାଧୀନ ମେଡିକାଲ କଲେଜ କାର୍ଯ୍ୟ ସମୀକ୍ଷା କରୁଛନ୍ତି ସଚିବ।


ଯାଜପୁର ମିଶନ ଶକ୍ତି ଭବନରେ ଉପସ୍ଥିତ ସଦସ୍ୟାମାନଙ୍କ ସହ ୫-ଟି ସଚିବ।

# ଚାଷ କାର୍ଯ୍ୟ ପାଇଁ ପାଣି ଅଭାବ ରହିବ ନାହିଁ

ବ୍ରହ୍ମବରଦା,୧୯(ଯଯାତି କେଶରୀ ବେହେରା)

**ବ୍ରହ୍ମବରଦାରେ ୫-ଟି ସଚିବଙ୍କ ଜନ ଅଭିଯୋଗପତ୍ର ଗ୍ରହଣ**


୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ହାତରେ ମହିଳାମାନେ ରାଖୀ ବାନ୍ଧୁଛନ୍ତି।

୫-ଟିସଚିବଭି.କେ.ପାଣ୍ଡିଆନଙ୍କଯାଜପୁର ଜିଲା ଗ୍ରସ୍ତ ଶେଷ ହୋଇଛି। ଶୁକ୍ରବାର ସେ ବରୀ ନିର୍ବାଚନମଣ୍ଡଳୀ ଅଧୀନ ବ୍ରହ୍ମବରଦା ପଞ୍ଚାୟତ ହାଜିରହିମିଆଁ ସରକାରୀ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଜନଶୁଣାଣି ସଭାରେ ଯୋଗଦେଇ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିଛନ୍ତି। ପାଣ୍ଡିଆନ ବିମାନ ଯୋଗେ ଆସି ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରି ସଭାସ୍ଥଳକୁ ଯାଇଥିଲେ। ସଭାରେ ଉପସ୍ଥିତ ଥିବା ମିଶନ ଶକ୍ତିର ମହିଳା ଓ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ସହିତ ହାତ ମିଳାଇଥିଲେ। ମହିଳାମାନେ ସଚିବଙ୍କ ହାତରେ ରାଖୀ ବାନ୍ଧିଥିଲେ। ପରେ ତାଙ୍କୁ ଭବ୍ୟସ୍ୱାଗତ କରିଥିଲେ। ଏହି ସମୟରେ ପୁଷ୍ପ ବର୍ଷା ସହ ଶଙ୍ଖ ହୁଳହୁଳି ଧ୍ୱନୀରେ ସଭାସ୍ଥଳ ପ୍ରକମ୍ପିତ ହୋଇ ଉଠିଥିଲା।

ସଭାରେ ଜୟ ଜଗନ୍ନାଥ କହି ସଚିବ ଉଦ୍‌ବୋଧନ ଆରମ୍ଭ କରି ରାଜ୍ୟ ବିକାଶରେ ମିଶନ ଶକ୍ତି ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ନୂତନ ଓଡ଼ିଶା ଗଠନରେ ମିଶନ ଶକ୍ତିର ମହିଳା କର୍ଣ୍ଣଧାର ସଜିଥିବା କହିଥିଲେ। ବରୀ ବ୍ଲକ୍‌ର ୨୯ ପଞ୍ଚାୟତରେ ଘରେଘରେ ପିଇବା ପାଣି ପହଞ୍ଚାଇବା ପାଇଁ ୧୬୦କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ। ଚାଷ କାର୍ଯ୍ୟ ପାଇଁ ପାଣିର ଅଭାବ ରହିବ ନାହିଁ। ସେଥିପାଇଁ ଯାଜପୁର ଜିଲାର ରସୁଲପୁର, ଚଟ୍ଟମାରି ଓ ଯାଜପୁରରେ ୩ ମେଗା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ୯୧ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ। ତନ୍ତିଘାଇଠାରେ ସେତୁ ନିର୍ମଣ ପାଇଁ ୫୦ କୋଟି, ଶହୀଦ ପୀଠ ବିକାଶ ପାଇଁ ୪୦ ଲକ୍ଷ ଅନୁଦାନ ଘୋଷଣା କରିଥିଲେ। ଜିଲାରେ ୫୦ ହଜାର ଚାଷୀ ଫସଲ ବୀମାରେ ଅର୍ନ୍ତଭୁକ୍ତ ହୋଇଥିବା ସଚିବ ପ୍ରକାଶ କରିଥିଲେ। ଜିଲାର ୧୭ ହଜାର ମିଶନ ଶକ୍ତି ସଂଘ ମହିଳାଙ୍କୁ ୫୪୦କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିବା କହିଥିଲେ। ରାଜ୍ୟରେ ବିଏସ୍‌କେୱାଇ କାର୍ଡ ଗରିବ ଲୋକଙ୍କ ଜୀବନ ବଞ୍ଚାଇବାର ସହାୟକ ହେଉଥିବାରୁ ପ୍ରତି ବର୍ଷ କାର୍ଡରେ ମହିଳାଙ୍କ ପାଇଁ ୧୦ଲକ୍ଷ ଏବଂ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କା ସରକାର ଦେଉଥିବା ସଚିବ ପ୍ରକାଶ କରିଥିଲେ। ଏହି ସଭାରେ ସେ ୨୫୦ଟି ଅଭିଯୋଗ ପତ୍ର ଲୋକଙ୍କଠାରୁ ଗ୍ରହଣ କରିଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଆସିଛି ବୋଲି କହିଥିଲେ। ବରୀ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର, ମସଜିଦ, ଗିର୍ଜାଘର, କମ୍ୟୁନିଟି ସେଣ୍ଟର, କୃଷି, ଶିଳ୍ପ ଓ ଶିକ୍ଷା ବ୍ୟବସ୍ଥା ଆଦିର ଉନ୍ନତି ପାଇଁ ଆର୍ଥିକ ଅନୁଦାନ ଘୋଷଣ କରିଥିଲେ। ସରକାରଙ୍କ ତରଫରୁ ରାଜ୍ୟରେ ଥିବା ସମସ୍ତ ମହାବିଦ୍ୟାଳୟକୁ ୫-ଟିରେ ଅର୍ନ୍ତଭୁକ୍ତ କରାଯାଇ ଉନ୍ନତୀକରଣ କରାଯିବା ପାଇଁ ଆର୍ଥରାଶି ଦେଢ କୋଟି ଟଙ୍କା ମଞ୍ଜୁର କରିଥିବା ପ୍ରକାଶ କରିଥିଲେ। ମଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଉଥିବା ଅର୍ଥରାଶିକୁ ସ୍ୱଚ୍ଛତାର ସହ ଖର୍ଚ୍ଚ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା।

## କେନାଲରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ରଘୁନାଥପୁର,୧୯
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ପୂରଣସ୍ଥିତ ତାଳଦଣ୍ଡା କେନାଲରୁ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ବୟସ ୩୦ରୁ ୩୫ ମଧ୍ୟରେ ହେବ ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପାରାଦୀପସ୍ଥିତ ଏକ ଶବାଗାରର ଆଇସ୍ ଚାମ୍ବରରେ ଚିହ୍ନଟ ପାଇଁ ରଖାଯାଇଛି। ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ମୃତଦେହଟି କେନାଲରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସରେ ଖବର ଦେଇଥିଲେ।

## ଅଭୟଙ୍କ ମୃତଦେହ ମିଳିଲା

**ବ୍ରାହ୍ମଣୀ ନଦୀକୁ କୁମ୍ଭୀର ଟାଣି ନେଇଥିଲା**

ରାଜନଗର,୧୯(ଭାସ୍କର ରାଉତରାୟ)

ଗୁରୁବାର ରାଜନଗର ବ୍ଲକ ରାଜପୁର ଗ୍ରାମର ୬୦ବର୍ଷୀୟ ଅଭୟ ରାଉତ ଡଙ୍ଗାରୁ ଓହ୍ଲାଇ ବ୍ରାହ୍ମଣୀ ନଦୀରେ ଗୋଡ଼ ଧୋଉଥିବା ସମୟରେ ପୁଅ ଆଖି ସାମ୍ନାରେ ତାଙ୍କୁ କୁମ୍ଭୀର ନଦୀଗର୍ଭକୁ ଟାଣି ନେଇଥିଲା। ବନବିଭାଗ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଏହି ଘଟଣାର ୨୪ ଘଣ୍ଟା ପରେ ଅର୍ଥାତ୍ ଶୁକ୍ରବାର ଅଭୟଙ୍କ ମୃତଦେହ ଏକମାଣିଆ ନିକଟରୁ ବନବିଭାଗ ଏବଂ ସ୍ଥାନୀୟ ଲୋକମାନେ ଉଦ୍ଧାର କରିଛନ୍ତି। ଅଭୟର ମୃତଦେହକୁ ବନବିଭାଗ ପକ୍ଷରୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# କୁମ୍ଭୀରଭରା ନଦୀରେ ଜୀବନ ବାଜି

ମହାକାଳପଡ଼ା,୧୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ଖୋଲା ନଦୀରେ କାଠବୋଝ ଧରି ପାରି ହେଉଛନ୍ତି ମହିଳା**


ଜଣେ ମହିଳା କାଠ ବୋଝ ଧରି ନଦୀ ପାରି ହେଉଛନ୍ତି।

ଜୀବିକା ପାଇଁ ଜୀବନ ମରଣ ଦୋଛକିରେ ଅଭାବୀ ମଣିଷ। ପେଟ ଚାଖଣ୍ଡେ ପାଇଁ କୁମ୍ଭୀର ଭରା ନଦୀରେ ଦୈନନ୍ଦିନ ଚାଲିଛି ଜୀବିକା ପାଇଁ ସଂଗ୍ରାମ। ଅଭାବୀ ପରିବାର ଜଙ୍ଗଲରୁ କାଠ ଆଣିଲେ ଘରେ ଚୁଲି ଜଳେ। ଭରା ନଦୀରେ ଘୁରି ବୁଲୁଥିବା କୁମ୍ଭୀର ପାଇଁ ସାରା ଜିଲାରେ ଚହଳ ପଡ଼ି ଥିବା ବେଳେ ଠିକ ସେତିକି ବେଳେ ଅଭାବୀ ମଣିଷଟିଏ ଜୀବନର ମୂଲ୍ୟ କ'ଣ ବୁଝିବା ପୂର୍ବରୁ ଜୀବନକୁ ବାଜି ଲାଗାଇଛି କୁମ୍ଭୀର ଭରା ନଦୀରେ। ଏହି ନଦୀରେ ଅଣ୍ଟାଏ ପାଣିରେ ପଶି ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ଫେରିବା ମହିଳାମାନଙ୍କ ପାଇଁ ଏକ ନିତିଦିନିଆ କଥା । ଏହାର ଉଦାହରଣ ଦେଖିବାକୁ ମିଳୁଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବତୀଘର ପଞ୍ଚାୟତ ମହାନଦୀ ଶାଖା ଖୋଳା ନଦୀରେ । ସ୍ଥାନୀୟ ବତୀଘର ଅଞ୍ଚଳର ମହିଳାମାନେ ନିକଟସ୍ଥ ଜଙ୍ଗଲରୁ ଦୈନିକ ଜାଳେଣି କାଠ ସଂଗ୍ରହ କରି ବିପଦପୂର୍ଣ୍ଣ ଭାବେ ନଦୀ ପାରି ହୋଇଥାଆନ୍ତି । ଅପରପେକ୍ଷ, ଏହି ବ୍ଲକର ମହାନଦୀ ଓ ତା'ର ଶାଖା ଲୁଣା, ପାଇକା, ଗୋବରୀ ନଦୀରେ କୁମ୍ଭୀରମାନେ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ରାପଡ଼ା ଜିଲା ବ୍ରାହ୍ମଣୀ ନଦୀରେ କୁମ୍ଭୀର ଆକ୍ରମଣରେ କିଛି ଦିନ ମଧ୍ୟରେ ୫ରୁ ଅଧିକ ଜୀବନ ଯାଇଛି। ଏଥିପାଇଁ ସ୍ଥାନୀୟ ଲୋକମାନଙ୍କ ସହ ବନ ବିଭାଗ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ଖରିନାସି ଗାଁର ମହିଳାମାନେ ଜଙ୍ଗଲ ପାର୍ଶ୍ୱ ନାଳରୁ ମାଛ ଧରିବା ବେଳେ ବଡ଼ ବଉଳା କୁମ୍ଭୀର ନଦୀକୁ ଟାଣି ନେଇ ଖାଇ ଦେଇଥିବା ନଜିର ରହିଛି । ସେହିପରି ବତୀଘର ପଞ୍ଚାୟତ ଖୋଳା ନଦୀରେ କିଛି ବର୍ଷ ମଧ୍ୟରେ ୩୦ରୁ ଅଧିକ ଲୋକ କୁମ୍ଭୀର ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ଖୋଳା ନଦୀରେ ସାମୁଦ୍ରିକ ଜୁଆର ନ ଥିବା ସମୟରେ ଆମେ କାଠ ମୁଣ୍ଡେଇ ପାରି ହୋଇ ଥାଉ ବୋଲି ସ୍ଥାନୀୟ ମହିଳାମାନେ କହିଛନ୍ତି । ବନ ବିଭାଗ ପକ୍ଷରୁ ଭରା ନଦୀରେ କୁମ୍ଭୀର ଆକ୍ରମଣରୁ ରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଉଛି ବୋଲି ଜମ୍ବୁ ରେଞ୍ଜ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କମଲ


@ ସତ୍ୟ


@ ବିଶ୍ୱଜିତ୍


@ ସୁବାଷ


@ ମାନସ


@ ସାଗର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପିପିଏଲ୍ ପରିସରରେ ହକି ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



ହକି ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଜିଲାପାଳ ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୧୯ (ପ୍ରମୋଦ କୁମାର ନାୟକ)

ରାଜ୍ୟ ସରକାର ହକିକୁ ପ୍ରୋତ୍ସାହିତ କରୁଛନ୍ତି। ରାଜ୍ୟର ଅଧିକରୁ ଅଧିକ ସଂଖ୍ୟକ ପିଲା ଯେପରି ହକି ପ୍ରତି ଆକୃଷ୍ଟ ହେବେ ସେନେଇ ଉଦ୍ୟମ ଜାରି ରଖିଛନ୍ତି। ଏହି ଉପଲକ୍ଷେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ନାଭାଲ ଟାଟା ହକି ଏସିଇ ଫାଉଣ୍ଡେଶନ୍ ମିଳିତ ସହଯୋଗରେ ଜଗତ୍‌ସିଂହପୁର ଜିଲାର ପୋର୍ଟ ଟାଉନ କୁହାଯାଉଥିବା ପାରାଦୀପଠାରେ ଶୁକ୍ରବାର ତୃଣମୂଳ ହକି ପ୍ରଶିକ୍ଷଣ କେନ୍ଦ୍ର ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି । ପିପିଏଲ୍ ପରିସର ଡିଏଭି ସ୍କୁଲ କ୍ୟାମ୍ପସରେ ଏହି ପ୍ରଶିକ୍ଷଣ ଚାଲିବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସୂଚନା ଓ ପ୍ରଯୁକ୍ତି ବିଭାଗ ଭିସି ହଲ୍‌ରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳଙ୍କ ଉପସ୍ଥିତିରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଏସିଇ ଫାଉଣ୍ଡେଶନ୍ ହକି ସିଇଓ ଆଶିଷ କୁମାର ଓ ରାଜୀବ ସେଠୀ ପ୍ରମୁଖ ଉପସ୍ଥିତ ରହି ରାଜ୍ୟରେ ହକି କ୍ରୀଡ଼ାର ତୃଣମୂଳସ୍ତରରେ ଉନ୍ନତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସେହିପରି ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ, ଡିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ, ଡିଏଭି ସ୍କୁଲର ଶାଶ୍ୱତ କୁମାର ଭରତିଆ, କୋଚ ମମତା କିଣ୍ଡୋ, ସୁମିତ ଲାକ୍ରା, ଜିଲା ହକି ଆସୋସିଏଶନ୍ ସଭ୍ୟ ସୁଶାନ୍ତ କୁମାର ଦାଶ, ବିଜୟ କୁମାର ଦାଶ, ସୁଷମା ପ୍ରଧାନ ଓ ବିଦ୍ୟାଳୟ ହକି ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଅତୀତରେ ପାରାଦୀପ ପୋର୍ଟ ପକ୍ଷରୁ କେତୋଟି ପ୍ରମୁଖ ହକି ଟୁର୍ନାମେଣ୍ଟ ଏକାଧିକ ଥର ଆୟୋଜିତ ହୋଇପାରିଛି । ପିପିଏଲ୍ ଡିଏଭି ହକି ଟିମ୍ ମଧ୍ୟ ରାଜ୍ୟ ହକି ଚାମ୍ପିୟନଶିପ୍ ଓ ନେହେରୁ କପ୍ ସ୍କୁଲ ଟୁର୍ନାମେଣ୍ଟରେ ଅତୀତରେ ଅଂଶଗ୍ରହଣ କରିଥିଲା ବୋଲି କୁହାଯାଇଥିଲା। ତେବେ ଏବେ ଯେଉଁ ପ୍ରଶିକ୍ଷଣ ଦିଆଯିବ ସେଥିରେ ପିପିଏଲ୍ ଡିଏଭି ସ୍କୁଲର ୨୦୦ ଜଣ ବାଳିକା, ବାଳକ ପ୍ରଶିକ୍ଷଣ ସୁଯୋଗ ପାଇବେ । ପ୍ରଶିକ୍ଷଣ ପାଇଁ ୨ ଜଣ ପ୍ରଶିକ୍ଷକ ନିଯୁକ୍ତି ପାଇଛନ୍ତି।

## ସଂକ୍ଷେପରେ

### ଡ୍ରାଇଭରଙ୍କ ପତ୍ତା ମିଳୁନି, ୪ ଅଟକ

ନୟାଗଡ଼,୧।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗୋଡିପଡ଼ା ଫାଣ୍ଡି ବଡ଼ଦେଶ ହରିପୁର ଗାଁରେ ଗୁରୁବାର ରାତିରେ ଅପହରଣ ହୋଇଥିବା ଅଟୋ ଡ୍ରାଇଭର କାଳିଆ ସେନାପତି(୩୫)ଙ୍କୁ ଉଦ୍ଧାର କରିବାରେ ପୋଲିସ ସକ୍ଷମ ହୋଇ ନାହିଁ। ଅପହରଣ ଘଟଣାର ୨୪ ଘଣ୍ଟା ପରେ ପୋଲିସ କେବଳ ୪ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏବେ କାଳିଆଙ୍କ ଘରେ ଚୁଲି ଜଳୁନି। ପରିବାର ଲୋକ ଭୋକ ଉପାସରେ ଖୋଜାଖୋଜି ଜାରି ରଖିଛନ୍ତି। କାନ୍ଦ ବୋବାଳିରେ ତାଙ୍କ ଘର ଫାଟି ପଡୁଛି । ସୂଚନା ଅନୁଯାୟୀ, ବଡଦେଶ ହରିପୁର ଗାଁର କେତେଜଣ ଯୁବକଙ୍କ ସହ ଫାସିପଡା ଗାଁର ଏକାଧିକ ଯୁବକଙ୍କ କଥା କଟାକଟି ମାରପିଟ ପ୍ରାୟ ୨ମାସ ତଳେ ହୋଇଥିଲା। ଏହି ଘଟଣାରେ ବଡଦେଶ ହରିପୁର ଗେଞ୍ଜଗସାହିର ଜଣେ ଯୁବକ ଜେଲ ଯାଇଥିଲେ। ଗେଞ୍ଜ ସାହିର ଯୁବକଙ୍କୁ କାଳିଆ ଧରାଇ ଦେଇଥିଲେ ବୋଲି ସନ୍ଦେହ ହୋଇଥିଲା। କାଳିଆ ଘରେ ଅଟୋ ଥୋଇ ଗାଁ ପୋଖରୀକୁ ରାତି ପ୍ରାୟ ୯ଟାରେ ଯିବା ସମୟରେ ବଡଦେଶ ହରିପୁର ଗେଞ୍ଜସାହିର କେତେଜଣ ଯୁବକ କାଳିଆଙ୍କୁ ଅପହରଣ କରି ନେଇଥିଲେ। ଅପହରଣ ପରେ କାଳିଆଙ୍କୁ ମାରପିଟ୍ କରାଯାଇ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଛି। ହେଲେ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ହୋଇ ପାରୁ ନାହିଁ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ନୟାଗଡ଼,୧।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଡିମିଶର ପଞ୍ଚାୟତର ପୂର୍ବତନ ସରପଞ୍ଚ ଚନ୍ଦ୍ରମଣି ସାହୁ(୫୫)ଙ୍କ ଗୁରୁବାର ପରଲୋକ ହୋଇ ଯାଇଛି। ଚନ୍ଦ୍ରଙ୍କର ମୃତଦେହ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି। ଚନ୍ଦ୍ରମଣି ନିଜ ଗାଁ ହରିପୁରରେ ରଘୁ କୁନ୍ତଳା ହାଇସ୍କୁଲ ନିର୍ମାଣ କରିଥିଲେ। କିଛି ଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଖବର ପାଇ ସ୍କୁଲ ଶିକ୍ଷକ, ଛାତ୍ରୀଛାତ୍ର, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ହରିପୁର ଗାଁକୁ ଯାଇ ଚନ୍ଦ୍ରମଣିଙ୍କ ଶେଷ ଦର୍ଶନ କରିଥିଲେ। ଶୁକ୍ରବାର ସ୍କୁଲରେ ନୀରବ ପ୍ରାର୍ଥନା କରାଯାଇଥିଲା।

### ଚିନିକଳରୁ ଚୋରି କରି ଜେଲ ଗଲେ ଯୁବକ

ନୟାଗଡ଼,୧।୯(ଲୋକନାଥ ମିଶ୍ର)

ପାଣିପୋଇଲାସ୍ଥିତ ଚିନିକଳରୁ ଚୋରି କରିବା ଅଭିଯୋଗରେ ଗୁରୁବାର ଅଟକ ଥିବା ଶରଧାପୁର ଗାଁର ନୀଳମଣି ଭୂଜବଳ(୨୨)ଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ନୀଳମଣିଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ନୀଳମଣିଙ୍କ ଠାରୁ ଚିନିକଳର ୧ କୁଇଣ୍ଟାଲ ଯନ୍ତ୍ରାଂଶ ଜବତ ହୋଇଛି। ପୋଲିସ ୧୫୭/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ମୁଁ ବି ମିତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

## ଶୁଦ୍ଧ ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରଶାସନର ଉଦ୍ୟମ



ମୁଁ ବି ମିତା କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

ନୟାଗଡ଼,୧।୯(ଲୋକନାଥ ମିଶ୍ର)

ମୁଁ ବି ମିତା କାର୍ଯ୍ୟକ୍ରମ ମାଧ୍ୟମରେ ଶୁଦ୍ଧ ଭୋଟର ତାଲିକା ପ୍ରକାଶନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପ୍ରୟାସ ଆରମ୍ଭ ହୋଇଛି। ଏନେଇ କଲେଜ ଛାତ୍ରୀଛାତ୍ର ଓ ଅଧ୍ୟକ୍ଷଙ୍କୁ ନେଇ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲା ନିର୍ବାଚନ ଅଧିକାରୀ ରିମା ହାଂସଦାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ ଉପଜିଲାପାଳ ଶକ୍ତିକାନ୍ତ ରାୟ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ କୁହାଯାଇଛି ୪ଟି ପର୍ଯ୍ୟାୟରେ ଭୋଟର ତାଲିକାରେ ଯୋଗ ଓ ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଛି। ମୁଁ ବି ମିତା କାର୍ଯ୍ୟକ୍ରମରେ କଲେଜ ଛାତ୍ରୀଛାତ୍ର ନିଜେ ନିଜର ଭୋଟ ଦେବା ଅଧିକାର ଭୋଟର ତାଲିକାରେ ଉଠାଇବା ସହ ଅନ୍ୟକୁ ସଚେତନ କରିବାକୁ ଫୋକସ କରାଯାଇଛି। ସେହିପରି ଭୋଟର ତାଲିକାରୁ ଏକାଧିକ ସ୍ଥାନରେ ନାଁ ଥିବା ଭୋଟରଙ୍କ ନାମ କାଟିବା, ମୃତକଙ୍କ ନାମ କାଟିବା, ୧୮ ବର୍ଷର ଭୋଟରଙ୍କୁ ସାମିଲ କରିବା, ସ୍ଥାନାନ୍ତରିତ ଭୋଟରଙ୍କ ନାମ କାଟିବା ସଂକ୍ରାନ୍ତରେ ବି ପ୍ରଶିକ୍ଷଣ ଦିଆଯାଇଛି। କିପରି ଓ କେଉଁଭଳି ସଚେତନ କରାଯିବ ସେନେଇ ତାଲିମ ପ୍ରଦାନ କରାଯାଇଛି ।

## ବିଶ୍ୱ ସଂସ୍କୃତି ଦିବସ ସମାରୋହ, ବୈଦିକ ସମ୍ମିଳନୀ

ଖଣ୍ଡପଡ଼ା,୧।୯(ଅଜୟ କୁମାର ମହାରଣା)

ବିଶ୍ୱ ସଂସ୍କୃତି ଦିବସ ସମାରୋହ ଓ ବୈଦିକ ସମ୍ମିଳନୀ ଖଣ୍ଡପଡ଼ା ବ୍ଲକର ଗଡିଆସାହି ପଞ୍ଚାୟତ ଅଧୀନ ନଟବରପୁରଶାସନ ଗ୍ରାମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ପ୍ରଫେସର ହରପ୍ରସାଦ ମହାପାତ୍ର ଓ ସମ୍ମାନୀତ ଅତିଥି ଭାବେ ଅଧ୍ୟକ୍ଷ ଦୀନବନ୍ଧୁ ଦାଶ ଓ ସଚିବ ଶିବ ନାରାୟଣ ଆଚାର୍ଯ୍ୟ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଲୋକକବି ଡ.କାଳୀପ୍ରସନ୍ନ ଶତପଥୀ ଓ ବିଶିଷ୍ଟ ଅତିଥି ଭାବେ ଡ. ବିଭୂତି ଭୂଷଣ ମହାପାତ୍ର ଯୋଗଦେଇ ସମ୍ମିଳନୀ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ମନୋଜ କୁମାର ଦାଶ ବେଦ ପାଠ କରିଥିଲେ। ଅତିଥିମାନେ ସଂସ୍କୃତ ଭାଷାର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଏ ଅବସରରେ ମହୀୟସୀ ସାମାଜିକ କର୍ମୀ ରୁକ୍ମୁଣୀ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ମୃତ୍ୟୁଞ୍ଜୟ ଶତପଥୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ବର୍ଷିୟାନ ମହିଳା ନିଶାମଣୀ ଦାଶଙ୍କୁ ଚଳିତ ବର୍ଷ ରୁକ୍ମୁଣୀ ଆଚାର୍ଯ୍ୟ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ନଟବରପୁର ଶାସନ ବେଦ ପାଠଶାଳାର ଛାତ୍ର ଓ ସାମାଜିକ କର୍ମୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।


ସମାରୋହରେ ମାନ୍ୟଗଣ୍ୟବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଡିଏଚ୍‌ଏଚ୍‌ରେ କାଓ କ୍ୟାଚର ଯୋଗୁ ଦୁର୍ଘଟଣା

ନୟାଗଡ଼,୧।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡ଼ିଏଚଏଚ)ର ମୁଖ୍ୟ ଫାଟକ ସମ୍ମୁଖରେ ଥିବା କାଓ କ୍ୟାଚର ଯୋଗୁ ଦୁର୍ଘଟଣା ଘଟୁଛି। କାଓ କ୍ୟାଚରରେ ବାଇକ, ସାଇକେଲ ଆଦି ଯାନବାହନ ଗଲେ ପାଇପ ଓ ଟିଣ ଟେକି ହୋଇ ଦୁର୍ଘଟଣାର କାରଣ ହେଉଛି । ଗତ ୭ ଦିନ ମଧ୍ୟରେ ପ୍ରାୟ ୨୦ ଟି ଦୁର୍ଘଟଣା ଘଟିଲାଣି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କାଓ କ୍ୟାଚରକୁ ମରାମତି କରାଯାଉ ନ ଥିବାରୁ ଦୁର୍ଘଟଣା ବଢୁଛି ବୋଲି ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସଚେତନତା ଉପରେ ଗୁରୁତ୍ୱ

ନୟାଗଡ଼,୧।୯(ଲୋକନାଥ ମିଶ୍ର)

ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରମାନଙ୍କ ମନରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଅଧିକ ଆଗ୍ରହ ସୃଷ୍ଟି କରିବା ତଥା ସେବା ଓ ସଚେତନତାମୂଳକ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଉତ୍କଳ ସମ୍ମିଳନୀ ନୟାଗଡ଼ ଜିଲା ଶାଖାର ଏକ ସ୍ୱତନ୍ତ୍ର ବୈଠକରେ ଶୁକ୍ରବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମ୍ମିଳନୀର ସଭାପତି ବସିରନ ବିବିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମସ୍ତଙ୍କୁ ସ୍ୱାଗତ କରିବା ସହ ସମ୍ମିଳନୀର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ବରିଷ୍ଠ ସଦସ୍ୟ ଅରୁଣ କୁମାର ମହାନ୍ତି, ମହମ୍ମଦ ଓମାର ମଲ୍ଲିକ, ପ୍ରଦୀପ ସାହୁ, ଗୋକୁଳ କୁମାର ଷଡ଼ଙ୍ଗୀ, ପ୍ରତାପ ସାହୁ, ଲକ୍ଷ୍ମୀଧର ମହାପାତ୍ର, ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଷ୍ଠାନରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରାଇବା, ଜିଲାର ବିଭିନ୍ନ ବିଦ୍ୟାଳୟକୁ ଯାଇ ଶୁଦ୍ଧ ଓଡ଼ିଆ ଲେଖିବା, ଢଗଢମାଳି ଗାଇବା, ଓଡ଼ିଆରେ ଚିଠି ଲେଖିବା ଆଦି ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ରଖିଥିଲେ। ମହାବିଦ୍ୟାଳୟସ୍ତରରେ 'ନୂଆ ସ୍ୱର ନିଆରା କଥା'ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ କବିତା, ଗଳ୍ପ, ପ୍ରବନ୍ଧ ଲେଖିବା ତଥା ବିଭିନ୍ନ ଉପାଦେୟ ଓଡ଼ିଆ ବହି ପଢିବା ପାଇଁ ଆଗ୍ରହ ସୃଷ୍ଟି କରିବା ଦିଗରେ ଆଲୋଚନା ହୋଇଥିଲା। ଅପରପକ୍ଷେ ଉତ୍କଳ ସମ୍ମିଳନୀ ନୟାଗଡ଼ ଜିଲା ଶାଖାର ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ସଭାପତି ଭାବେ ବସିରନ ବିବି, ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ସଙ୍ଗଠନ ସମ୍ପାଦକ ଗୋପୀନାଥ ସେଠୀ, ଉପସଭାପତି ଭକ୍ତ ବଲ୍ଲଭ ବଟକୃଷ୍ଣ ମିଶ୍ର, ଶ୍ରୀଧର ସାହୁ, ଯୁଗ୍ମ ସମ୍ପାଦକ ସୌଦାମିନୀ ସ୍ୱାଇଁ, କୋଷାଧ୍ୟକ୍ଷ ମମତା ମଞ୍ଜରୀ ଦେଇ, ମୁଖ୍ୟ କାର୍ଯ୍ୟକ୍ରମ ସଂଯୋଜକ ସୁଦର୍ଶନ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଅରୁଣ କୁମାର ମହାନ୍ତି, ମହମ୍ମଦ ଓମାର ମଲ୍ଲିକ, ହରପ୍ରିୟା ଦ୍ୱିବେଦୀ, ରୀତାରାଣୀ ମିଶ୍ର, ପ୍ରଫୁଲ୍ଲ ନାୟକ, ପ୍ରଦୀପ ସାହୁ, ନିରଞ୍ଜନ ନାୟକ, ସଞ୍ଜୟ କୁମାର ସୁବୁଦ୍ଧି ପ୍ରମୁଖ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।


ବୈଠକରେ ଯୋଗଦେଇଥିବା ଉତ୍କଳ ସମ୍ମିଳନୀ ନୟାଗଡ଼ ଶାଖାର କର୍ମକର୍ତ୍ତା।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ କମଲ


@ ସତ୍ୟ


@ ବିଶ୍ୱଜିତ୍


@ ସୁବାସ


@ ମାନସ


@ ସାଗର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭାଜପାରେ ଯୋଗଦେଲେ ବିଜେଡି କର୍ମୀ

**ନୟାଗଡ଼,୧।୯(ଲୋକନାଥ ମିଶ୍ର) :** ନୟାଗଡ଼ ପୁରୁଣା ସହରର ପୁରୁଣା ରାଜବାଟୀରେ ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଉପସ୍ଥିତିରେ ଇଟିରି ପଞ୍ଚାୟତର ୧୦ଜଣ ବିଜେଡି କର୍ମୀ ଶୁକ୍ରବାର ଭାଜପାରେ ଯୋଗ ଦେଇଛନ୍ତି। ମିଶ୍ରଣ ପର୍ବରେ ଭାଜପା ନେତା ନସିର ଅହମ୍ମଦ, ପ୍ରହଲାଦ ବରାଡ, ରଜନୀକାନ୍ତ ନନ୍ଦ, ସନ୍ତୋଷ ରାଉତରାୟ, ସୂର୍ଯ୍ୟମଣି ବେହେରା, ଇଟିରି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭାତ ପାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଦାସିଆ ଅଜାଙ୍କ ସଂଗ୍ରହାଳୟକୁ ବିଦେଶୀ ସାମଗ୍ରୀ ପ୍ରଦାନ

ନୂଆଗାଁ,୧।୯(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ଉଦୟପୁର ଗାଁରେ ପ୍ରଖ୍ୟାତ ସଂଗ୍ରାହକ ଦାଶରଥି ପଟ୍ଟନାୟକ (ଦାସିଆ ଅଜା)ଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱପ୍ରସିଦ୍ଧ ପାଠାଗାର ସଂଗ୍ରହାଳୟକୁ ଶୁକ୍ରବାର କାରୁକାର୍ଯ୍ୟ ପୂର୍ଣ୍ଣ ଘୋଡା ପ୍ରଦାନ କରାଯାଇଛି। ଓଡ଼ିଶାର ସର୍ବକନିଷ୍ଠ ରାଷ୍ଟ୍ରଦୂତ ପରଲୋକଗତ ବିରଜା ପ୍ରସାଦ ମଲ୍ଲିକଙ୍କ ଦ୍ୱାରା ରୁଷିଆ ଓ ମାଡ୍ରିଡ୍ ଦେଶରୁ ସଂଗୃହୀତ ୨୦ କଳାକୃତି ସାମଗ୍ରୀ ଏବଂ ଚଣ୍ଡୀଗଡ଼ର ତମ୍ବାରେ ନିର୍ମିତ କାରୁକାର୍ଯ୍ୟପୂର୍ଣ୍ଣ ଏକ ଘୋଡ଼ା ରାଷ୍ଟ୍ରଦୂତଙ୍କ ପରିବାର ପକ୍ଷରୁ ପ୍ରଦାନ କରାଯାଇଛି। ବିଦେଶର ପ୍ରଦତ୍ତ କଳାକୃତି ସାମଗ୍ରୀ ମଧ୍ୟରେ ରୁଷିଆରେ ଦିଆସିଲ୍ କାଠିରେ ନିର୍ମିତ ଏକ ବିରଳ କଳାକୃତି ସ୍ମାରକୀ ଖୁବ୍ ଆକର୍ଷଣୀୟ ହୋଇଛି। ବିରଜା ପ୍ରସାଦଙ୍କ ରାଷ୍ଟ୍ରଦୂତ ଜୀବନର ପ୍ରାରମ୍ଭରେ ଅଳ୍ପ ବୟସରେ ପରଲୋକ ହୋଇଥିଲା। ସେ ଓଡ଼ିଶାର ସର୍ବ କନିଷ୍ଠ ରାଷ୍ଟ୍ରଦୂତ ଥିଲେ। କମିଶନର ତଥା ଶାସନସଚିବ ବିଷ୍ଣୁପଦ ସେଠୀଙ୍କ ସେ ସମ୍ପର୍କୀୟ ଅଟନ୍ତି। ବିରଜା ପ୍ରସାଦଙ୍କ ଅମ୍ଳାନ ସ୍ମୃତିକୁ ଦାସିଆ ଅଜାଙ୍କ ସଂଗ୍ରହାଳୟରେ ରାଜ୍ୟ ଓ ଦେଶବାସୀଙ୍କ ନିକଟରେ ଉଜ୍ଜୀବିତ କରି ରଖିବା ନିମନ୍ତେ ରାଷ୍ଟ୍ରଦୂତଙ୍କ ମାତା ବିଜୟା ମଲ୍ଲିକ ଭୁବନେଶ୍ୱରରେ ଦାସିଆ ଅଜାଙ୍କ ନାତି ତଥା ସଂଗ୍ରହାଳୟର ସମ୍ପାଦକ ଦୀପକ ପଟ୍ଟନାୟକଙ୍କ ଉପସ୍ଥିତିରେ ସମସ୍ତ କଳାକୃତି ସାମଗ୍ରୀକୁ ଦାସିଆ ଅଜାଙ୍କ ସଂଗ୍ରହାଳୟକୁ ପ୍ରଦାନ କରିଛନ୍ତି । ସଂଗ୍ରହାଳୟରେ ଏକ ସ୍ୱତନ୍ତ୍ର ଗ୍ୟାଲେରୀରେ ଏହି ବିଦେଶୀ ସାମଗ୍ରୀମାନଙ୍କୁ ପ୍ରଦର୍ଶିତ କରାଯିବ। ରାଜ୍ୟ ଓ ଦେଶ ବିଦେଶରୁ ସଂଗ୍ରହାଳୟକୁ ଆସୁଥିବା ଦର୍ଶକ ପର୍ଯ୍ୟଟକ ଗବେଷକ ଓ ଐତିହାସିକମାନଙ୍କୁ ରୁଷିଆ ଓ ମାଡ୍ରିଡ୍ ଦେଶର କଳାକୃତି ଖୁବ୍ ଆକୃଷ୍ଟ କରିବ। ବର୍ତ୍ତମାନ ଦାସିଆ ଅଜାଙ୍କ ନାତି ଦୀପକ ପଟ୍ଟନାୟକଙ୍କ ଦ୍ୱାରା ପାଠାଗାର ସଂଗ୍ରହାଳୟ ପାଇଁ ଦେଶ ବିଦେଶର ବିଭିନ୍ନ ସାମଗ୍ରୀମାନ ସଂଗ୍ରହ କରାଯାଉଛି। ଏହାଦ୍ୱାରା ଦିନକୁ ଦିନ ଦାସିଆ ଅଜାଙ୍କ ପାଠାଗାର ସଂଗ୍ରହାଳୟ ସମୃଦ୍ଧ ହେଉଛି।


ଦାସିଆ ଅଜାଙ୍କ ସଂଗ୍ରହାଳୟକୁ ପ୍ରଦାନ କରାଯାଇଥିବା ସାମଗ୍ରୀ।

## ଖଣ୍ଡପଡ଼ାରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଖଣ୍ଡପଡ଼ା,୧।୯(ଅଜୟ କୁମାର ମହାରଣା)

ସଂପ୍ରତି ବର୍ଷା ସମୟରେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସାହି ବସ୍ତି ଓ ମୁଖ୍ୟରାସ୍ତା କଡରେ ଥିବା ଡ୍ରେନଗୁଡିକ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇପଡିଛି । ଡ୍ରେନ ପାଣି ରାସ୍ତା ଉପରେ ପ୍ରବାହିତ ହୋଇ ଦୂଷିତ ପରିବେଶ ସୃଷ୍ଟି କରୁଛି । ଏହାଛଡା ବିଭିନ୍ନ ଦୋକାନ ବଜାରଠାରୁ ଆରମ୍ଭ କରି ଗ୍ରାମର ବର୍ଜ୍ୟବସ୍ତୁ ଓ ନର୍ଦ୍ଦମା ପାଣିକୁ ନିଷ୍କାସନ କରିବା ପାଇଁ ଥିବା ଡ୍ରେନଗୁଡିକ ସଂପ୍ରତି ଭାରି ବର୍ଜ୍ୟବସ୍ତୁରେ ପୋତି ହୋଇଗଲାଣି। ଖରାଦିନରେ ଏ ସବୁ ନର୍ଦ୍ଦମାର କୁପ୍ରଭାବ ସେତେଟା ଅନୁଭୂତ ହେଉ ନ ଥିବା ବେଳେ ଏବେ ବିଭିନ୍ନ ସମୟରେ ବର୍ଷା ହୋଇ ଡ୍ରେନରେ ପାଣି ଜମାହୋଇ ରହୁଛି। ଫଳରେ ମଶାମାନଙ୍କ ବଂଶ ବୃଦ୍ଧି ଘଟିଛି। ନର୍ଦ୍ଦମା ପୋତି ହୋଇ ଏହାର ମଇଳା ପାଣି ରାସ୍ତା ଉପରେ ପ୍ରବାହିତ ହେବା ଯୋଗୁ ଲୋକମାନଙ୍କ ଚଳଣିରେ ସମସ୍ୟା ସୃଷ୍ଟି ହୋଇଛି । ପଞ୍ଚାୟତ କର୍ତ୍ତୃପକ୍ଷ ଏନେଇ କୋହଳ ମନୋଭାବ ପ୍ରଦର୍ଶନ କରିବା ସହ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଡ୍ରେନ ପାର୍ଶ୍ୱରେ ବସବାସ କରୁଥିବା ଜନସାଧାରଣ ସଜବାଜ ହେଉଥିବା ଜଣାପଡିଛି। ସେହିପରି ଖଣ୍ଡପଡ଼ା ସହରର ମୁଖ୍ୟ ରାସ୍ତା ପାର୍ଶ୍ୱ ସମେତ ଗଳିକନ୍ଦି ରାସ୍ତା ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ବର୍ଷ ବର୍ଷ ଧରି ବିପର୍ଯ୍ୟସ୍ତ ହୋଇ ପଡିଛି । କେଉଁଠି ମାଟିରେ ଡ୍ରେନ ପୋତି ହୋଇ ରହିଛି ତ ପୁଣି କେଉଁଠି ଆଦୌ ଡ୍ରେନେଜ ବ୍ୟବସ୍ଥା ନାହିଁ । ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ସାରା ମାଡୁଛି । ଅଧିକାଂଶ ଗଳିକନ୍ଦି ରାସ୍ତାରେ ଘରର ଆବର୍ଜନା ପାଣି ରାସ୍ତା ଉପରେ ମାଡୁଥିବାରୁ ସ୍ଥାନୀୟ ୱାର୍ଡବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଖଣ୍ଡପଡା ସହରର ଡ଼ାକ୍ତରଖାନା ଛକରୁ ଜେଲଖାନା ଦେଇ ମଣିକର୍ଣ୍ଣିକା ସାହିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନାହିଁ। ଉକ୍ତ ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନାହାନ୍ତି।

ସୂଚନାଯୋଗ୍ୟ ୧୯୮୯ରେ ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳର ପରିଷଦର ମାନ୍ୟତା ପାଇଥିଲା । ଇତି ମଧ୍ୟରେ ୩୩ ବର୍ଷ ଅତିକ୍ରାନ୍ତ କରିଥିଲେ ହେଁ ସହରର ଡ୍ରେନେଜ ସମସ୍ୟା ସୁଧାରିବାରେ ଏନଏଏସି ଓ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ବିଫଳ ହେବା ପରିତାପର ବିଷୟ । ଡ୍ରେନେଜ ବ୍ୟବସ୍ଥା ପ୍ରତି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।


ଆବର୍ଜନାରେ ଭରି ରହିଥିବା ଡ୍ରେନ୍।

## ସଂକ୍ଷେପରେ

### ଭାରତୀୟ ବଂଶୋଦ୍ଭବ ଥର୍ମାନ ଆଗରେ

**ସିଙ୍ଗାପୁର ରାଷ୍ଟ୍ରପତି ନିର୍ବାଚନ**



**ସିଙ୍ଗାପୁର,୧୯(ପି.ଟି.):** ସିଙ୍ଗାପୁରରେ ଶୁକ୍ରବାର ରାଷ୍ଟ୍ରପତି ନିର୍ବାଚନ ଲାଗି ମତଦାନ ପରେ ସାମ୍ପଲ କାଉଣ୍ଟରେ ଭାରତୀୟ ବଂଶୋଦ୍ଭବ ସିଙ୍ଗାପୁର ଜନ୍ମିତ ଅର୍ଥନୀତିଜ୍ଞ ଥର୍ମାନ ଶାନମୁଗରତ୍ନମ୍ ତାଙ୍କର ଅନ୍ୟ ଦୁଇ ଚାଇନା ବଂଶୋଦ୍ଭବ ପ୍ରାର୍ଥୀଙ୍କଠାରୁ ଆଗରେ ରହିଛନ୍ତି। ନିର୍ବାଚନ ବିଭାଗ ପକ୍ଷରୁ ଜାରି ସାମ୍ପଲ କାଉଣ୍ଟ ଫଳାଫଳ ଅନୁଯାୟୀ ଥର୍ମାନଙ୍କୁ ୭୦ ପ୍ରତିଶତ ଭୋଟ ମିଳିଛି। ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ସିଙ୍ଗାପୁର ସରକାରଙ୍କ ପୂର୍ବତନ ମୁଖ୍ୟ ନିବେଶ ଅଧିକାରୀ ଏନ୍‌ଜି କୋକ୍ ସଙ୍ଗଙ୍କୁ ୧୬ ପ୍ରତିଶତ ମିଳିଥିବାବେଳେ ଏନ୍‌ଟିୟୁସି ଇନ୍‌କମ୍‌ର ପୂର୍ବତନ ମୁଖ୍ୟ ଟାନ୍ କିନ୍ ଲିଆନ୍‌ଙ୍କୁ ୧୪ ପ୍ରତିଶତ ଭୋଟ ମିଳିଛି। ସାମ୍ପଲ କାଉଣ୍ଟ ହେଉଛି ସମୁଦାୟ ୧,୨୬୪ ଭୋଟ କେନ୍ଦ୍ରରୁ ୧୦୦ଟି ଲେଖାଏଁ ବାଲଟକୁ ନମୁନା ଭାବେ ନିଆଯାଇ ଗଣନା କରାଯାଇଥାଏ। ଭୋଟଗ୍ରହଣ ରାତି ୮ଟାରେ ଶେଷ ହେବା ପରେ ମତଗଣନା ଆରମ୍ଭ ପୂର୍ବରୁ ସାମ୍ପଲ କାଉଣ୍ଟ କରାଯାଇଥିଲା। ଏଥିରୁ ସମ୍ଭାବ୍ୟ ଫଳାଫଳର ସୂଚନା ମିଳିଥାଏ। ପୂର୍ବରୁ ହୋଇଥିବା ସାମ୍ପଲ କାଉଣ୍ଟରୁ ଚୂଡ଼ାନ୍ତ ଫଳାଫଳର ୯୫ ପ୍ରତିଶତ ସ୍ତର ପର୍ଯ୍ୟନ୍ତ ଆତ୍ମବିଶ୍ୱାସ ମିଳିଥିବା ଜଣାପଡ଼ିଛି।

### କେନ୍ଦ୍ରମନ୍ତ୍ରୀଙ୍କ ଘରୁ ଯୁବକଙ୍କ ମୃତଦେହ ଜବତ

**ଲକ୍ଷ୍ନୌ,୧୯:** କେନ୍ଦ୍ରମନ୍ତ୍ରୀ ତଥା ଭାଜପା ଏମ୍‌ପି କୌଶଲ୍ କିଶୋରଙ୍କ ଲକ୍ଷ୍ନୌସ୍ଥିତ ବାସଭବନରୁ ଜଣେ ୩୦ ବର୍ଷୀୟ ଯୁବକଙ୍କ ମୃତଦେହ ମିଳିଛି। ମୃତକ ବିନୟ ଶ୍ରୀବାସ୍ତବ ମନ୍ତ୍ରୀଙ୍କ ପୁଅ ବିକାଶ କିଶୋରଙ୍କ ବନ୍ଧୁକ ଗୁଳିରେ ମରିଥିବା କୁହାଯାଉଛି। ଶ୍ରୀବାସ୍ତବ ଓ ବିକାଶଙ୍କ ମଧ୍ୟରେ ବନ୍ଧୁତା ରହିଥିଲା। ତେବେ ବିକାଶ ହିଁ ତାଙ୍କୁ ହତ୍ୟା କରିଛନ୍ତି ବୋଲି ଶ୍ରୀବାସ୍ତବଙ୍କ ଭାଇ ଅଭିଯୋଗ କରିଛନ୍ତି। ଲକ୍ଷ୍ନୌ ନିକଟସ୍ଥ ବେଗାରିୟା ଗାଁରେ ଶୁକ୍ରବାର ଭୋର୍ ୪ଟାବେଳେ ଏହି ଘଟଣା ଘଟିଥିଲା। ପୋଲିସ ଏନେଇ ଏକ ମାମଲା ରୁଜୁକରିବା ସହ ସେହି ସମୟରେ ଘରେ ଥିବା ୬ ଜଣଙ୍କୁ ଅଟକ ରଖି ପରଚାଉରା କରୁଛି।

### ୨ ଭଉଣୀଙ୍କୁ ଗଣବଳାତ୍କାର: ୧୦ ଗିରଫ

**ରାୟପୁର,୧୯:** ରାଖୀ ବାନ୍ଧି ଫେରୁଥିବାବେଳେ ୨ ଭଉଣୀ ଗଣବଳାତ୍କାରର ଶିକାର ହୋଇଛନ୍ତି। ଛତିଶଗଡ଼ ରାଜଧାନୀ ରାୟପୁର ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଏଭଳି ଘଟଣା ଘଟିଛି। ପୀଡ଼ିତାମାନଙ୍କ ଅଭିଯୋଗ ଆଧାରରେ ପୋଲିସ ୧୦ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣଙ୍କର ରାଜନୈତିକ ଲିଙ୍କ୍ ଥିବାବେଳେ ହତ୍ୟା ଅଭିଯୋଗରେ ଜେଲରେ ଥିଲେ। ଗୁରୁବାର ସନ୍ଧ୍ୟାରେ ଦୁଇ ଭଉଣୀ ରାଖୀ ବାନ୍ଧି ଜଣେ ପରିଚିତ ବ୍ୟକ୍ତିଙ୍କ ସହ ଘରକୁ ଫେରୁଥିଲେ। ଭନସୋଜନ୍ ନିକଟରେ ହଠାତ୍ ଏକ ବାଇକ୍‌ରେ ୩ ଜଣ ଯୁବକ ଆସି ତାଙ୍କ ବାଇକ୍‌କୁ ଅଟକାଇ ସେମାନଙ୍କ ମୋବାଇଲ ଓ ଭ୍ୟାନିଟି ବ୍ୟାଗ୍ ଲୁଟି ନେଇଥିଲେ। ଏହାର କିଛିକ୍ଷଣ ମଧ୍ୟରେ ଅନ୍ୟ ଚାରିଜଣ ଏକ ବାଇକ୍‌ରେ ଆସି ଦୁଇ ଭଉଣୀଙ୍କ ସହ ଥିବା ଲୋକଙ୍କୁ ମାଡ଼ ମାରିବା ସହିତ ଦୁଇ ଭଉଣୀଙ୍କୁ ଜୋର୍ ଜବରଦସ୍ତ ବାଇକ୍‌ରେ ବସାଇ ନେଇ ବଳାତ୍କାର କରିଥିଲେ।

### ଥାଇଲାଣ୍ଡ ପୂର୍ବତନ ପ୍ରଧାନମନ୍ତ୍ରୀ ଥାକ୍‌ସିନ୍‌ଙ୍କ ଦଣ୍ଡ କମାଇଲେ ରାଜା

**ବ୍ୟାଙ୍କକ,୧୯:** ଥାଇଲାଣ୍ଡ ରାଜା ମହା ଭାଜିରାଲୋଙ୍ଗକର୍ନ ଶୁକ୍ରବାର ପୂର୍ବତନ ପ୍ରଧାନମନ୍ତ୍ରୀ ଥାକ୍‌ସିନ ଶିନାୱାତ୍ରାଙ୍କ ୮ ବର୍ଷ ଜେଲଦଣ୍ଡକୁ ୧ ବର୍ଷକୁ କମାଇ ଦେଇଛନ୍ତି। ଥାକ୍‌ସିନ ୧୫ ବର୍ଷ ଆତ୍ମନିର୍ବାସନରେ ରହିବା ପରେ ଗତ ସପ୍ତାହରେ ସ୍ୱଦେଶ ଫେରିଥିଲେ। ସେ ୨୦୦୧ରୁ ୨୦୦୬ ପ୍ରଧାନମନ୍ତ୍ରୀ ଥିବାବେଳେ ଏକ ସାମରିକ ବିଦ୍ରୋହ ବଳରେ ତାଙ୍କୁ କ୍ଷମତାଚ୍ୟୁତ କରାଯାଇଥିଲା। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଜେଲଦଣ୍ଡାଦେଶ ଦିଆଯିବାରୁ ସେ ୨୦୦୮ରେ ଦେଶ ଛାଡ଼ି ପଳାଇଥିଲେ।

# ଆଗୁଆ ନିର୍ବାଚନ ସଙ୍କେତ

**କେନ୍ଦ୍ରର ମୋଦି ସରକାର ପାର୍ଲାମେଣ୍ଟ ଭଙ୍ଗକରି ଆଗୁଆ ନିର୍ବାଚନ କରାଇପାରନ୍ତି। ଅପ୍ରତ୍ୟାଶିତ ଭାବେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାର ଦିନକ ପରେ ଅଚାନକ 'ଏକ ଦେଶ, ଏକ ନିର୍ବାଚନ' ପାଇଁ କମିଟି ଗଢ଼ିବା ଏହାର ସଙ୍କେତ ଦେଇଛି।**




**ନୂଆଦିଲ୍ଲୀ,୧୯**

ଭାରତରେ 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥା ଲାଗୁ କରାଯାଇପାରିବ କି ନାହିଁ ସେନେଇ ଅନୁଧ୍ୟାନ ପାଇଁ ଶୁକ୍ରବାର କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି। ଉକ୍ତ ପ୍ୟାନେଲର ମୁଖ୍ୟ ଭାବେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ନିଯୁକ୍ତ କରାଯାଇଛି। ଜାତୀୟ ସ୍ତରରେ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ଏକକାଳୀନ ନିର୍ବାଚନ କରାଯିବା ପ୍ରସ୍ତାବକୁ ନେଇ ବିତର୍କ ଜାରି ରହିଥିବାବେଳେ ଏହାକୁ ସରକାରଙ୍କ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଅଚାନକ ସଂସଦର ଅଧିବେଶନ ଡାକି କୋବିନ୍ଦଙ୍କ ଅଧ୍ୟକ୍ଷତାରେ କମିଟି ଗଢ଼ାଯିବା ପରେ ରାଜନୈତିକ ମହଲରେ ଉଷ୍ମତା ବୃଦ୍ଧି ପାଇଛି।

କେନ୍ଦ୍ର ସରକାର ଗୁରୁବାର ସେପ୍ଟେମ୍ବର ୧୮ରୁ ୨୨ ପର୍ଯ୍ୟନ୍ତ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। କିନ୍ତୁ କ'ଣ ପାଇଁ ହଠାତ୍ ଏହି ଅଧିବେଶନ କରାଯାଇଛି ସେନେଇ କିଛି ସ୍ପଷ୍ଟ କରିନାହାନ୍ତି। ଏହାର ଦିନକ ପରେ ଆଉ ଏକ ବିସ୍ମୟକର ନିଷ୍ପତ୍ତି ନେଇଛନ୍ତି।

## ଏକ ଦେଶ, ଏକ ନିର୍ବାଚନ: କୋବିନ୍ଦ କମିଟି ମୁଖ୍ୟ

ତାହା ହେଲା, 'ୱାନ୍ ନେଶନ, ୱାନ୍ ଇଲେକ୍ସନ' ବିଲ୍‌କୁ ଏହି ଅଧିବେଶନ ବେଳେ ଆଗତ କରାଯିବ। ତେବେ ସରକାରଙ୍କ ପକ୍ଷରୁ ଏନେଇ କେହି ସ୍ପଷ୍ଟ କରିନାହାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଅବସରରେ 'ଏକ ଦେଶ, ଏକ ନିର୍ବାଚନ' ଉପରେ ଗୁରୁତ୍ୱ ଦେଇଆସିଛନ୍ତି। ନିର୍ବାଚନ ପରିଚାଳନାଗତ ଖର୍ଚ୍ଚ ଓ ପ୍ରଶାସନିକ ବୋଝ ହ୍ରାସ ଦିଗରେ ଏହା ବେଶ୍ ସହାୟକ ହେବ ବୋଲି ମୋଦି କହିଆସିଛନ୍ତି। ଭାଜପା ମଧ୍ୟ ୨୦୧୪ ଲୋକ ସଭା ନିର୍ବାଚନ ବେଳେ ନିଜ ଇସ୍ତାହାରରେ ଏହାକୁ ସ୍ଥାନିତ କରିଥିଲା। ୨୦୧୭ରେ କୋବିନ୍ଦ ରାଷ୍ଟ୍ରପତି ହେବା ପରେ ମୋଦିଙ୍କ ଏହି ମିଶନକୁ ସମର୍ଥନ ଜଣାଇ ମତ ଦେଇଥିଲେ। ୨୦୧୮ରେ ତତ୍କାଳୀନ ରାଷ୍ଟ୍ରପତି କୋବିନ୍ଦ ପାର୍ଲାମେଣ୍ଟକୁ ସମ୍ବୋଧିତ କରି କହିଥିଲେ, ବାରମ୍ବାର ନିର୍ବାଚନ କରାଯିବା ଦ୍ୱାରା ମାନବ ସମ୍ବଳ ଉପରେ ବିପୁଳ ଚାପ ସୃଷ୍ଟି ହେବା ସହ ଆଦର୍ଶ ଆଚରଣ ବିଧି ଲାଗୁ ଯୋଗୁ ଅନେକ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି।

ଦେଶ ସ୍ୱାଧୀନ ହେବା ପରଠୁ ୧୯୬୭ ପର୍ଯ୍ୟନ୍ତ ପ୍ରଥମେ କିଛି ପର୍ଯ୍ୟାୟ ଧରି ଏକକାଳୀନ ଲୋକ ସଭା ଓ ବିଧାନସଭାଗୁଡ଼ିକର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଆଗକୁ ଅନୁରୂପ ଭାବେ ଲୋକ ସଭା ଓ ବିଧାନସଭା ନିର୍ବାଚନ କରାଇବା କେତେ ସମ୍ଭବ ହେବ, ଏଥିପାଇଁ କ'ଣ ସବୁ ଆବଶ୍ୟକ ହେବ ସେନେଇ ପୂର୍ବତନ ରାଷ୍ଟ୍ରପତି କୋବିନ୍ଦ ଅନୁଧ୍ୟାନ କରିବେ। ବିଶେଷଜ୍ଞ ଏବଂ ବିଭିନ୍ନ ଦଳର ନେତାମାନଙ୍କ ସହ ମଧ୍ୟ ସେ ବିଚାରବିମର୍ଶ କରିପାରନ୍ତି। ଇତିମଧ୍ୟରେ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା କୋବିନ୍ଦଙ୍କୁ ଭେଟି ଏହା ଉପରେ ଆଲୋଚନା କରିଛନ୍ତି।



ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ

## ସମ୍ବିଧାନ ସଂଶୋଧନ ଜରୁରୀ

ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ 'ୱାନ୍ ନେଶନ, ୱାନ୍ ଇଲେକ୍ସନ' ନୀତି ବା ଦେଶବ୍ୟାପୀ ଏକକାଳୀନ ନିର୍ବାଚନ କରାଇବା ସମ୍ପର୍କିତ ବିଲ୍ ଆଗତ ହୋଇପାରେ। ତେବେ ଏଥିପାଇଁ ସମ୍ବିଧାନରେ ଅନ୍ୟୂନ ୫ଟି ସଂଶୋଧନ ଜରୁରୀ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେଗୁଡ଼ିକ ହେଲା:

**୧.** ଅନୁଚ୍ଛେଦ ୮୩(୨): ଲୋକ ସଭାର ଅବଧି ୫ ବର୍ଷରୁ ଅଧିକ ବଢ଼ିବା ଅନୁଚିତ। କିନ୍ତୁ ଏହାକୁ ଆଗୁଆ ଭଙ୍ଗ କରାଯାଇପାରେ।

**୨.** ଅନୁଚ୍ଛେଦ ୮୫(୨)(ବି): ଭଙ୍ଗ ଘୋଷଣା ସହ ଚାଲିଥିବା ଗୃହର ଅବଧି ଶେଷ ହୋଇଥାଏ ଏବଂ ସାଧାରଣ ନିର୍ବାଚନ ପରେ ଏକ ନୂଆ ଗୃହ ଗଠନ କରାଯାଏ।

**୩.** ଅନୁଚ୍ଛେଦ ୧୭୨(୧): ଏକ ରାଜ୍ୟ ବିଧାନସଭାକୁ ଭଙ୍ଗ କରା ନ ଗଲେ ଏହା ୫ ବର୍ଷ ପର୍ଯ୍ୟନ୍ତ ଚାଲିବ।

**୪.** ଅନୁଚ୍ଛେଦ ୧୭୪(୨)(ବି): ବିଧାନସଭାକୁ ଭଙ୍ଗ କରିବା କ୍ଷମତା ରାଜ୍ୟପାଳଙ୍କର ରହିଛି। କ୍ୟାବିନେଟର ପରାମର୍ଶକ୍ରମେ ସେ ଏହାକୁ ଭଙ୍ଗ କରିଥାଆନ୍ତି। ସରକାରଙ୍କ ସଂଖ୍ୟାଗରିଷ୍ଠତାକୁ ନେଇ ସନ୍ଦେହ ଥିଲେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ରାଜ୍ୟପାଳ ବିଧାନସଭା ଭଙ୍ଗ କରିବା ଉପରେ ନିଜ ବୁଦ୍ଧି ପ୍ରୟୋଗ କରିବେ।

**୫.** ଅନୁଚ୍ଛେଦ ୩୫୬: ରାଜ୍ୟଗୁଡ଼ିକରେ ରାଷ୍ଟ୍ରପତି ଶାସନ ଜାରି କରିବା। ସମ୍ବିଧାନ ସଂଶୋଧନ ପାଇଁ ଗୃହର ଦୁଇ-ତୃତୀୟାଂଶ ସଦସ୍ୟ ଭୋଟ ଦେବା ଲାଗି ଉପସ୍ଥିତ ରହିବା ଜରୁରୀ। ସବୁ ରାଜନୈତିକ ଦଳ ଓ ରାଜ୍ୟ ସରକାରଗୁଡ଼ିକର ସହମତି ଆବଶ୍ୟକ। ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହେବା ପରେ ଏହାକୁ ଅଧା ଭାରତର ରାଜ୍ୟ ବିଧାନସଭାରେ ସମର୍ଥନ ମିଳିବା ଜରୁରୀ। ସମ୍ବିଧାନ ସଂଶୋଧନ ପରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ବିପୁଳ ସମ୍ବଳ ଆବଶ୍ୟକ। ନିର୍ବାଚନ ପରିଚାଳନା ସକାଶେ ୨୫ ଲକ୍ଷ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଏବଂ ୨୫ ଲକ୍ଷ ଭୋଟର-ଭେରିଫାଏଡ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି) ଆବଶ୍ୟକ। ବର୍ତ୍ତମାନ ନିର୍ବାଚନ କମିଶନଙ୍କ ନିକଟରେ ମାତ୍ର ୧୨ ଲକ୍ଷ ଇଭିଏମ୍ ରହିଛି।

## କେଉଁ ରାଜ୍ୟରେ ଆଗୁଆ ଭୋଟ ହୋଇପାରେ

ଆସନ୍ତା ନଭେମ୍ବର-ଡିସେମ୍ବରରେ ମିଜୋରାମ, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲଙ୍ଗାନା ଓ ରାଜସ୍ଥାନ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ଅଛି। ଆସନ୍ତା ବର୍ଷ ମେ'-ଜୁନ୍‌ରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ସହ ଏହି ୫ ରାଜ୍ୟ ବିଧାନସଭା ପାଇଁ ଭୋଟ କରାଯାଇପାରେ। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଓ ଅରୁଣାଚଳ ପ୍ରଦେଶରେ ମଧ୍ୟ ଲୋକ ସଭା ନିର୍ବାଚନ ସହ ବିଧାନସଭା ଭୋଟ ହେବାର ଅଛି। କିନ୍ତୁ ମୋଦି ସରକାରଙ୍କ ସଦ୍ୟ ପଦକ୍ଷେପ ପରେ ଲୋକ ସଭା ସହ ଆଉ କେତେକ ରାଜ୍ୟ ବିଧାନସଭା ନିର୍ବାଚନ ଆଗୁଆ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଅରୁଣାଚଳରେ ଭାଜପା ଏକାକୀ କ୍ଷମତାରେ ଥିବାବେଳେ ସିକିମରେ ମେଣ୍ଟ କରି ସରକାର ଗଢ଼ିଛି। ମହାରାଷ୍ଟ୍ର ଓ ହରିୟାଣାରେ ଭାଜପା ଅନ୍ୟ ଦଳ ସହ ମେଣ୍ଟ କରି କ୍ଷମତାରେ ଅଛି। ଏହି ୨ ରାଜ୍ୟ ସମେତ ଜେଏମ୍‌ଏମ୍-କଂଗ୍ରେସ ମେଣ୍ଟ ସରକାର ଚାଲିଥିବା ଝାଡ଼ଖଣ୍ଡରେ ମଧ୍ୟ ଲୋକ ସଭା ନିର୍ବାଚନ ସାଙ୍ଗକୁ ଭୋଟ ହୋଇପାରେ।

## ଦେଶରେ ଏକକ ନିର୍ବାଚନ ନୂଆ ନୁହେଁ

ଦେଶରେ ଏକକ ନିର୍ବାଚନ ନୂଆ ନୁହେଁ। ୧୯୫୦ରେ ଭାରତୀୟ ସମ୍ବିଧାନ କାର୍ଯ୍ୟକାରୀ ହେବା ପରେ ଲୋକ ସଭା ଓ ସବୁ ରାଜ୍ୟ ବିଧାନସଭାର ନିର୍ବାଚନ ଏକକାଳୀନ କରାଯାଇଥିଲା। ୧୯୫୧ରୁ ୧୯୬୭ ପର୍ଯ୍ୟନ୍ତ ପ୍ରତି ୫ ବର୍ଷରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ ପାଇଁ ଦେଶବାସୀ ୧୯୫୨, ୧୯୫୭, ୧୯୬୨ ଓ ୧୯୬୭ରେ ଭୋଟ ଦେଇଥିଲେ। କେତେକ ନୂଆ ରାଜ୍ୟ ଗଠନ କରାଯିବା ପରେ ଅନ୍ୟ କିଛି ରାଜ୍ୟର ବିଧାନସଭାକୁ ୧୯୬୮-୬୯ରେ ଭଙ୍ଗ କରାଯାଇଥିଲା। ଏଥିସହ ଲୋକ ସଭା ଓ ବିଧାନସଭା ନିର୍ବାଚନ ପୃଥକ୍ ଭାବେ କରାଯାଇଥିଲା। ୧୯୮୩ରେ ନିର୍ବାଚନ କମିଶନ ନିଜ ବାର୍ଷିକ ରିପୋର୍ଟରେ ଏକକାଳୀନ ନିର୍ବାଚନ ପାଇଁ ପ୍ରସ୍ତାବ ଦେଇଥିଲେ। ୧୯୯୯ରେ ଲ' କମିଶନ ନିଜ ରିପୋର୍ଟରେ ଏହି ବିଷୟ ଉଲ୍ଲେଖ କରିଥିଲେ। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର କ୍ଷମତାକୁ ଆସିବା ପରେ 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ୨୦୧୮ରେ ଲ' କମିଶନ ଏହାର ସମର୍ଥନରେ ରିପୋର୍ଟ ଦେଇଥିଲେ।

### ୨୦୧୪ରେ ପ୍ରତିଶ୍ରୁତି ଦେଇଥିଲା ଭାଜପା

୨୦୧୪ ସାଧାରଣ ନିର୍ବାଚନ ବେଳେ ଭାଜପା ନିଜ ଇସ୍ତାହାରରେ ଏକକ ନିର୍ବାଚନ କରାଇବା ନେଇ ଏକ ପଦ୍ଧତି ବିକଶିତ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଇସ୍ତାହାର ପୃଷ୍ଠା ୧୪ରେ ଦଳ ଉଲ୍ଲେଖ କରିଥିଲା, ଭାଜପା ନିର୍ବାଚନୀ ସଂସ୍କାର ଆରମ୍ଭ କରିବା ପ୍ରତିଶ୍ରୁତିବଦ୍ଧ। ଭାଜପା ଅନ୍ୟ ପକ୍ଷମାନଙ୍କ ସହ ପୁଙ୍ଖାନୁପୁଙ୍ଖ ବିଚାରବିମର୍ଶ କରି ଲୋକ ସଭା ନିର୍ବାଚନ ସହ ରାଜ୍ୟ ବିଧାନସଭାଗୁଡ଼ିକର ଭୋଟ କରାଇବା ଉପରେ ପଦକ୍ଷେପ ନେବ। ଏହାଦ୍ୱାରା ଉଭୟ ରାଜନୈତିକ ଦଳଗୁଡ଼ିକର ଓ ସରକାରଙ୍କ ନିର୍ବାଚନୀ ଖର୍ଚ୍ଚ ହ୍ରାସ ପାଇବ। ଏଥିସହ ରାଜ୍ୟ ସରକାରଗୁଡ଼ିକର ସ୍ଥିରତା ସୁନିଶ୍ଚିତ କରାଯାଇପାରିବ।

### ମନ୍ତବ୍ୟ

ଏକ ଦେଶ, ଏକ ନିର୍ବାଚନକୁ ନେଇ ଭାଜପାର ଆସକ୍ତି ରହିଛି। ବିରୋଧୀ ଦଳଗୁଡ଼ିକ 'ଇଣ୍ଡିଆ' ବ୍ୟାନରରେ ଏକାଠି ହେବା ପରେ ଭାଜପା ଚିନ୍ତିତ ହୋଇପଡ଼ିଛି।
**-ଡି. ରାଜା, ସିପିଆଇ ସାଧାରଣ ସମ୍ପାଦକ**

ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ କରାଇବା ପାଇଁ ଉଠୁଥିବା ଦାବିରୁ ଧ୍ୟାନ ହଟାଇବା ପାଇଁ 'ଏକ ଦେଶ, ଏକ ନିର୍ବାଚନ' ଉଦ୍ୟମ ଆରମ୍ଭ ହୋଇଛି। ଆମେ ନିର୍ବାଚନରେ ସ୍ୱଚ୍ଛତା ଚାହୁଁଛୁ। ଏକକାଳୀନ ନିର୍ବାଚନ ଦରକାର ନାହିଁ।
**-ସଞ୍ଜୟ ରାଉତ୍, ଶିବସେନା ୟୁବିଟି ନେତା**

ଲୋକ ସଭା ଓ ବିଧାନସଭା ନିର୍ବାଚନ ଏକସଙ୍ଗେ କରାଇଲେ ଜନସାଧାରଣଙ୍କ ଟଙ୍କାର ଅତ୍ୟଧିକ ଅପବ୍ୟୟକୁ ରୋକାଯାଇପାରିବ। ଏଥିସହ ବାରମ୍ବାର ନିର୍ବାଚନ ପ୍ରକ୍ରିୟା ଓ ତଦ୍‌ଜନିତ କଟକଣା ଯୋଗୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସୃଷ୍ଟି ହେଉଥିବା ବାଧା ଦୂରହେବ।
**-ମୁଖତାର ଅବ୍ବାସ ନକ୍‌ଭି, ବରିଷ୍ଠ ଭାଜପା ନେତା**

ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏବେ କମିଟି ଗଢ଼ାହୋଇଛି। କମିଟି ରିପୋର୍ଟ ଆସିବା ପରେ ସେନେଇ ପାର୍ଲାମେଣ୍ଟ ଓ ସାଧାରଣରେ ଆଲୋଚନା ହେବ।
**-ପ୍ରହ୍ଲାଦ ଯୋଶୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ**

## ଦେବେଗୌଡ଼ାଙ୍କ ନାତିଙ୍କ ଏମ୍‌ପି ପଦ ରଦ୍ଦକଲେ କର୍ନାଟକ ହାଇକୋର୍ଟ



ପ୍ରଜ୍ୱାଲ ରେଭାନ୍ନା

**ବେଙ୍ଗାଲୁରୁ,୧୯**

ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ନାତି ତଥା ହାସନର ଜେଡିଏସ୍ ଏମ୍‌ପି ପ୍ରଜ୍ୱାଲ ରେଭାନ୍ନାଙ୍କ ନିର୍ବାଚନକୁ କର୍ନାଟକ ହାଇକୋର୍ଟ ଶୁକ୍ରବାର ଅବୈଧ ଘୋଷଣା କରିଛନ୍ତି। ତାଙ୍କ ନିର୍ବାଚନ ମଣ୍ଡଳୀର ଭୋଟର ଜି. ଦେବରାଜେଗୌଡ଼ା ଏବଂ ତତ୍କାଳୀନ ପରାଜିତ ଭାଜପା ପ୍ରାର୍ଥୀ ଏ. ମଞ୍ଜୁ ପ୍ରଜ୍ୱାଲଙ୍କ ବିରୋଧରେ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ପ୍ରଜ୍ୱାଲ ନିର୍ବାଚନରେ ଅସାଧୁ ଉପାୟ ଅବଲମ୍ବନ କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଷ୍ଟିସ କେ. ନଟରାଜନ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ଜେଡିଏସ୍‌ରୁ ଏକମାତ୍ର ପ୍ରାର୍ଥୀ ଭାବେ ପ୍ରଜ୍ୱାଲ ବିଜୟୀ ହୋଇଥିଲେ। ତାଙ୍କ ବିରୋଧରେ ଭାଜପା ଟିକେଟରେ ଲଢ଼ୁଥିବା ମଞ୍ଜୁ ହାରିଯିବା ପରେ ଜେଡିଏସ୍‌ରେ ଯୋଗଦେଇ ଏବେ ବିଧାୟକ ଅଛନ୍ତି। ପ୍ରଜ୍ୱାଲ ନିର୍ବାଚନରେ ଜାଲିଆତି କରିବା ସହ ସମ୍ପତ୍ତି ତାଲିକା ଦେଇନଥିବା ପିଟିଶନରେ ଦର୍ଶାଯାଇଥିଲା।



ବିକାନେର୍‌ର କର୍ନି ସିଂ ଷ୍ଟାଡିୟମରେ ରାଜୀବ ଗାନ୍ଧୀ ଗ୍ରାମୀଣ ଓ ସହରାଞ୍ଚଳ ଅଲିମ୍ପିକ୍ସ ୨୦୨୩ ଅବସରରେ ଶୁକ୍ରବାର ମହିଳା ପ୍ରତିଯୋଗୀମାନେ 'ଟଗ୍ ଅଫ୍ ୱାର' ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

## ଅବୈଧ ବିବାହରୁ ଜନ୍ମିତ ପିଲା ପୈତୃକ ସମ୍ପତ୍ତିରୁ ଭାଗ ପାଇବେ: ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ,୧୯**

ଅବୈଧ ବିବାହରୁ ଜନ୍ମିତ ପିଲା ତାଙ୍କ ମାଆବାପାଙ୍କ ସମ୍ପତ୍ତିରୁ ଭାଗ ପାଇବାକୁ ହକ୍‌ଦାର ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ଏଭଳି ବିବାହରୁ ଜନ୍ମିତ ପିଲା ବୈଧ ଓ ହିନ୍ଦୁ ଉତ୍ତରାଧିକାର ଆଇନ ଅନୁଯାୟୀ ସେମାନେ ପୈତୃକ ସମ୍ପତ୍ତିରେ ଅଧିକାର ଦାବି କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହା ଅଦାଲତଙ୍କ ପୂର୍ବ ରାୟକୁ ବଦଳାଇ ଦେଇଛନ୍ତି। ଅବୈଧ ବିବାହରୁ ହୋଇଥିବା ପିଲାଙ୍କର କେବଳ ସେମାନଙ୍କ ମାଆବାପାଙ୍କ ଦ୍ୱାରା ଅର୍ଜିତ ସମ୍ପତ୍ତିରେ ଅଧିକାର ରହିବ କିନ୍ତୁ ପୈତୃକ ସମ୍ପତ୍ତିରେ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ପୂର୍ବ ରାୟରେ କହିଥିଲେ। ୨୦୧୧ରେ ଦୁଇ ଜଣିଆ ଖଣ୍ଡପୀଠର ଏହି ରାୟ ବିରୋଧରେ ହୋଇଥିବା ଆବେଦନକୁ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଶୁଣାଣି କରିଥିଲେ। ହିନ୍ଦୁ ଆଇନ ଅନୁଯାୟୀ ବୈଧ ବିବାହରେ ପୁରୁଷ ଓ ମହିଳାଙ୍କୁ ସ୍ୱାମୀ ସ୍ତ୍ରୀର ମାନ୍ୟତା ମିଳିଥାଏ, ଯାହା ଅବୈଧ ବିବାହରେ ମିଳେ ନାହିଁ।

## ପୂର୍ବତନ ଏମ୍‌ପି ପ୍ରଭୁନାଥ ସିଂଙ୍କୁ ଆଜୀବନ ଜେଲ

**ଡବଲ ମର୍ଡର ମାମଲା**

**ନୂଆଦିଲ୍ଲୀ,୧୯(ପି.ଟି.)**

୧୯୯୫ ବିହାର ବିଧାନସଭା ନିର୍ବାଚନ ବେଳେ ସରନ ଜିଲାରେ ୨ ଜଣଙ୍କୁ ହତ୍ୟା ମାମଲାର ବିଚାରକରି ସୁପ୍ରିମକୋର୍ଟ ଶୁକ୍ରବାର ପୂର୍ବତନ ଲୋକ ସଭା ସଦସ୍ୟ ପ୍ରଭୁନାଥ ସିଂଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହା ବ୍ୟତୀତ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ ଏବଂ ଆହତଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଜଷ୍ଟିସ ସଞ୍ଜୟ କିଷନ କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମହାରାଜଗଞ୍ଜର ପୂର୍ବତନ ଏମ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଅଗଷ୍ଟ ୧୮ରେ ଖଣ୍ଡପୀଠ ପାଟନା ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେବା ସହ ପ୍ରଭୁନାଥଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

## ଚାଇନାର ନୂଆ ମାନଚିତ୍ରକୁ ଆଉ ୪ ଦେଶର ବିରୋଧ




**ନୂଆଦିଲ୍ଲୀ,୧୯**

ଚାଇନାର ନୂଆ ମାନଚିତ୍ରକୁ ଭାରତ ବିରୋଧ କରିବା ପରେ ଏବେ ମାଲେସିଆ, ଫିଲିପାଇନ୍ସ, ତାଇୱାନ ଏବଂ ଭିଏତ୍‌ନାମ ମଧ୍ୟ ଏହାକୁ ଭିତ୍ତିହୀନ ମାନଚିତ୍ର କହି କଡ଼ା ସମାଲୋଚନା କରିଛନ୍ତି। ନୂଆ ମାନଚିତ୍ରରେ ଦକ୍ଷିଣ ଚାଇନା ସାଗର ଏବଂ ଅନ୍ୟ କେତେକ ବିବାଦୀୟ ଅଞ୍ଚଳକୁ ଚାଇନାର ସାର୍ବଭୌମ ଭୂଖଣ୍ଡ ଭାବେ ଦର୍ଶାଯାଇଛି। ଏହି ବିବାଦୀୟ ମାନଚିତ୍ରରେ ଭାରତର ଅରୁଣାଚଳପ୍ରଦେଶ, ଡୋକଲାମ ସମେତ ଅକ୍ସାଇ ଚୀନ୍‌କୁ ଚାଇନାର ଅଂଶ ଭାବେ ଦେଖାଯାଇଛି। ସେହିପରି ଉତ୍ତରପୂର୍ବରେ ଥିବା ରୁଷିଆର ବୋଲଶୋଏ ଉସୁରିସ୍କି ଆଇଲାଣ୍ଡକୁ ଚାଇନା ନିଜର ବୋଲି ନୂଆ ମାନଚିତ୍ରରେ ଦର୍ଶାଇଛି।

### ସାର୍ବଭୌମତ୍ୱର ଉଲ୍ଲଂଘନ: ଭିଏତ୍‌ନାମ

ଭିଏତ୍‌ନାମର ସ୍ପ୍ରାଟ୍‌ଲି ଏବଂ ପରାସେଲ୍ ଆଇଲାଣ୍ଡ ସମେତ ଏହାର ଜଳରାଶିକୁ ଚାଇନା ନିଜର ବୋଲି ଦର୍ଶାଇଥିବାରୁ ସାର୍ବଭୌମତ୍ୱର ଉଲ୍ଲଂଘନ ହୋଇଥିବା ହାନୋଇ ଅଭିଯୋଗ କରିଛି। ମ୍ୟାପ୍‌ର ନାଇନ୍-ଡଟେଡ୍ ଲାଇନ ଉପରେ ଚାଇନାର ସାର୍ବଭୌମତ୍ୱ ଓ ସାମୁଦ୍ରିକ ଅଧିକାର ଅବୈଧ ବୋଲି ଭିଏତ୍‌ନାମ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଦକ୍ଷିଣ ଚାଇନା ସାଗରରେ ଚାଇନାର ସମ୍ପ୍ରସାରଣ ଦାବିକୁ ଫିଲିପାଇନ୍ସ ସ୍ୱୀକୃତି ଦେବ ନାହିଁ ବୋଲି କହିଛି। ସେହିପରି ମାଲେସିଆ ଏବଂ ତାଇୱାନ ସରକାର ସେମାନଙ୍କ ଅଞ୍ଚଳ ଉପରେ ବେଜିଂର ଦାବିକୁ କଡ଼ା ଶବ୍ଦରେ ସମାଲୋଚନା କରିଛନ୍ତି। ନୂଆ ମ୍ୟାପ୍ ସମ୍ପର୍କରେ ଗତ ବୁଧବାର ବେଜିଂରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ କହିଥିଲେ, ପ୍ରାସଙ୍ଗିକ ପକ୍ଷମାନେ ଅତ୍ୟଧିକ ବ୍ୟାଖ୍ୟା କରିବାରୁ ନିବୃତ୍ତ ରହିବା ତାଙ୍କ ସରକାର ଆଶା କରନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଦିପେଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜି ଭାରତ ବନାମ ପାକିସ୍ତାନ

**ପାଲିକେଲେ, ୧୯ (ପି.ଟି.)**

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷ ମ୍ୟାଚ ସବୁବେଳେ ଚର୍ଚ୍ଚାରେ ରହିଥାଏ। ଏଥର ମଧ୍ୟ ଏହି ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିଛି। ଏଥିରେ ମୁଖ୍ୟତଃ ଭାରତର ଟପ୍-୩ ବ୍ୟାଟର ରୋହିତ ଶର୍ମା, ଶୁବମନ ଗିଲ୍, ବିରାଟ କୋହଲି ଏବଂ ପାକିସ୍ତାନର ପେସ୍ ତ୍ରୟ ହାରିସ ରୌଫ, ଶାହିନ ଶାହା ଆଫ୍ରିଦୀ ଓ ନସିମ ଶାହାଙ୍କ ମଧ୍ୟରେ ମୁକାବିଲା ହେବ। ଆଗକୁ ଦିନିକିଆ ବିଶ୍ୱକପ୍ ଆସୁଥିବାରୁ ଏହି ମ୍ୟାଚ ଉତ୍ତମ ଡ୍ରେସ ରିହର୍ସାଲଠାରୁ ଆହୁରି ଅଧିକ କିଛି ହେବ। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଗତ ଟି୨୦ ବିଶ୍ୱକପ୍‌ରେ ରୌଫଙ୍କ ବଲ୍‌ରେ ପରାସ୍ତ ହୋଇଥିଲେ ରୋହିତ। ତେଣୁ ଆଗାମୀ ମ୍ୟାଚରେ ଏହାର ଜବାବ ଦେବା ପାଇଁ ତାଙ୍କ ନିକଟରେ ସୁଯୋଗ ରହିବ। ଏସିଆ କପ୍ ଏଥର ୫୦ ଓଭର ଫର୍ମାଟକୁ ଫେରିଛି। ତେଣୁ ଅଂଶଗ୍ରହଣକାରୀ ୬ ମଧ୍ୟରୁ ୫ ଦଳ ଏଥିରେ ଭଲଭାବେ ନିଜକୁ ପ୍ରସ୍ତୁତ କରିପାରିବେ।

ଭାରତ-ପାକିସ୍ତାନ ମ୍ୟାଚ ବର୍ଷା ଯୋଗୁ ପ୍ରଭାବିତ ହୋଇପାରେ ବୋଲି ପୂର୍ବାନୁମାନ ରହିଛି। ତେବେ ଶାହିନ, ରୌଫ ଏବଂ ନସିମଙ୍କ ବିପକ୍ଷରେ ରୋହିତ, ଗିଲ୍ ଓ କୋହଲି ବିସ୍ଫୋରକ ବ୍ୟାଟିଂ ପାଇଁ ପ୍ରସ୍ତୁତ ଥିବେ ବୋଲି ଭାରତୀୟ ପ୍ରଶଂସକ ଆଶାରେ ରହିଛନ୍ତି। ଓଭରକାଷ୍ଟ କଣ୍ଡିଶନରୁ ପାକିସ୍ତାନ ଦ୍ରୁତ ବୋଲର ନିଶ୍ଚିତ ଫାଇଦା ଉଠାଇବାକୁ ଚାହିଁବେ। ବିଶେଷ କରି ପାୱାରପ୍ଲେରେ ଭାରତର ଟପ୍-୩ ସେଟ୍ ହେବା ପୂର୍ବରୁ ସେମାନେ ମ୍ୟାଚକୁ ନିୟନ୍ତ୍ରଣକୁ ନେବା ଆଶାରେ ରହିବେ। ଉଭୟ ଭାରତ ଓ ପାକିସ୍ତାନୀ ମିଡିଲ ଅର୍ଡରଙ୍କ ଉପରେ ମଧ୍ୟ ଗୁରୁଦାୟିତ୍ୱ ରହିବ। ଲୋକେଶ ରାହୁଲ ଅତିକମ୍‌ରେ ଏସିଆ କପ୍‌ର ପ୍ରଥମ ୨ଟି ମ୍ୟାଚ ଖେଳିପାରିବେ ନାହିଁ। ଏହା ଭାରତ ପାଇଁ ଚିନ୍ତାର କାରଣ ହୋଇଛି। ଭାରତ ଉଇକେଟକିପର ଇଶାନ କିଶନଙ୍କୁ ମିଡିଲ ଅର୍ଡରରେ ଖେଳାଇପାରେ। ମାତ୍ର ଏ ପର୍ଯ୍ୟନ୍ତ ୪ ଓ ୫ ନମ୍ବର ପୋଜିଶନ ପାଇଁ କିଛି ଚୂଡ଼ାନ୍ତ ହୋଇନାହିଁ। କିଶନ ବାମହାତୀ ବ୍ୟାଟର ହୋଇଥିବାରୁ ଭାରତୀୟ ଲାଇନ୍‌ଅପ୍‌ରେ ବିବିଧତା ରହିପାରିବ। ମାତ୍ର ଏହି ଝାଡ଼ଖଣ୍ଡ ଷ୍ଟମ୍ପର ଭାରତ ପକ୍ଷରୁ କେବେହେଲେ ୫ ନମ୍ବର ସ୍ଥାନରେ ବ୍ୟାଟିଂ କରିନାହାନ୍ତି। ମିଡିଲ ଅର୍ଡରରେ ତାଙ୍କ ଆଭରେଜ ୨୨.୭୫ ରହିଛି। ତେଣୁ ସୁଯୋଗ ମିଳିଲେ ତାଙ୍କୁ ପରିସ୍ଥିତି ଅନୁସାରେ ବ୍ୟାଟିଂ କରିବାକୁ ପଡ଼ିବ।

ଅନ୍ୟପକ୍ଷରେ ପାକିସ୍ତାନ ଦଳରେ ଆହତ ସମସ୍ୟାକୁ ନେଇ କୌଣସି ଚିନ୍ତା ନାହିଁ। ତେବେ ନିକଟ ଅତୀତରେ ଅଧିକ ଦିନିକିଆ ନ ଖେଳିବା ଦଳ ପାଇଁ ଚିନ୍ତାର କାରଣ ହୋଇପାରେ। ୨୦୧୯ ବିଶ୍ୱକପ୍‌ଠାରୁ 'ଗ୍ରୀନ୍ ବ୍ରିଗେଡ' ଦଳ ମାତ୍ର ୨୯ଟି ଦିନିକିଆ ଖେଳିବାକୁ ସୁଯୋଗ ପାଇଛି। ସେହି ତୁଳନାରେ ଭାରତ ୫୭ଟି ମ୍ୟାଚ ଖେଳି ସାରିଛି। ୨୯ ମ୍ୟାଚ ମଧ୍ୟରୁ ପାକିସ୍ତାନ ଚଳିତ ବର୍ଷ ୧୨ଟି ମ୍ୟାଚ ଖେଳିଛି। ଦଳର ଟପ୍-୩ ଅଧିନାୟକ ବାବର ଆଜମ (୬୮୯ ରନ), ଫଖର ଜମନ (୫୯୩) ଓ ଇମାମ-ଉଲ୍-ହକ୍ (୩୬୧) ପ୍ରଭାବୀ ବ୍ୟାଟିଂ କରିବାରେ ସକ୍ଷମ ହୋଇଛନ୍ତି। ମାତ୍ର ୪ରୁ ୬ ନମ୍ବରକୁ ନେଇ ଦଳ ସମସ୍ୟାରେ ରହିଛି। ଉସାମା ମିର୍, ସୌଦ ଶକିଲ ଓ ଆଘା ସଲମାନଙ୍କ ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ୪ ନମ୍ବର ସ୍ଥାନରେ ମହମ୍ମଦ ରିଜୱାନ ମଧ୍ୟ ବିଫଳ ହୋଇଛନ୍ତି। ୭ ନମ୍ବର ଇଫତିଖାର ଅହମଦ ଓ ୮ ନମ୍ବର ଶାଦବ ଖାଁ ଭଲ ବ୍ୟାଟିଂ କରନ୍ତୁ ବୋଲି ପାକିସ୍ତାନ ନିଶ୍ଚିତ ଚାହିଁବ। ନେପାଳ ବିପକ୍ଷ ମ୍ୟାଚରେ ବ୍ୟାଟିଂ ପ୍ରମୋଶନ ପାଇଥିବା ଇଫ୍‌ତିଖାର କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିବାରେ ସକ୍ଷମ ହୋଇଥିଲେ। ଗତ ସପ୍ତାହରେ ଆଫ୍‌ଗାନିସ୍ତାନ ବିପକ୍ଷରେ ଶାଦବ ଉପଯୋଗୀ ୪୮ ରନ କରିବାରୁ ପାକିସ୍ତାନ ହାମ୍ବନତୋଟାରେ ରୋମାଞ୍ଚକଭାବେ ୧ ଉଇକେଟରେ ବିଜୟୀ ହେବା ସମ୍ଭବ ହୋଇଥିଲା।

ମିଡିଲ ଅର୍ଡର ସମସ୍ୟାକୁ ନେଇ ଭାରତ ଓ ପାକିସ୍ତାନ ଦଳ ସମାନ ସ୍ଥିତିରେ ରହିଛନ୍ତି। ବୋଲିଂ କ୍ଷେତ୍ରରେ ପାକିସ୍ତାନ ପଲା ସାମାନ୍ୟ ଭାରି ଥିବାପରି ଜଣାପଡୁଛି। ଯଶପ୍ରୀତ୍ ବୁମ୍‌ରା ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ପ୍ରତ୍ୟାବର୍ତ୍ତନରେ ଭାରତର ଦ୍ରୁତ ବୋଲିଂ ବିଭାଗ ଶାଣିତ ହୋଇଛି। ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ଦୁହେଁ ଭଲ ବୋଲିଂ କରିଥିଲେ। ମାତ୍ର ସେମାନେ ୫୦ ଓଭର କ୍ରିକେଟରେ କିପରି ପ୍ରଦର୍ଶନ କରୁଛନ୍ତି ତା' ଉପରେ ନିଶ୍ଚିତ ମ୍ୟାନେଜମେଣ୍ଟର ନଜର ରହିବ। ପାକିସ୍ତାନ ବିପକ୍ଷରେ ମହମ୍ମଦ ଶାମିଙ୍କ ଅଭିଜ୍ଞତାକୁ ଉପଯୋଗ କରାଯାଇପାରେ। ଭାରତ ବୁମ୍‌ରା, ଶାମି ଓ ମହମ୍ମଦ ସିରାଜଙ୍କୁ ନେଇ ପଡ଼ିଆକୁ ଓହ୍ଲାଇପାରେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୪ର୍ଥ ସିମରଭାବେ ବ୍ୟବହାର କରାଯାଇପାରିବ। ଅନ୍ୟପକ୍ଷରେ ପାକିସ୍ତାନର ପେସ୍ ତ୍ରୟ ଶାହିନ, ନସିମ ଓ ରୌଫ ଚଳିତ ବର୍ଷ ୪୯ ଉଇକେଟ ନେଇ ସାରିଛନ୍ତି। ରୌଫ ୧୦ ମ୍ୟାଚରୁ ୧୭ ଉଇକେଟ ନେଇ ଏମାନଙ୍କ ମଧ୍ୟରେ ଆଗରେ ରହିଛନ୍ତି। ପାଲିକେଲେ ଷ୍ଟାଡିୟମର ପିଚ୍ ବୋଲରଙ୍କୁ ସୁହାଇବ। ତେଣୁ ଏହା ଭାରତୀୟ ବ୍ୟାଟରଙ୍କ ପାଇଁ ପରୀକ୍ଷା ସଦୃଶ ହେବ। ସ୍ପିନରଙ୍କ ପ୍ରସଙ୍ଗରେ ଭାରତ ରବୀନ୍ଦ୍ର ଜାଡେଜାଙ୍କୁ ନେଇ ଖେଳିବା ଏକପ୍ରକାର ନିଶ୍ଚିତ। କୁଲଦୀପ ଯାଦବ ଓ ଅକ୍ଷର ପଟେଲଙ୍କ ନାମ ମଧ୍ୟ ବିଚାରକୁ ନିଆଯିବ। କୁଲଦୀପ ଚଳିତ ବର୍ଷ ଦିନିକିଆରେ ୧୧ ମ୍ୟାଚରୁ ସର୍ବାଧିକ ୨୨ଟି ଉଇକେଟ ନେଇଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ଲେଗ ସ୍ପିନର ଶାଦବଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ ନିଶ୍ଚିତ। ସେ ଚଳିତ ବର୍ଷ ୮ ମ୍ୟାଚରୁ ୧୧ ଉଇକେଟ ନେଇ ସାରିଛନ୍ତି।



ଶୁକ୍ରବାର ଅଭ୍ୟାସ ଅବସରରେ ଏକ ବିଶେଷ ମୁହୂର୍ତ୍ତରେ ପାକିସ୍ତାନର ହାରିସ ରୌଫ ଓ ଭାରତର ବିରାଟ କୋହଲି।

ASIA CUP

**ମ୍ୟାଚ ସ୍ଥାନ: ପାଲିକେଲେ**
**ମ୍ୟାଚ୍ ସମୟ: ଅପରାହ୍ନ ୩.୦୦**
**ପ୍ରସାରଣ:ଷ୍ଟାର ସ୍ପୋର୍ଟ୍ସ**

# ଆନନ୍ଦଙ୍କୁ ହଟାଇ ଗୁକେଶ ଭାରତର ନମ୍ବର ୱାନ୍

**ଚେନ୍ନାଇ, ୧୯ (ପି.ଟି.)**

କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କୁ ହଟାଇ ସ୍ୱଳ୍ପ ବୟସ୍କ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଭାରତର ଟପ୍ ଚେସ୍ ଖେଳାଳି ହୋଇଛନ୍ତି। ଆନନ୍ଦ ୧୯୮୬ ଜୁଲାଇରୁ ଏପର୍ଯ୍ୟନ୍ତ ଭାରତର ନମ୍ବର ୱାନ ଖେଳାଳି ରହି ଆସିଥିଲେ। ନିକଟରେ ବାକୁଠାରେ ଫିଡେ ବିଶ୍ୱକପ୍ କ୍ୱାର୍ଟରଫାଇନାଲରେ ମାଗ୍ନସ କାର୍ଲସେନଙ୍କଠାରୁ ପରାଜିତ ହୋଇଥିବା ଚେନ୍ନାଇର ୧୭ବର୍ଷୀୟ ଗ୍ରାଣ୍ଡମାଷ୍ଟର ଗୁକେଶ ଆନନ୍ଦଙ୍କ ଆଗରେ ବିଶ୍ୱର ୮ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ହୋଇପାରିଛନ୍ତି। ଫିଡେ ରେଟିଂରେ ସେ ପ୍ରଥମ ଥର ଟପ୍-୧୦ରେ ପ୍ରବେଶ କରିଛନ୍ତି। ୫ଥର ବିଶ୍ୱ ଚାମ୍ପିୟନ ଆନନ୍ଦ ବର୍ତ୍ତମାନ ର୍‍ୟାଙ୍କିଙ୍ଗ ତାଲିକାର ୯ମ ସ୍ଥାନରେ ଅଛନ୍ତି। ଶୁକ୍ରବାର ସୁଦ୍ଧା ଫିଡେ ରେଟିଂରେ ଗୁକେଶଙ୍କ ପଏଣ୍ଟ ସଂଖ୍ୟା ୨୭୫୮ ରହିଥିବା ବେଳେ ଆନନ୍ଦଙ୍କର ୨୭୫୪ ରହିଛି। ଅଗଷ୍ଟ ୧ ପରଠାରୁ ଗୁକେଶ ରେଟିଂ ତାଲିକାରେ ୩ ସ୍ଥାନ ପଦୋନ୍ନତି ପାଇଛନ୍ତି। ଅନ୍ୟ ଜଣେ ସ୍ୱଳ୍ପ ବୟସ୍କ ଚେସ୍ ପ୍ରତିଭା ଆର. ପ୍ରଜ୍ଞାନନ୍ଦ ୨୭୨୭ ରେଟିଂ ପଏଣ୍ଟ ସହ ତାଲିକାରେ ୧୯ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଗୁକେଶ ଓ ଆନନ୍ଦଙ୍କ ପଛକୁ ସେ ବର୍ତ୍ତମାନ ଭାରତର ୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି। ବର୍ତ୍ତମାନ ଭିଦିତ ସନ୍ତୋଷ ଗୁଜରାଠୀ (୨୭ ନମ୍ବର) ଓ ଅର୍ଜୁନ ଏରିଗାଇସି (୨୯ନମ୍ବର)ଙ୍କ ସମେତ ୫ ଭାରତୀୟ ଟପ୍ ୩୦ ମଧ୍ୟରେ ରହିଛନ୍ତି। ଅଭିଜ୍ଞ ପି. ହରିକ୍ରିଷ୍ଣା ବିଶ୍ୱ ର୍‍ୟାଙ୍କିଙ୍ଗ ତାଲିକାର ୩୧ତମ ସ୍ଥାନରେ ଅଛନ୍ତି। ବାକୁଠାରେ ବିଶ୍ୱକପ୍ ବେଳେ ଗୁକେଶ ର୍‍ୟାଙ୍କିଙ୍ଗରେ ତାଙ୍କ ଆଦର୍ଶ ଓ ମେଣ୍ଟରଙ୍କୁ ଅତିକ୍ରମ କରିଯାଇଥିଲେ। ୧୯୮୬ ଜୁଲାଇ ୧ରୁ ଭାରତର ଏକ ନମ୍ବର ଖେଳାଳି ରହିଥିବା ଆନନ୍ଦ ୩୭ ବର୍ଷ ପରେ ପ୍ରଥମ ସ୍ଥାନ ହରାଇଛନ୍ତି।



ଡି. ଗୁକେଶ



ବର୍ମିଂହାମରେ ଅନୁଷ୍ଠିତ ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ଭାରତୀୟ ଦଳର ୪ ସଦସ୍ୟ ଫୁଲ ସୋରେନ, ବାସନ୍ତୀ ହାଁସଦା, ଝିଲି ବିରୁଆ ଓ ପଦ୍ମିନୀ ଟୁଡୁ ଶୁକ୍ରବାର ପ୍ରତ୍ୟାବର୍ତ୍ତନ କରିବାପରେ ଭୁବନେଶ୍ୱରରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ବିମାନବନ୍ଦରରେ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ସାମାଜିକ ସୁରକ୍ଷା ଏବଂ ସଶକ୍ତୀକରଣ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ। **(ଫଟୋ: ମୋନରଞ୍ଜନ ମିଶ୍ର)**

# ମଦର୍ସ କ୍ଲବର ବୃହତ୍ ବିଜୟ

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଲିଗ୍‌ରେ ଶୁକ୍ରବାର ମଦର୍ସ ଫୁଟବଲ କ୍ଲବ ବୃହତ୍ ବିଜୟ ଲାଭ କରିଛି। ଏହି ଦଳ ୮-୧ରେ ହସିନା ଫୁଟବଲ କ୍ଲବକୁ ହରାଇ ଦେଇଛି। ମ୍ୟାଚର ୧୦ ମିନିଟରେ ପରେଶ ବେହେରା ଓ ୨୪ ମିନିଟରେ ବିଶ୍ୱଜିତ ମଲିକ ଗୋଟିଏ ଲେଖାଏ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ମଦର୍ସକୁ ୨-୦ ଗୋଲରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ମଦର୍ସ ପକ୍ଷରୁ ସୋନମ ଜାଙ୍ଗପୋ ୪୮, ପ୍ରିତିଶ ପଟ୍ଟନାୟକ ୫୦, ଏସ. ହୁରେରା ୫୨ ଓ ୬୪ ଏବଂ ରୋହିତ ଶୈଶ ୫୮ ଓ ୬୮ତମ ମିନିଟରେ ଗୋଲ ସ୍କୋର କରିଥିଲେ। ହସିନା କ୍ଲବର ପି.କେ. ବିଶ୍ୱାଳ ୫୬ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ବିଜୟୀ ଦଳର ସୋନମ ଜାଙ୍ଗପୋ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ ଆସୋସିଏଶନର ଅନ୍ୟତମ ସଦସ୍ୟ ତଥା ପ୍ରତିଷ୍ଠିତ ଫିଜିଓ ମୁକ୍ତି ପ୍ରସାଦ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜୟ ମଙ୍ଗରାଜ, ସକାଓତ ଖାଁ, ଆଲୋକ ଦେହୁରୀ ମ୍ୟାଚ ପରିଚାଳନା କରିଥିଲେ। ୪ର୍ଥ ରେଫରି ଥିଲେ ନଳିନୀକାନ୍ତ ନାୟକ। ଟୁର୍ନାମେଣ୍ଟରେ ୩ ମ୍ୟାଚରୁ ମଦର୍ସ କ୍ଲବର ଏହାଥିଲା ପ୍ରଥମ ବିଜୟ। ଗ୍ରୁପ୍ 'ବି'ରେ ୟୁନାଇଟେଡ ୟୁଥ୍ ସ୍ପୋର୍ଟ୍ସ କ୍ଲବ ୩ ମ୍ୟାଚରୁ ୯ ପଏଣ୍ଟ ପାଇ ଶୀର୍ଷରେ ରହିଛି।



ସୋନମ ଜାଙ୍ଗପୋ ପୁରସ୍କାର ଗ୍ରହଣ କରୁଛନ୍ତି।





ଶ୍ରୀଲଙ୍କାର ପାଲିକେଲେରେ ଭାରତ-ପାକିସ୍ତାନ ଏସିଆ କପ୍ କ୍ରିକେଟ ମ୍ୟାଚ ପୂର୍ବରୁ ଶୁକ୍ରବାର ଅହମଦାବାଦରେ ଉଭୟ ଦଳର ଦୁଇ ପ୍ରଶଂସକ।

# ଜୁରିଚ୍‌ରେ ରୌପ୍ୟ ଜିତିଲେ ନୀରଜ

**ଜୁରିଚ୍, ୧୯ (ପି.ଟି.):** ନୂଆ ବିଶ୍ୱ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର ଭାରତର ନୀରଜ ଚୋପ୍ରା ଏଠାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍ ମିଟିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ପଦକ ଲାଭ କରିଛନ୍ତି। ସେ ଫାଇନାଲ ରାଉଣ୍ଡରେ ୮୫.୭୧ ମିଟର ଥ୍ରୋ କରିଥିଲେ। ୨୫ ବର୍ଷୀୟ ଚୋପ୍ରା ହେଉଛନ୍ତି ଅଲିମ୍ପିକ ଚାମ୍ପିୟନ। ଇଭେଣ୍ଟରେ ତାଙ୍କର ତିନୋଟି ଲିଗାଲ ଥ୍ରୋ ୮୦.୭୯ମିଟର, ୮୫.୨୨ମିଟର ଓ ୮୫.୭୧ ମିଟର ରହିଥିଲା। ଅବଶିଷ୍ଟ ତିନୋଟି ତାଙ୍କର ଫାଉଲ ସାବ୍ୟସ୍ତ ହୋଇଥିଲା। ସେ ଚାକବ ଭାଡ୍‌ଲିଚ୍ (୮୫.୮୬ ମିଟର)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଭାଡ୍‌ଲିଚ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଗୁରୁବାର ଇଭେଣ୍ଟ ପରେ ଭାରତର ଏହି ଚାମ୍ପିୟନ ଥ୍ରୋୟର କହିଛନ୍ତି, ବର୍ତ୍ତମାନ ଶାରୀରିକ ଭାବେ ସୁସ୍ଥ ଅଛନ୍ତି।

**Classified Everyday**
**0674-2580101, 2549949**



REAL ESTATE

SALE

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146

Well Developed Gharabari plot for sale at Uttampur near Meeras courtyard Brahmanjharilo adjacent to Nakhara- Niali state highway.Contact: 7008815552, 6370682281. D-73396

ଭୁବନେଶ୍ୱର ପାହାଳ NH ପାଖରେ developed yellowzone plot boundary, road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 6370354458. D-75207

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-74899

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

3BHK Semi furnished flat sale at Jharpada, Bhubaneswar 80' feet road side. Contact: 9437307086. D-1184

**PURCHASE**

ପୁରୁଣା 2/3BHK ଫ୍ଲାଟ୍ କିଣିବାକୁ ଚାହୁଁଛି। ଇଚ୍ଛୁକ ଘରମାଲିକ ଯୋଗାଯୋଗ କରନ୍ତୁ। 7653898752. D-74310





Relax, Refresh your body, Mind at Saikrupa Spa with best therapies. 8984068077. D-1190

Full body massage in homely atmosphere in all therapy. Mob: 8114881641. D-73442

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75030

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

Newly open spa positively health benefits with expert therapist. 9938843929. D-75145

Spa Kerala body Massage only best Therapist @699/- Bhubaneswar. 9337672475. D-1199

**LOST**

I have lost my B-tech Certificate in Jagatsinghpur busstand dt. 28-08-2023, If found kindly contact Durlav Prasad Nayak, At-PO/ Jagatsingpur, Sanabazar, Medplus Upstair @9090295378. D-1200

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**AFFIDAVIT**

By virtue of an affidavit sworn before the Executive Magistrate Khordha date 29.08.2023 I Rojalini Rayapitam, W/o- Maheswar Arisal, Vill/Post: Kaipadar, Dist.- Khordha, Odisha declare that I have changed my surname from Rojalini Rayapitam to Rojalini Arisal. Henceforth I shall be known as Rojalini Arisal for all purposes.
Sd./- Rojalini Arisal
D-1195

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Pranati Kumari Raj, D/o- Prafulla Kumar Raj, Wife of Chandrakanta Das resident of Qr. No.-IV-40 Delta A Colony, Baramunda, Bhubaneswar-751003, Khurda, Odisha declare by this affidavit No.-74 dtd. 31.08.2023 that now onwards I shall be known as PRANATI DAS for all future purposes. D-1201

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଶ୍ରଦ୍ଧାଞ୍ଜଳି**



**୰ଯୁଧିଷ୍ଠିର ଦାସ (ଦ୍ୱିଜ ଭାଇ)**
କଳିଙ୍ଗ ବିହାର, ଭୁବନେଶ୍ୱର
ଅଲିଶା ବଜାର, ମଙ୍ଗଳା ସାହି, କଟକ
ଆବିର୍ଭାବ: ୦୨।୦୪।୧୯୪୭
ତିରୋଧାନ: ୨୩।୦୮।୨୦୨୩
ବାପା, ତୁମ ଭାଇଚାରା, ଭଲ ପାଇବା ଓ ସଭିଙ୍କୁ ଆପଣାର କରି ନେବାର କଳା ଆମ ପାଇଁ ପ୍ରେରଣା। ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି କାମନା।
ଶୋକସନ୍ତପ୍ତ: ଝିଅ, ଜ୍ୱାଇଁ, ପୁଅ, ବୋହୂ, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୯୪

# ଲେଖକଟିଏ ଜୀବନକୁ ଧରି ଚାଲିଥାଏ, କୁଆଡ଼େ ତା' ଲେଖା ତାକୁ ନେଇଯାଉଚି

-ଜୟନ୍ତ ମହାପାତ୍ର

ଜୟନ୍ତ ମହାପାତ୍ରଙ୍କ ଜନ୍ମ ୨୨ ଅକ୍ଟୋବର ୧୯୨୮ରେ, କଟକରେ। ପାଟ୍ନା ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର। ବିଭିନ୍ନ ସରକାରୀ କଲେଜରେ ପଦାର୍ଥ ବିଜ୍ଞାନ ବିଭାଗରେ ଅଧ୍ୟାପନା ପରେ ୧୯୮୬ରେ ରେଭେନ୍ସା କଲେଜରୁ ସେବାନିବୃତ୍ତ। ଇଂଲିଶ୍ କବିତାଗ୍ରନ୍ଥ 'A Rain of Rites', 'Relationship', 'Life Signs', 'Temple' ଓ 'Bare Face' ସାଙ୍ଗକୁ ଓଡ଼ିଆ କବିତା ଗ୍ରନ୍ଥ 'ବଳି', 'କହିବି ଗୋଟିଏ କଥା', 'ବାୟା ରଜା' ଓ 'ଟିକିଏ ଛାଇ'ର ଏହି ଉଜ୍ଜ୍ୱଳ ସ୍ରଷ୍ଟାଙ୍କର ଏକମାତ୍ର ଗଳ୍ପଗ୍ରନ୍ଥ ହେଉଛି 'The Green Gardener'. ପ୍ରଥମ ଇଂଲିଶ୍ କବି ଭାବେ 'ସାହିତ୍ୟ ଅକାଦେମୀ ପୁରସ୍କାର' (୧୯୮୧) ପ୍ରାପ୍ତ ଜୟନ୍ତ ୨୦୧୯ରେ ଅକାଦେମୀର ସର୍ବୋଚ୍ଚ ସମ୍ମାନ 'ଫେଲୋ' (ମହତ୍ତର ସଦସ୍ୟ) ଭାବେ ଗୌରବଦୀପ୍ତ ଏବଂ ୨୦୦୯ରେ 'ପଦ୍ମଶ୍ରୀ' ସମ୍ମାନରେ ଭୂଷିତ। 'ଗଙ୍ଗାଧର ମେହେର ଜାତୀୟ ପୁରସ୍କାର' ଓ 'ଉପେନ୍ଦ୍ର ଭଞ୍ଜ ଜାତୀୟ କବିତା ସମ୍ମାନ' ଓଡ଼ିଆ ତଥା ଭାରତୀୟ ସାହିତ୍ୟକୁ ତାଙ୍କ ବିରଳ ଅବଦାନର ସ୍ୱୀକୃତି। କ୍ଷୁଧା, ଦାରିଦ୍ର୍ୟ, ଯୌନତା ଓ ଆଧ୍ୟାତ୍ମିକତା, ସତ୍ତା ଓ ଶାଶ୍ୱତ, ସଂସ୍କୃତି ବନାମ ମିଥ୍, ପ୍ରକୃତି ଓ ମାନବିକତା ତାଙ୍କ କବିତାର ପ୍ରମୁଖ ପ୍ରସଙ୍ଗ। 'ଶ୍ରେଷ୍ଠ ଭଲ କବିତାର କବି' ଭାବେ ଆମେରିକୀୟ ପତ୍ରିକା 'ଦ ସିୱାନୀ ରିଭ୍ୟୁ' ଦ୍ୱାରା ୨୦୦୯ରେ ଓ 'ଆଧୁନିକ ଯୁଗର ସବୁଠୁ ବଡ଼ ଭାରତୀୟ କବି' ଭାବେ 'ସାର୍କ' ପୁସ୍ତିକା ଦ୍ୱାରା ୨୦୧୦ରେ ସେ ମହିମାନ୍ୱିତ। ବିଶ୍ୱବିଦିତ ଏହି କବିଙ୍କର ପରଲୋକ ହୁଏ ୨୭ ଅଗଷ୍ଟ ୨୦୨୩ରେ, ୯୫ ବର୍ଷ ବୟସରେ। ତାଙ୍କରି ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାର୍ଘ୍ୟ ସ୍ୱରୂପ 'ପାହିନି ରାତି' (ଆତ୍ମଜୀବନୀ)ରୁ କିୟଦଂଶ ଓ ଗୋଟିଏ ବହୁ ପଠିତ କବିତା ଏଥରର 'ସାହିତ୍ୟାୟନ'ରେ ନିବେଦିତ...

ଉପସ୍ଥାପନା: ଡ. ହୃଷୀକେଶ ମଲ୍ଲିକ

## ପ୍ରଦକ୍ଷିଣ

୧୯୭୧ର ପୂଜା ବେଳକୁ ଦୁଇଟି ବହି ପ୍ରକାଶ ପାଇଲା। ମତେ ତେୟାଳିଶ ବର୍ଷ ହେଇଥିଲା। ଏତେ ପରିଣତ ବୟସରେ କବିତା ଲେଖା ଶେଷ ହେଇ ଆସେ। ଅଥଚ ମୁଁ କଟକରୁ ମୋ' ଲେଖା ପଠେଇ ବିଭିନ୍ନ ଦେଶମାନଙ୍କରେ ଛାପିଲି। ଗୋଟିଏ ଉତ୍ତେଜନାରେ ଏସବୁ କଲି, ଏକା ଏକା। କେହି ସାହାଯ୍ୟ କରିବାକୁ ନ ଥାନ୍ତି, ଖାଲି ଜ୍ୟୋତ୍ସ୍ନା ମୋ' ଲେଖା ପଢ଼େ ଆଉ କୁହେ: ଏତେ ଦୁର୍ବୋଧ କବିତା କ'ଣ ଲେଖୁଚ? ଛୁଇଁପାରୁନାହିଁ ମତେ ଲେଖା ତମର!

କଟକ ଘରେ, ଲେଖା ଭିତରେ।

ଶରତର ଛାତିଥରା ଆଲୁଅ ଛିଡ଼ା ହେଇଥାଏ ଖାଲି ମୋ' ଦେହ ବାହାରେ।

ପ୍ରଥମ କବିତା ସଂକଳନଟି କଲିକତାରୁ ଆଣି ମୋ' ସାମ୍ନାରେ ରଖିଥାଏ। ଦ୍ୱିତୀୟ ବହି ମଧ୍ୟ ଛପା ହେଇ କଲିକତାରୁ ଆସିଗଲା। ବୋଧେ ଗୋଟିଏ ଲେଖକ ପାଇଁ ପ୍ରଥମ ବହିଟି ପରି କିଛି କରିପାରେ ନାହିଁ। ଉତ୍ତେଜନା ତ ଥାଏ, ରହେ ଅନେକ ଦିନ ପର୍ଯ୍ୟନ୍ତ, ବହିଟିକୁ ବାରମ୍ବାର ଧରି, ରଖି, ଧରି ଓଲଟାଇ, ଦେଖିଲେ ମନରୁ କ୍ଳାନ୍ତି ଚାଲିଯାଏ, ଯେତେ ବି ନିସ୍ତେଜ ବହିଟି ହେଇଥାଇପାରେ। କିନ୍ତୁ ତା'ପରେ କାହିଁକି କେଜାଣି ବହିଟି ପ୍ରତି ଦୟା ବା ଏକପ୍ରକାର କରୁଣା ମନରେ ଆସିଯାଏ। ସେମିତି ଭଲ ଲାଗେ ନାହିଁ କବିତା ସବୁ, ଭଲ ଲାଗେ ନାହିଁ ବହି ପ୍ରତି ନିଜର ମନୋଭାବ। ଆଉ ମୋ' ପାଇଁ ବିଶେଷରେ କେମିତି କଠୋର ହେଇଗଲା କଥାଟି।

ବହିଟିକୁ ଉତ୍ସର୍ଗ କରିଥିଲି ବାପାଙ୍କୁ। ଭାବିଥିଲି ବାପାଙ୍କ ଭଲପାଇବାର ଋଣ ଯଦି କିଛିଟି ପରିଶୋଧ କରିପାରିବି ଏଇ ବହିଟି ତାଙ୍କ ହାତରେ ସମର୍ପି ଦେବି। ଖୁସି ମନରେ ଜ୍ୟୋତ୍ସ୍ନା ଆଉ ମୁଁ ବାପାମାଆ ପାଖରେ ପହଞ୍ଚିଲୁ। ଘରେ ସେତେବେଳେ ଆଉ କେହି ନ ଥା'ନ୍ତି। ବାପାଙ୍କୁ ଦେଖି ସିଧା କହିଲି ଯେ ମୋର ପ୍ରଥମ କବିତା ବହିଟି ପ୍ରକାଶ ପାଇଚି ଆଉ ପ୍ରଥମ କପିଟି ତମ ପାଇଁ ଆଣିଚି। ବାପା ଟିକେ ଉତ୍ସାହ ସହିତ ତାଙ୍କ ହାତକୁ ବହିଟି ନେଇ ଦେଖିବା ଆରମ୍ଭ କରିଚନ୍ତି କି ନାହିଁ, ମାଆ ହଠାତ୍ ଚାଲିଆସି କହିଲା: ଏଇ ସାଂସାରିକ କଥାରେ ମନ ଦେଇ ଲାଭ କ'ଣ? ତୋ' ଆତ୍ମା ପାଇଁ କ'ଣ କରୁଛୁ? ରବିବାର ଦିନ ତ ଗିର୍ଜା ଯିବୁ ନାହିଁ, ପ୍ରାର୍ଥନା ତ ଦୂରର କଥା।

ବାପା କିଛି କହୁ ନ ଥାନ୍ତି। ମୋ' ପିଲାଟିବେଳୁ ମୁଁ କେବେ ବି, ଥରେ ବି ଶୁଣି ନାହିଁ ବାପା ମାଆକୁ କିଛି କହିବାର। ମୋ' ଦେହରେ ବି ଥରେ ହେଲେ ହାତ ଦେଇ ନାହାନ୍ତି ବାପା।

ଜ୍ୟୋତ୍ସ୍ନା ଆଉ ମୁଁ ଅନାଅନି ହେଲୁ। ଆଉ କ'ଣ କହିବାର ଥିଲା ଯେ ମୁଁ କହିଥା'ନ୍ତି? ଆଗ୍ରହ ନ ଥିଲା ମୋର ବାପାଙ୍କ ପାଖରେ ବସି କିଛି କଥା କହିବାକୁ। ଯଦିବା କବିତା ସମ୍ପର୍କରେ ଗୋଟେ ଦୁଇଟି କଥା କହିବାର ଇଚ୍ଛା ଥିଲା। ମୋହନ ବିଷୟରେ ଯୋଉ କବିତାଟି ବହିରେ ଅନ୍ତର୍ଭୁକ୍ତ ହେଇଥିଲା– 'ଦି ରିପୋର୍ଟ କାର୍ଡ' ଆଉ ଯୋଉଟା ଲଣ୍ଡନରେ ହେଇଥିବା ଆନ୍ତର୍ଜାତିକ କବିତା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା, ତା'ରି ବିଷୟରେ। କହିଥା'ନ୍ତି ଟୋନିର ମୃତ୍ୟୁ ପରେ ଯୋଉ କବିତା ଲେଖିଥିଲି, ତା'ରି କଥା, କିନ୍ତୁ ସେ ଅନ୍ଧାରିଆ ମୁହୂର୍ତ୍ତଟିରେ ବର୍ଷ ବର୍ଷ ମୋର ଭଙ୍ଗା ମନ୍ଦିରର ପଥର ପରି ଚାହିଁ ରହିଲେ। ମୂକ ହେଇଯାଇଥିଲା ଆଖି ମୋର, ଅସମ୍ଭବ ଗପ ଗୋଟିଏ ଚକାମାଉଳି ପକେଇ ମୋ' ହୃଦୟରେ ବସିଗଲା।

ମୋ' ବହି ପାଖକୁ ସବୁ ଫେରିଆସିଲି। ମେଘ ଖଣ୍ଡେ ଆକାଶରେ ଦେଖାଦେଲା। ବର୍ଷାଦିନ ଶେଷ ହେଇ ଆସିଥାଏ, ଗୋଟିଏ ଦୁଇଟି ଟୋପା ବୋଧେ ଛାଟିପିଟି ହେଇ ମେଘଠୁ ମୁକ୍ତ ହେଇ ଖସିପଡ଼ିଲା ତଳକୁ। ସେ ଟୋପା ମତେ ଅନେକ ପ୍ରଶ୍ନ କଲା ପରି ଲାଗିଲା, କିନ୍ତୁ ଉତ୍ତର ପାଇବାକୁ ଆଶା ରଖି ନ ଥିଲା। ଏମିତି ବୋଇତଟିଏ ସେ ଟୋପା, ଯୋଉଥିରେ କିଛି ଯାଏ ନାହିଁ କି ଆସେ ନାହିଁ। ବୋଧେ ମୁଁ ନିଜକୁ ସେ ବର୍ଷା ଟୋପାରେ ଦେଖିଲି, ଅପେକ୍ଷାରେ ଭର୍ତ୍ତି। କାରଣ କିଛି ଆଉ ହେବାର ନ ଥିଲା, କ୍ଳାନ୍ତି ବି ନ ଥିଲା, ଖାଲି ହୃଦୟ ପରି କ'ଣ ମୋ' ଭିତରେ




ଅଧାଭଙ୍ଗା ଅଧାମେଳା ହେଇ ରହିଥିଲା।

କିଛିଦିନ ପରେ ଯେତେବେଳେ ବହି ଦୁଇଟିର ସମୀକ୍ଷା ବମ୍ବେର 'ଇଲୁଷ୍ଟ୍ରେଟେଡ୍ ୱିକ୍ଲି ଅଫ୍ ଇଣ୍ଡିଆ'ରେ ବାହାରିଲା, କୋଉଠି ଆଶ୍ରୟ ନେବି ବୁଝିପାରିଲି ନାହିଁ। ନିଶିମ୍ ଏଜେକିଏଲ ସମୀକ୍ଷାରେ କବିତାଗୁଡ଼ିକୁ ଏକପ୍ରକାର ନିର୍ମମ ବୋଲି କହିଥିଲେ। ତାଙ୍କର ଯୁକ୍ତି ବୁଝିବା ମୋ' ପକ୍ଷରେ କଷ୍ଟକର ଥିଲା। ଆଶ୍ଚର୍ଯ୍ୟର କଥା ଯେ, ଯୋଉ କବିତାଟି ଆନ୍ତର୍ଜାତିକ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା, ସେଥିରେ କି ମୋ' ରୂପକକୁ ବୁଝିବାକୁ ଅସୁବିଧା ହେଲା। ମୁଁ ଅନ୍ୟ କବିଙ୍କଠାରୁ ଭିନ୍ନ ଉପମା ଓ ରୂପକ ବ୍ୟବହାର କରିଥିଲି। ବୋଧେ ଏଜେକିଏଲ୍‌ଙ୍କୁ ସୁପରିଚିତ ଲାଗିଲା ନାହିଁ ମୋ' ରୂପକ। ମୁଁ ତ ସାହିତ୍ୟର ଛାତ୍ର ନ ଥିଲି, କେମିତି କବିତା ଲେଖାଯାଏ ବି ଜାଣି ନ ଥିଲି। ଆଉ ମତେ କବିତାରେ ରହସ୍ୟର ବ୍ୟବହାର ଭଲ ଲାଗେ। ଗଦ୍ୟ ପରି, କବିତାକୁ ସାଙ୍ଗେ ସାଙ୍ଗେ ବୁଝିଗଲେ ଲାଭ କ'ଣ? ମୁଁ ତ ସେମିତି ସହଜରେ କବିତା ଲେଖିପାରେ ନାହିଁ, ଉଦ୍ୟମ କରିବାକୁ ପଡ଼େ, ଚେଷ୍ଟାରେ ଗୋଟେ ସନ୍ତୋଷ ମନକୁ ଆସେ।

ଏଜେକିଏଲ୍‌ଙ୍କ ସମୀକ୍ଷା ପ୍ରକାଶ ପାଇବା ପରେ ବମ୍ବେର ଆଉ ଜଣେ ପ୍ରଖ୍ୟାତ କବି ଓ ସମୀକ୍ଷକ ଆଦିଲ୍ ଜସାୱାଲା ଆହୁରି ଦୃଢ଼ ଭାବରେ କବିତାଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଅପ୍ରୀତିକର ମନ୍ତବ୍ୟ ଦେଲେ। ଭଲ ଲାଗିଲା ନାହିଁ ମତେ। ପଦାର୍ଥ ବିଜ୍ଞାନର ଅଧ୍ୟାପକଟି ଥିଲି, ମୋ' କବିତା ବହିକୁ ଖାରଜ କରିଦେବା କଠିନ ନ ଥିଲା। ବମ୍ବେ ତ ସେତେବେଳେ ଇଂରାଜୀ କବିତା ଲେଖାର କେନ୍ଦ୍ରସ୍ଥଳ ଥିଲା, ପୁଣି ମୁଁ ଗୋଟିଏ ଛୋଟ ଗ୍ରାମାଞ୍ଚଳ ପରି ସହରରୁ ଲେଖୁଥିଲି। କଟକର ନାଁ କେହି ବି ଶୁଣି ନ ଥିଲେ। ଅସ୍ୱଷ୍ଟ ସହର, ଅସ୍ୱଷ୍ଟ ଲେଖକ। କରିବାର ମୋର କିଛି ନ ଥିଲା।

ହେଲେ ସାହିତ୍ୟ ଏକାଡେମୀର ମୁଖପତ୍ର 'ଇଣ୍ଡିଆନ୍ ଲିଟରେଚର'ରେ ଯୋଉ ରଚନାଟି ବାହାରିଲା, କବିତାଗୁଡ଼ିକର ପ୍ରଶଂସା ହେଇଥିଲା। ସେଇପରି ଆଉ ଗୋଟିଏ ସମୀକ୍ଷା ଯୁକ୍ତରାଷ୍ଟ୍ର ଆମେରିକାରୁ ପ୍ରକାଶ ପାଇଲା। ମନରେ ଟିକେ ଆଶ୍ୱାସନା ଆସିଲା। କିନ୍ତୁ ଅବଜ୍ଞା କରିପାରିଲିନି ବମ୍ବେରୁ ବାହାରିଥିବା ସମାଲୋଚନାର। ମୋ' ମନେଅଛି ଗୋଟିଏ ଛୋଟ ଚାରି ଧାଡ଼ିର କବିତା

### ଆଉ ଶେଷରେ ଛୁଆଁ ଅଛୁଆଁ କଥା

ବନ୍ଧୁ ମୋର
ଏତିକି ମୋ ଗୁହାରି–
ମୁଁ ମଲାଦିନ
ବିଷାଦ ମନରେ
ଆସ ନାହିଁ ଦେଖିବାକୁ
ମତେ ଶେଷଥର ପାଇଁ

ବହୁତ କଷ୍ଟ ଲାଗେ
ଆଜି ଯେବେ ଭାବେ
ଯେ ସେଦିନ
ତମେ ମୋ ଶବ ପାଖେ ଛିଡ଼ା
ହେବାବେଳେ
ମନେମନେ କେମିତି କହି ହଉଥିବ
ଘରକୁ ଫେରି
ତମକୁ ଆଗେ ଗାଧୋଇବାକୁ ହବ।।

(କହିବି ଗୋଟିଏ କଥା: ୧୯୯୫)

ପ୍ରଥମ ବହିରୁ, ନାଁ ଥିଲା ସେ କବିତାର 'ୱୁମାନ୍' ବା 'ନାରୀ'। କବିତାଟି ଏମିତି ଥିଲା:

ଯଦିଓ
ହେଇପାରେ ସେ
ଯଦିଓ
ନ ହେଇପାରେ ସେ

କବିତାଟି ସେତିକି। କବିତା ଏଇଟି ନୁହଁ ବୋଧେ। ଛାଇଟିଏ, କବିତାର କିମ୍ବା କଙ୍କାଳ। ଲେଖିଲାବେଳେ ଲେଖି ଚାଲିଗଲି, ମନେମନେ ଭାବିଲି, ହଁ ଭଲ କବିତାଟି ବୋଧହୁଏ। କିନ୍ତୁ ନାରୀ ଗୋଟିଏର ରହସ୍ୟ ମନ ଭିତରେ ଥିଲା, ଭାବିଲି ଗୋଟିଏ ଅସୁନ୍ଦର କାଳି ଝିଅ ତା' ଆଇନାକୁ କେମିତି ଦେଖେ? ଆଉ ସୁନ୍ଦର ଝିଅ ଗୋଟିଏ?

କବିତା ଏଇ ଚାରି ଧାଡ଼ି ହେଇ ନ ପାରେ, କିନ୍ତୁ କପଟହୀନ ଭାବରେ କହିଲେ, ମତେ ଏଇଟିକୁ ଲେଖିବାକୁ ବହୁତ ଇଚ୍ଛା ହେଲା। ଆଉ ଲେଖିଲି। ଭାଷାଗତ ପ୍ରହେଳିକା ନିଶ୍ଚିତଭାବେ ଏ 'ନାରୀ' କବିତାଟି। ଆଉ ଏତେ ଦିନ ପରେ, ଏତେ ବର୍ଷ ଲେଖିଲା ପରେ ବି, ବିସ୍ମୟ ଲାଗେ ଯେ ଲେଖକଟିଏ ଜାଣେ ନାହିଁ ଜାଣିବା କଥା, ତା' ନିଜ ଲେଖା ବିଷୟରେ ବି ଜାଣେନା, ଜୀବନକୁ ଧରି ଚାଲିଥାଏ, କୁଆଡ଼େ ତା' ଲେଖା ତାକୁ ନେଇ ଯାଉଚି, ସେ ଦୁର୍ବଳତା ତାକୁ କେବଳ ଦୁନିଆର ପାଦତଳେ ପକେଇ ଦିଏ।

କିନ୍ତୁ ଦୁନିଆ ତା' ରାସ୍ତାରେ ଥାଏ।

## କଣ୍ଟା କାକର




**କବି : ବିପ୍ଳବ**
**ପ୍ରକାଶକ: ବାଗ୍ମୀ ପବ୍ଲିକେଶନ୍ସ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୨୨,**
**ମୂଲ୍ୟ: ଟ. ୧୨୦/–**

୧୨୦ ପୃଷ୍ଠାର ଏ ବହିଟିରେ ୯୯ଟି କବିତା ସ୍ଥାନିତ। କବିତାଗୁଡ଼ିକ ଆକାରରେ ଛୋଟଛୋଟ, ମାତ୍ର ଆବେଦନରେ ଗଭୀର। ଅକୃତ୍ରିମ ଆବେଗରେ ଟୁଲୁଟୁଲୁ କବିତାର ଧାଡ଼ିଗୁଡ଼ିକ। କେତୋଟି ଦୃଷ୍ଟାନ୍ତ: ୧. ''ଯେବେ ପଢ଼େ ତମ/ଚିଠି/ଆଖିରୁ ମୋ' ଲୁହ ଗଡ଼େ/କେଜାଣି କାହିଁକି/ଚିରିଦେଇ ଚିଠି/ଅଠା ଯୋଡ଼ି ପୁଣି ପଢ଼େ!'' (ତମ ଚିଠି– ପୃ: ୪୩), ୨. ''ସମୟର ଏଇ ଶଗଡ଼ ଗୁଳାରୁ/ଆୟୁଷ ଯାଉଛି ଖସି/କାଲି ତୁ ବୁଝିବୁ ମୋ ପ୍ରେମର ମୂଲ/ଲୁହ ଢାଳି ବସିବସି।'' (ତୁ' ନାହୁଁ ପ୍ରିୟା'– ପୃ: ୮୧), ୩. ''ମୋ ଦୁଇ ଆଖିର ଦୁଇଟୋପା ଲୁହ/ତୋ ପାଖେ ପାଲଟେ ନଈ/ତୁ ଖୋଜୁ ବସି/ଲୁହର କାରଣ/ସାରା ରାତି ଯାଏ ପାହି।'' (ବୋଉ– ପୃ: ୬୯)। କବିଙ୍କ କବିତାରେ ଜୀବନ ବଡ଼ କଥା, ସତ୍ ପାଠକ ତାଙ୍କ ଅଭିପ୍ରେତ। ତେଣୁ କବିତା ରଚନାବେଳେ ସେ ଭାଷାର ସାବଲୀଳତା, ପରିଚ୍ଛନ୍ନତା ଓ ଛନ୍ଦ ଧର୍ମିତାକୁ ଗୁରୁତ୍ୱ ଦିଅନ୍ତି। ପ୍ରକାଶକୀୟରେ କୁହାଯାଇଛି: ''ସମାଜରେ ଘଟୁଥିବା ଘଟଣାମାନ ତାଙ୍କ ଆଖି ଆଢୁଆଳରୁ ଖସିପାରେନା। x x ତାଙ୍କ ଲେଖନୀ ମୁନରେ ଗଢ଼ିତୋଳନ୍ତି ଦରଦୀ ଭାବନାର ବ୍ୟଥା, ଘୋଷିତ ମଣିଷର କଥା। x x ତାଙ୍କ କବିତାର ପ୍ରତିଟି ଭାବାର୍ଥରେ ଥାଏ ଭାବପ୍ରବଣତା ଓ ସତ୍ୟତା।'' ଆଶା, କବିତାଗୁଡ଼ିକ ପାଠକସମ୍ବେଦୀ ହେବ ଓ କବିଙ୍କୁ ଅଭିନନ୍ଦିତ କରିବ।

## The Culture and Philosophy of Santals




**ଲେଖକ: ଭୋଗ୍‌ଲା ସୋରେନ୍**
**ପ୍ରକାଶକ: ସାନ୍ତାଳୀ ବୁକ୍ସ, ପୂର୍ବ ସିଂହଭୂମି, ଝାରଖଣ୍ଡ**
**ପ୍ରଥମ ପ୍ରକାଶ: ୨୦୨୨,**
**ମୂଲ୍ୟ: ଟ. ୧୫୦/–**

ଏହି ବହିଟି କ'ଣ ପାଇଁ ଲେଖିବାକୁ ଜରୁରୀ ମଣିଛନ୍ତି ଭୋଗ୍‌ଲା, ତା'ର କାରଣ ସେ ବହିର ମୁଖବନ୍ଧରେ ଦେଇଛନ୍ତି ଏହିପରି: ''The main objective to write this book is to bring the culture and Philosophy of Santals to the people on the basis of prevailing culture and religious faith of Santals.'' ସାନ୍ତାଳ-ସମାଜରେ ଆବହମାନ କାଳରୁ ପ୍ରଚଳିତ 'ସାନ୍ତାଳୀ-ବିନ୍ତି' ଓ ଲୋକକାହାଣୀ ଆଧାରରେ ପୁସ୍ତକଟିକୁ ତଥ୍ୟଯୁକ୍ତ କରି ପ୍ରସ୍ତୁତ କରିଛନ୍ତି ଲେଖକ। ପ୍ରୟୋଜନ ଅନୁରୋଧରେ ମଝିରେ ମଝିରେ ସାନ୍ତାଳୀ ଲିପିର ବ୍ୟବହାର କରାଯାଇଥିଲେ ବି ତା'ର ଅର୍ଥ ସେ ବୁଝାଇ ଦେଇଛନ୍ତି ପାଠକଙ୍କ ସୁବିଧା ପାଇଁ। ବହିରେ ୮ଟି ପରିଚ୍ଛେଦ ରହିଛି। ସାନ୍ତାଳୀ ଦେବଦେବୀ, ସଂସ୍କୃତି, ସଂସ୍କାର, ଯାନିଯାତ୍ରା ଓ ଧର୍ମବିଶ୍ୱାସ ଆଦି ସମ୍ବନ୍ଧରେ ପୃଥକ୍ ଭାବେ ଭିନ୍ନ ଭିନ୍ନ ପରିଚ୍ଛେଦରେ ଆଲୋଚନା କରାଯାଇଛି। ଏହିକ୍ରମରେ କୁହାଯାଇଛି ଯେ, ସାନ୍ତାଳମାନେ ସତ୍ୟଶୀଳ ଏବଂ ସମଗ୍ର ସୃଷ୍ଟି ଈଶ୍ୱରଙ୍କ ଦ୍ୱାରା ପରିକଳ୍ପିତ। ତେଣୁ ସତ୍ୟଭ୍ରଷ୍ଟ ହେବାର ଅର୍ଥ ଈଶ୍ୱରଙ୍କୁ ଅବମାନନା କରିବା। ସତ୍ୟନିର୍ଭର ହୋଇଥିବାରୁ ସାନ୍ତାଳମାନେ ସାମାଜିକ ମୂଲ୍ୟବୋଧକୁ ମାନି ଜୀବନ ନିର୍ବାହ କରନ୍ତି। ମୂଳତଃ ଜଣେ କଥାଶିଳ୍ପୀ ହୋଇଥିବାରୁ ସାନ୍ତାଳୀ କଥାନିର୍ଭର ଏ ବହିଟି ସାନ୍ତାଳୀ ସଂସ୍କୃତି ଓ ସମାଜ-ବ୍ୟବସ୍ଥାର ସଠିକ ଅନୁଧ୍ୟାନରେ ସଫଳ ହୋଇଛି। ଆଶା ବହିଟି ଜନାଦୃତି ଲାଭ କରିବ।

# ଆଗକୁ ଚାହାଁ

**ଗଳ୍ପ**

ଡ. ଭବାନୀ ଶଙ୍କର ଦାଶ



ବାହାରେ ବର୍ଷା ଟୋପା ପରି କାକର ପଡୁଥିଲା। ରାତି ପାହିବାକୁ ଆଉ ଅଳପ ସମୟ ବାକିଥିଲା। ବୁଲା କୁକୁରଗୁଡ଼ାକ ଅଦ୍ଭୁତ କ୍ରନ୍ଦନ ଧ୍ୱନି ଭଳି ମିଳିତ ଚିତ୍କାର କରୁଥିଲେ। ମା' କୋଳରେ ଥାଇ ପିଲାଟା ଶୋଇ ପଡୁଥିଲା। ମଝିରେ ମଝିରେ ଜୁଳୁଜୁଳୁ କରି ଚାହୁଁଥିଲା ମା'ର ମୁହଁକୁ ଆଉ ଖଟିଆ ଉପରେ ଶୋଇଥିବା ବାପାକୁ। କିଛି ସମୟ ଆଗରୁ ମା'କୁ ପଚାରୁଥିଲା ତା' ବାପାର ନାକରୁ ନଳି ଆଉ ସାଲାଇନ୍ କାହିଁକି କାଢ଼ି ନିଆଗଲା ବୋଲି। ତା'ର ଧାରଣାଥିଲା ତା' ବାପା ବୋଧେ ଭଲ ହୋଇଗଲେ। ଶୋଇଛନ୍ତି। ସକାଳ ହେଲେ ଘରକୁ ଯିବେ। ଆଉ ଚାରିଟା ବେଳେ ତା' ସହ କ୍ରିକେଟ୍ ଖେଳିବେ। ତେବେ ମା' ତା'ର ରହିରହି କାନ୍ଦୁଛି କାହିଁକି। ମା'କୁ ପଚାରି ପାରୁ ନ ଥିଲା କିଛି। ମା' କାନ୍ଦିଲେ ସିଏ ବି କାନ୍ଦୁଥିଲା। ମା' ଚୁପ୍ ହେଇଗଲେ ସିଏ ବି ଚୁପ୍ ହୋଇ ଯାଉଥିଲା।

ରାତି ପାହିଆସିଲାଣି। ଚିହ୍ନାଜଣା ଯାହାକୁ ଯେମିତି ଖବର ଦେଇଥିଲା ନୀଳିମା। ଶାଶୁଘରକୁ ବି ଖବର ଦେଇଥିଲା। ସେଠି କିଏ ଅଛି ଯେ ଆସିବ। ଏକା ଅସହାୟା ବିଧବା ଶାଶୁବୁଢ଼ୀ। ପୁଅର ଚିକିତ୍ସା ପାଇଁ ଦୁଇ ବର୍ଷହେଲା ଖଣ୍ଡିଏ ଖଣ୍ଡିଏ ଜମି ବିକି ନିଜ ପାଇଁ କିଛି ରଖି ଅବଶିଷ୍ଟ ବୋହୂ ହାତରେ ଧରେଇ ଦେଉଥିଲେ ପଇସା। ଦି' ବର୍ଷ ହେଲାଣି ରୋଗଗ୍ରସ୍ତ ପୁଅର ଚିକିତ୍ସାରେ ସବୁ କିଛି ବିକ୍ରି ହୋଇଗଲା।

ନୀଳିମା ଥିଲା ମାତାପିତାଙ୍କ ଏକମାତ୍ର ଝିଅ। ତା' ବିବାହର ତିନିବର୍ଷ ଭିତରେ ଡକାଡକି ହୋଇ ମା'ବାପା ଚାଲିଗଲେ ଆରପାରିକୁ। ପାଞ୍ଚଦିନ ତଳେ ଶାଶୁବୁଢ଼ୀ ଗାଁରୁ କଷ୍ଟେମଷ୍ଟେ ପଡ଼ିଶା ଘରର ବିଶିଆକୁ ଧରି ମେଡିକାଲରେ ପହଞ୍ଚିଥିଲେ। ପୁଅର ଭଲମନ୍ଦ ପଚାରି ବୁଝିଥିଲେ। କଥା ପ୍ରସଙ୍ଗରେ ପୁଅକୁ ଜଣାଇ ଦେଇଥିଲେ ଯେ ଚକବନ୍ଦୀବାଲା କହୁଛନ୍ତି ଅଢ଼େଇ ଶହ ଟଙ୍କା ନେଲେ ଚାକୁଣ୍ଡାମୂଳ ଜମିଟା ଆମ ନାଁରେ କରିବେ ଓ ବଡ଼ ଚାକୁଣ୍ଡା ଗଛଟା ଆମର ହେବ। ନହେଲେ ଚାକୁଣ୍ଡାଗଛ ବିଶିଆର ହବ। ବିଶିଆ ମୁରୁକି ମୁରୁକି ହସୁଥିଲା ଆଉ ନୀଳିମାକୁ ଚାହୁଁଥିଲା ଅଭଦ୍ର ଚାହାଣିରେ। ନୀଳିମା ତା'ର ଭାଉଜଲେଖା ହେବ। ସନ୍ଧ୍ୟାରେ ବୁଢ଼ୀ ବିଶିଆ ସହ ଗାଁକୁ ଫେରିଯାଇଥିଲା। ସେଇ ଦିନ ରାତିରେ ପୁଅ ତାଙ୍କର ନିରବ ହୋଇଗଲେ। ଡାକ୍ତର କହିଲେ ନିଜ ଲୋକ କିଏ ଅଛନ୍ତି ଡାକ। ଆଉ ଅଳ୍ପ ସମୟ ବାକି। ଆପଣା ଲୋକ କିଏ ଅଛି ଯେ ଆସିବ ଶେଷ ଦେଖାପାଇଁ। କ୍ୟାନ୍‌ସର ତ କାହାକୁ ନ ମାରି ଛାଡ଼େନି। ଏସବୁ ଜାଣି ମଧ୍ୟ ସ୍ଥାବର ଅସ୍ଥାବର ସବୁ ସମ୍ପତ୍ତି ବିକି ଦେଇଥିଲା ବୁଢ଼ୀ ଖାଲି ପୁଅଟା ପାଇଁ। ନୀଳିମା ବି ନିଜର ସବୁ ଗହଣାଗାଣ୍ଠି ବିକି ଦେଇଥିଲା ସ୍ୱାମୀଲାଗି। ହେଲେ ଆଜି ତ ସବୁ ଶେଷ ହୋଇଗଲା।

ସକାଳ ହେଇଗଲା। ଜଣକ ପରେ ଜଣେ ପହଞ୍ଚିଲେ ଡାକ୍ତରଖାନାରେ। ବାରଣ୍ଡାରେ ଛୋଟ ଛୁଆକୁ ଧରି ବସିଥିଲା ନୀଳିମା। ସାମ୍ନାରେ ସ୍ୱାମୀର ଶବ। ଲୁହଭରା ଆଖିରେ ତା'ର ଭରିରହିଥିଲା ଆଗାମୀକାଲିର ଅନିଶ୍ଚିତତା। ଉପସ୍ଥିତ ଲୋକେ ନୀଳିମାକୁ ଦେଖି କେହି କିଛି ଭରସି କହିପାରୁନଥିଲେ। ନୀଳିମା ଶୁଣିପାରୁଥିଲା ବୟସ୍କଙ୍କ କଥାବାର୍ତ୍ତା। ବିବାହର ମାତ୍ର ସାତଟା ବର୍ଷ। ହାଇରେ ଦଇବ ଏଇଆ କଲୁ! ଏଡ଼େ ସୁନ୍ଦର ବୋହୂଟା, କେତେ ବା ବୟସ, ଆହା! ସଦ୍ୟ ବିଧବା ହେବାକୁ ଯାଉଥିବା ନୀଳିମାର ଶଙ୍ଖ ଧବଳ ଅପରୂପ ସୌନ୍ଦର୍ଯ୍ୟ ଆଜି ହିଁ ବିକଳାଙ୍ଗ ହୋଇଯିବ। ସିନ୍ଥିର ସିନ୍ଦୂର ନାରୀର ସୁନ୍ଦରତାକୁ ବହୁଗୁଣିତ କରିଥାଏ। ନୀଳିମା କପାଳରୁ ଆଜିଠୁ ସିନ୍ଦୂର ଲିଭିଯିବ। ଏବେ ସେ ଆଉ କାନ୍ଦୁନି। କାନ୍ଦିପାରୁନି। ଉଚ୍ଚ ଶିକ୍ଷିତା ନୀଳିମା ଶୂନ୍ୟକୁ ଚାହିଁ ଦେଖୁଥିଲା ତା' ଜୀବନର ବିପର୍ଯ୍ୟୟ ସବୁକୁ। ବାପାଙ୍କ କଥା ମନେପଡ଼ିଲା। ବାପା କହିଥିଲେ ମାଆରେ, ଜୀବନ ରାସ୍ତାରେ କେବେ ପଛକୁ ବୁଲି ଚାହିଁବୁନି।

ଶବ ନେବା ପାଇଁ ଗାଡ଼ି ଆସିଲା। ଗାଁରୁ ଆସିଥିଲେ ଚାରି ଛ' ଜଣ। ସମସ୍ତେ ଧରାଧରି କରି ମୃତଦେହକୁ ଗାଡ଼ି ଭିତରକୁ ନେଲେ। ପିଲାକୁ କାନ୍ଧରେ ପକେଇ ନୀଳିମା ଏଥର ଛିଡ଼ା ହେଲା। କଥାହେଲା ଗାଁକୁ ଶବ ନେବେ। ପୁଅ ମରିଛି ବୋଲି ଏଯାଏଁ ଜାଣି ନଥିବା ବୁଢ଼ୀ ମାଆଟା ଟିକେ ଦେଖିବ। ଅନ୍ୟାନ୍ୟ କର୍ମ ବି ଅଛି। ପରମ୍ପରା ଅନୁସାରେ ଦିଅର କେହି ତା' କାଚ ଭାଙ୍ଗି ତାକୁ ବିଧବା କରାଇବା କଥା। ସେ ସବୁ ଗାଁରେ ହବ। ଗାଁରୁ ଆସିଥିବା ଲୋକଙ୍କ ଭିତରେ ବିଶିଆ ଥିଲା। ଶାଶୁଙ୍କ ବିଶ୍ୱସ୍ତ। ତା' ହାତରେ କାଚ ଭାଙ୍ଗିବାର ଦାୟିତ୍ୱ। ଏକଥା ସହ୍ୟ କରିପାରୁ ନ ଥିଲା ନୀଳିମା। ତଥାପି ଯିବାକୁ ହେବ ଗାଁକୁ। ଗାଁରୁ ସ୍ୱର୍ଗଦ୍ୱାର ନେଇ ଦାହ କରାଯିବ। ଏକମାତ୍ର ଛୋଟ ପୁଅଟା ମୁଖାଗ୍ନି ଦବ। ସେଇଆ ହେଲା। ମାତ୍ର ଗାଁରୁ ପୁରୀ ସ୍ୱର୍ଗଦ୍ୱାର ଯିବାବେଳକୁ ଛୁଆଟା ବାଧ କଲା ତା' ମାଆକୁ ତା' ସାଥିରେ ଯିବା ପାଇଁ। ଗାଁରେ ସମସ୍ତେ ବାରଣ କଲେ। ବିଧବା ହେଉଥିବା ଲୋକ ସ୍ୱର୍ଗଦ୍ୱାର ଯିବ ନାହିଁ। ମାତ୍ର ବାପକୁ ପୁଅ ମୁଖାଗ୍ନି ଦେବା ବିଧି ଓ ପୁଅର କାନ୍ଦଦେଖି ବାଧହେଲା ନୀଳିମା ଯିବା ପାଇଁ। ବିଶିଆ କହିଲା– ଭାଉଜ, ଇଏ ଯୁଗ ଯାଇ କୋଉଠି ହେଲାଣି। ପିଲାଟା ଯଦି ଏକାଯିବାକୁ ରାଜିହଉନି, ଡରୁଚି, ତେବେ ତୁମେ ଚାଲୁନ। ମୁଖାଗ୍ନି ଦିଆ ସରିଲେ ତୁମେ ପୁଅକୁ ଧରି ଫେରି ଆସିବ। ଆମେ ଅସ୍ଥିକଳସ ଧରି ପଛରେ ଆସିବୁ। ନୀଳିମାର ଭାଙ୍ଗି ଯାଇଥିବା ମନକୁ କଥାଟା ଅବଶ୍ୟ ପାଇଲା। କିନ୍ତୁ ନୀଳିମା ପଚାରିପାରୁ ନ ଥିଲା କାହାକୁ ଯେ ତା' ସ୍ୱାମୀର ଶବ ଜୁଇ ଉପରକୁ ଯିବା ଆଗରୁ ତା' ଶଙ୍ଖା ଭଙ୍ଗାଯିବ ନା ଗାଁକୁ ଫେରିଲେ। ନୀଳିମା ଏଭଳି ଅସହାୟ ଯନ୍ତ୍ରଣାକ୍ତ ମାନସିକ ଦୁଶ୍ଚିନ୍ତାରେ ଥିବାବେଳେ ବିଶିଆ ତା' ଦେହଟାକୁ ତନ୍ନ ତନ୍ନ କରି ଦେଖିଚାଲିଥିଲା। ପୁରୋହିତ ଡାକିଲେ– ପୁଅକୁ ଆଣ। ମୁଖାଗ୍ନି ଦବ। ଛଅ ବର୍ଷର ପୁଅଟା ଜିଦି କରି କାନ୍ଦି କାନ୍ଦି ମାଆକୁ କହୁଥିଲା– ତା' ସାଥିରେ ଯିବା ପାଇଁ। ଜୀବନର ଶେଷ ସମ୍ବଳ ପୁଅକୁ ଧରି ନୀଳିମା ଗଲା ସ୍ୱର୍ଗଦ୍ୱାର। ପୁଅକୁ ସମୁଦ୍ର ପାଣିରେ ଗାଧେଇଦେଲା। ଏବେ ଜୁଇର ଖୁବ୍ ନିକଟକୁ ବି ଗଲା। ପୁଅର ହାତ ଧରି ଜୁଇ ଚାରିପଟେ ତିନିଘେରା ବୁଲିଲା। ତା' ଇଚ୍ଛା ହଉଥିଲା ଜୁଇ କାଠକୁ ଆଡେଇ ତାଙ୍କୁ ନେଇ ଆସିବା ପାଇଁ। ପୁରୋହିତ ଚଡ଼ିକଲେ– ଆହେ ଦିଗପାଳେ ଏ ପିଣ୍ଡରେ ଯଦି ପ୍ରାଣଥାଏ...। ବାପାଙ୍କ ନାକ ପାଖେ ନିଆଁ ବଳିତାଟା ରଖିଦେ ପୁଅ। ପୁଅର ହାତ ଧରି ମୁଖାଗ୍ନି ଦେଲାବେଳେ ଲୁହର ଜୁଆରରେ ସେ କିଛି ଦେଖିପାରୁନଥିଲା। ସମୁଦ୍ରର ଅଶାନ୍ତ ଗର୍ଜନ ଓ ବାପଛେଉଣ୍ଡ ପୁଅର ଛାତିଫଟା କାନ୍ଦ ତା' କାନକୁ ତାବ୍‌ଦା କରିଦେଲାବେଳେ ପୁରୋହିତ ପୁଣି କହିଲେ– ପଛକୁ ନ ଚାହିଁ ଏକମୁହାଁ ହୋଇ ଚାଲିଯାଅ। ପଛକୁ ନ ଚାହିଁ ପୁଅର ହାତକୁ ଧରି ଗାଡ଼ିପାଖକୁ ଫେରୁଥିଲାବେଳେ ପୁଅ ପଚାରିଲା– ମାଆ ବାପାଙ୍କ ଉପରେ ଏତେ କାଠ ଲଦି ନିଆଁ ଲଗାଇଦେଲେ ବାପାଙ୍କୁ କାଟିବ ତ। ମାଆ କିଛି କହିପାରୁ ନ ଥିଲା। ପୁଅ ବୁଲିବୁଲି ପଛକୁ ଚାହୁଁଥିଲା। ଚିତ୍କାର କରି କାନ୍ଦିଉଠିଲା ପିଲାଟା– ମୋ' ବାପା ପୋଡ଼ିଗଲେ, ମୋ' ବାପା ପୋଡ଼ିଗଲେ। ପିଲାଟାର ମୁହଁକୁ ନିଜ ଲୁଗାକାନିରେ ଘୋଡ଼େଇ ଦଉଥିଲା ନୀଳିମା। ଆଉ କହୁଥିଲା ଧନଟାପରା ପଛକୁ ଚାହାଁନା। ଆଗକୁ ଚାହାଁ। ଆଗରେ ନୀଳ ଆକାଶ ଆଉ ସମୁଦ୍ର ଦିଗ୍‌ବଳୟରେ ମିଶି ଯାଇଥିଲେ। ସମୁଦ୍ରରେ ସମୁଦ୍ରେ ଲୁଣିପାଣି ଆଖିରେ ଆଖିଏ ଲୁହଭଳି ଲହଡି ଭାଙ୍ଗୁଥିଲା।

ମୋ: ୮୯୧୭୬୨୪୩୮୬

## କାଳକାଳକୁ



''ଅନ୍ତର୍ଦ୍ୱନ୍ଦ୍ୱ, ଦୂରତା, ପୀଡ଼ା ଓ ଦୁଃଖ ମଣିଷକୁ ମହାନ୍ କରେ।''

– ଧର୍ମବୀର ଭାରତୀ

**ଧର୍ମବୀର ଭାରତୀଙ୍କର** ଜନ୍ମ ୨୫ ଡିସେମ୍ବର ୧୯୨୬ରେ, ପ୍ରୟାଗରେ ଏବଂ ପରଲୋକ ୪ ସେପ୍ଟେମ୍ବର ୧୯୯୭ରେ ମୁମ୍ବାଇରେ। ଏକାଧାରରେ କବି, ପ୍ରାବନ୍ଧିକ, ଔପନାସିକ ଓ ନାଟ୍ୟକାର ଏହି ପ୍ରଖ୍ୟାତ ହିନ୍ଦୀ ଲେଖକ ଥିଲେ ଲୋକପ୍ରିୟ ହିନ୍ଦୀ ସାପ୍ତାହିକୀ 'ଧର୍ମଯୁଗ'ର ସମ୍ପାଦକ (୧୯୬୦–୧୯୮୭)। ତାଙ୍କର ପ୍ରସିଦ୍ଧ ଉପନ୍ୟାସଗୁଡ଼ିକ ମଧ୍ୟରେ ପ୍ରମୁଖ ହେଉଛି 'ଗୁନାହୋଁ କା ଦେବତା'(୧୯୪୯) ଓ 'ସୁରଜ୍ କା ସାତୱାଁ ଘୋଡ଼ା'(୧୯୫୨)। ଭାରତୀୟ ହିନ୍ଦୀ ସାହିତ୍ୟକୁ ଅମାପ ଅବଦାନ ପାଇଁ ୧୯୭୨ରେ ମିଳିଛି ଭାରତ ସରକାରଙ୍କ ଚତୁର୍ଥ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'। 'ଅନ୍ଧାଯୁଗ' ହେଉଛି ତାଙ୍କର ଅନ୍ୟତମ କାଳଜୟୀ ନାଟକ। 'ସୁରଜ୍ କା ସାତୱାଁ ଘୋଡ଼ା' ଚଳଚ୍ଚିତ୍ର ରୂପ ନେବା ପରେ ୧୯୯୩ରେ ପ୍ରାପ୍ତ 'ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାର'। ବହୁ ପୁରସ୍କାର ଓ ସମ୍ମାନରେ ଭୂଷିତ ଧର୍ମବୀର ମଧ୍ୟ ମର୍ଯ୍ୟାଦାଜନକ 'ବ୍ୟାସ ସମ୍ମାନ'ରେ ସମ୍ମାନିତ।



ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ପଞ୍ଚମ ସ୍ଥାନ ହାସଲ କରିଥିବା ଓଡ଼ିଶାର କିଶୋର ଜେନା ଶୁକ୍ରବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାପରେ ବିମାନବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ତାଙ୍କୁ ସ୍ୱାଗତ କରୁଛନ୍ତି। ଏହି ଅବସରରେ ଅନ୍ୟ କର୍ମକର୍ତ୍ତା ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ। **(ଫଟୋ: ବିକାଶ ନାୟକ)**

# ୟୁନିଟ୍‌-୬ ସରକାରୀ ବିଦ୍ୟାଳୟ ବିଜୟୀ

**ଭୁବନେଶ୍ୱର, ୧୯ (ତପନ ସ୍ୱାଇଁ)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚରେ ୟୁନିଟ-୬ ସରକାରୀ ବିଦ୍ୟାଳୟ ୩-୦ ଗୋଲରେ ଓଡିଏମ୍ ଗ୍ଲୋବାଲ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳର ପ୍ରକାଶ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଇଆରସି ଭିଲେଜ ହାଇସ୍କୁଲ ଓ ନୟାପଲ୍ଲୀର ଆଶ୍ରମ ସ୍କୁଲ ମଧ୍ୟରେ ଅନୁଷ୍ଠିତ ଅନ୍ୟ ମ୍ୟାଚଟି ଅମୀମାଂସିତ ରହିଥିଲା। ଆଇଆରସିର ଫୁଲଚାନ୍ଦ ମୁଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଭୟ ମ୍ୟାଚରେ ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ଦିବ୍ୟାଂଶୁ ଓ ଦୀନେଶଙ୍କୁ ପୁରସ୍କୃତ କରାଯାଇଥିଲା। ଶନିବାର ଓଡିଏମ୍ ପବ୍ଲିକ୍ ସ୍କୁଲ ଓ ଲୟୋଲା ସ୍କୁଲ ଏବଂ ଜାଭିୟର ସ୍କୁଲ ଖଣ୍ଡଗିରି ଓ ଡିଏଭି ପୋଖରୀପୁଟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଇଜନରଙ୍କ ଅବସର

**ନ୍ୟୁୟର୍କ,୧୯(ଏପି)**

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ମ୍ୟାଚରେ ପରାଜୟ ସହ ଜନ୍ ଇଜନର ପ୍ରଫେସନାଲ ଟେନିସରୁ ଅବସର ନେଇଛନ୍ତି। ଆମେରିକାର ଏହି ଖେଳାଳିଙ୍କୁ ବର୍ତ୍ତମାନ ୩୮ ବର୍ଷ ବୟସ। ଖେଳକୁ ଗୁଡ୍ ବାଏ କରିବା ସହଜ ନୁହେଁ। ଏହା ଏକ କଷ୍ଟକର ନିଷ୍ପତ୍ତି। ଏହି ସମୟ ସମସ୍ତଙ୍କ କ୍ଷେତ୍ରରେ ଦିନେ ନା ଦିନେ ଆସିଥାଏ। ୟୁଏସ୍ ଓପନ ଆରମ୍ଭର ଏକ ସପ୍ତାହ ପୂର୍ବରୁ ୬ ଫୁଟ୍ ଓ ୧୦ ଇଞ୍ଚ ଉଚ୍ଚତା ବିଶିଷ୍ଟ ଇଜନର ତାଙ୍କ ଅବସର ସୂଚନା ଦେଇଥିଲେ। ଏହା ତାଙ୍କ ଶେଷ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ହେବ ବୋଲି କହିଥିଲେ। ଗୁରୁବାର ଏକ ଦ୍ୱିତୀୟ ରାଉଣ୍ଡ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ସେ ତାଙ୍କ ଦେଶର ୱାଇଲ୍ଡ କାର୍ଡ ଏଣ୍ଟ୍ରି ମାଇକେଲ ମୋ'ଙ୍କଠାରୁ ୩-୬, ୪-୬, ୭-୬ (୩), ୬-୪, ୭-୬ (୧୦-୭)ରେ ହାରିଯାଇଛନ୍ତି। ଏହାର କିଛି ଘଣ୍ଟା ପରେ କୋର୍ଟ ନମ୍ବର ୧୨ରେ ସେ ତାଙ୍କ ଆମେରିକୀୟ ପାର୍ଟନର ଜ୍ୟାକ୍ ସକ୍‌ଙ୍କୁ ନେଇ ଏକ ଡବଲ୍ସ ମ୍ୟାଚରେ ରବର୍ଟ ଗ୍ୟାଲେୱେ ଓ ଅଲ୍‌ବାନୋ ଓଲିଭେଟିଙ୍କଠାରୁ ୬-୨, ୩-୬, ୭-୬ (୧୦-୩)ରେ ହାରିଯାଇଥିଲେ। ଏଥିସହିତ ସେ ଟେନିସରୁ ଅବ୍ୟାହତି ନେଇଛନ୍ତି। ମହିଳା ବିଭାଗରେ ଯେଉଁମାନେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି ସେମାନଙ୍କ ମଧ୍ୟରେ ରହିଛନ୍ତି, ୱିମ୍ବେଲଡନ ଚାମ୍ପିୟନ ମାର୍କେଟା ଭୋନ୍ଦ୍ରୋସୋଭା, ଅଷ୍ଟ୍ରେଲିଆନ ଓପନ୍‌ ଚାମ୍ପିୟନ ଆରିନା ସାବାଲେଙ୍କା, ୨୦୧୭ ୟୁଏସ୍ ଓପନ ରନର ଅପ୍ ମାଡିସନ କିଜ୍, ୩ଥର ଗ୍ରାଣ୍ଡସ୍ଲାମ ସେମିଫାଇନାଲିଷ୍ଟ ଏଲିନା ସ୍ୱିତୋଲିନା ଏବଂ ୧୩ ନମ୍ବର ସିଡ୍ ଦାରିଆ କାସାଟକିନା।

## ଅଲ୍‌କାରାଜ ତୃତୀୟ ରାଉଣ୍ଡରେ

ଗତଥରର ପୁରୁଷ ଚାମ୍ପିୟନ କାର୍ଲୋସ ଅଲ୍‌କାରାଜ ୬-୩, ୬-୧, ୭-୬ (୪)ରେ ଲୟଡ ହାରିସଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୦୧୬ ୟୁଏସ ଓପନ ସମେତ ୩ ଗ୍ରାଣ୍ଡସ୍ଲାମ ବିଜେତା ଷ୍ଟାନ ୱାଭ୍ରିଙ୍କା ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିବା ବେଳେ ୨୦୨୧ ୟୁଏସ୍ ଓପନ ସମେତ ୩ ଗ୍ରାଣ୍ଡସ୍ଲାମ ବିଜେତା ୩୬ ବର୍ଷୀୟ ଆଣ୍ଡି ମୁରେ ପରାସ୍ତ ହୋଇଛନ୍ତି। ୱାଭ୍ରିଙ୍କା ୩୦ତମ ସିଡ୍ ଟୋମାସ ମାର୍ଟିନ ଇଚେଭେରିଙ୍କୁ ୭-୬ (୬), ୬-୭(୭), ୬-୩, ୬-୨ରେ ପରାସ୍ତ କରିଥିବା ବେଳେ ମୁରେ ୬-୩, ୬-୪ ୬-୧ ସେଟ୍‌ରେ ୧୯ ନମ୍ବର ଖେଳାଳି ଗ୍ରିଗୋର ଦିମିତ୍ରୋଭଙ୍କଠାରୁ ହାରିଯାଇଛନ୍ତି।

## ୟୁକି, ସାକେତ ବିଦା

ଭାରତର ୟୁକି ଭାମ୍ବ୍ରି ଓ ସାକେତ ମାଇନେନି ୟୁଏସ ଓପନରେ ସେମାନଙ୍କ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ଫଳରେ ରୋହନ ବୋପାନ୍ନା ବର୍ତ୍ତମାନ ଏକମାତ୍ର ଭାରତୀୟ ଖେଳାଳିଭାବେ ତିଷ୍ଠି ରହିଛନ୍ତି। ପୋଲାଣ୍ଡର ତଥା ୯ମ ସିଡ୍ ହୁଗୋ ନିସ୍ ଏବଂ ଜାନ୍ ଜେଲିନସ୍କି ସହଜରେ ଭାମ୍ବ୍ରି ଏବଂ ତାଙ୍କ ବ୍ରାଜିଲିଆନ ପାର୍ଟନର ମାର୍ସିଲୋ ଡେମୋଲିନରଙ୍କଠାରୁ ୬-୩, ୭-୫ ସେଟ୍‌ରେ ହାରିଯାଇଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ